

ବଂଶିକାଙ୍କ ହାତ ଧରିବେ କୁଲ୍‌ଦୀପ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-252 ♦WEDNESDAY ♦11 MARCH 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୫୨ ♦ବୁଧବାର ♦୧୧ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


ଦଶମ ଦିନରେ ମହାଯୁଦ୍ଧ

# ଭୟଙ୍କର ହେଉଛି ଆକ୍ରମଣ

## ଲିଟରେ ତୈଳ ବି ବାହାରକୁ ଯିବାକୁ ଦେବୁନି: ଇରାନ

### ତେହରାନ ପରମାଣୁ ପରୀକ୍ଷାଗାରରେ ଇସ୍ରାଏଲର ଆକ୍ରମଣ

### ହର୍ମୁଜ ଜଳପଥ ବନ୍ଦ କଲେ ଆକ୍ରମଣ ୨୦ ଗୁଣା ବଢ଼ିବ: ଟ୍ରମ୍ପ

■ ତେହରାନ/ୱାସିଂଟନ, ୧୦।୩ (ଏଜେନ୍ସି): ଦୁଇ ଦୁଇଟି ଯୁଦ୍ଧ ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଛି। ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ବଡ଼ ବଡ଼ ଦାବି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ଯୁଦ୍ଧରେ ମାତିଛନ୍ତି। ଗୋଟିଏ ପରେ ଗୋଟିଏ ଦେଶକୁ ନିଜ ଇଙ୍ଗିତରେ ନଚେଇବା ପାଇଁ ଟ୍ରମ୍ପ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଭେନେଜୁଏଲା ପରେ ଇରାନରେ ଆକ୍ରମଣ କରି ବିଶ୍ୱବାସୀଙ୍କ ପାଇଁ ଟ୍ରମ୍ପ କାଳ ପାଲଟିଛନ୍ତି। ନିଜ ଦେଶରେ ସମାଲୋଚନାର ସରବ୍ୟ ହେଉଥିବା ଆମେରିକା ରାଷ୍ଟ୍ରପତି ଅନ୍ୟ ଦେଶର ସର୍ବେସର୍ବା ହେବାକୁ ଚାହୁଁଛନ୍ତି। ମାତ୍ର ଟ୍ରମ୍ପଙ୍କ ଏଭଳି ଏକଛତ୍ରନୀତିକୁ ଇରାନ ବରଦାସ୍ତ କରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି। ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣକୁ ଇରାନ ଦୃଢ଼ ଜବାବ ଦେଉଛି। ଯୁଦ୍ଧରେ ନଇଁବୁ ନାହିଁ। ଆମେ ଅସ୍ତ୍ରବିରତି ଚାହୁନୁ। ଏହି ଯୁଦ୍ଧରେ ଦେଶର ସ୍ଥିତି ଭାରି ରହିଛି ବୋଲି କୁହାଯାଇଛି। କ୍ରମାଗତ ୧୧ ଦିନରେ ବାହାରିନ, ସାଉଦି ଆରବ, କୁଏଇ, ୟୁଏଇ ଆଦିରେ ଇରାନ ଡ୍ରୋନ ଆକ୍ରମଣ କରିଛି। ହର୍ମୁଜ ଷ୍ଟ୍ରିଟକୁ ଇରାନ ବନ୍ଦ କରି ଆମେରିକା ଏବଂ ଇସ୍ରାଏଲର ନାକରେ ଦମ କରି ରଖିଛି। ଲିଟରେ ତେଲ ବି ବାହାରକୁ ଯିବାକୁ ଦିଆଯିବ ନାହିଁ ବୋଲି ଇରାନ ଚେତାବନୀ ଦେଇଛି। ଆଉ ଅନୁମତି ପାଇଁ ଅଜବ ସର୍ତ୍ତ ରଖିଛି। ଏହା ଅନ୍ୟ ଦେଶଗୁଡ଼ିକ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଯେଉଁ ଦେଶ ଇସ୍ରାଏଲ ଏବଂ ଆମେରିକା ରାଷ୍ଟ୍ରଦୂତଙ୍କୁ ନିଜ ଦେଶରୁ ବାହାର କରିବେ, ସେହି ଦେଶର ତୈଳ ଟ୍ୟାଙ୍କରକୁ ହର୍ମୁଜ ଦେଇ ଯିବାକୁ ଅନୁମତି ଦିଆଯିବ ବୋଲି ଇରାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ▶ପୃଷ୍ଠା-୭

### ଟ୍ରମ୍ପ-ପୁଟିନ ଆଲୋଚନା

■ ୱାସିଂଟନ, ୧୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନକୁ ଅକୁଣ୍ଠ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଏହାର କିଛି ସମୟ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ରୁଷ ପ୍ରତିପକ୍ଷଙ୍କ ସହ କଥା ହୋଇଛନ୍ତି। ଆମେରିକା ପକ୍ଷରୁ ହୋଇଥିବା ଏହି ଆଲୋଚନା ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଟ୍ରମ୍ପ ଏବଂ ପୁଟିନ ଇରାନ ଓ ୟୁକ୍ରେନ ଯୁଦ୍ଧ, ବିଶ୍ୱ ତୈଳ ବଜାର ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଭୟ ଯୁଦ୍ଧର ସମାଧାନ ଉପରେ ଜୋର ଦେଇଥିଲେ। ଏହି ଆଲୋଚନା ଗଠନମୂଳକ ଥିଲା ବୋଲି ▶ପୃଷ୍ଠା-୭

## ଅଧା ବିଶ୍ୱରେ ଇନ୍ଧନ ସଙ୍କଟ




ବାଣିଜ୍ୟିକ ସିଲିଣ୍ଡର ଉପରେ କେନ୍ଦ୍ର ସରକାରଙ୍କ କଟକଣା

ଏଲ୍‌ପିଜି ଉତ୍ପାଦନ ବୃଦ୍ଧି ପାଇଁ ବିଶୋଧନାଗାରକୁ ନିର୍ଦ୍ଦେଶ

ପାକିସ୍ତାନରେ ମନ୍ତ୍ରୀଙ୍କ ବେତନ ବନ୍ଦ; ବିଦେଶ ଯାତ୍ରା ସ୍ଥଗିତ

ଥାଇଲାଣ୍ଡରେ ଅଫିସ୍ ଲିଫ୍ଟ ବନ୍ଦ, ଭିଏତନାମରେ ଘରୁ କାମ

■ ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣର ପ୍ରଭାବ ଏବେ ସାରା ବିଶ୍ୱରେ ପଡ଼ିଛି। ୟୁରୋପ ଓ ଏସୀୟ ମହାଦେଶ ଏବେ ନୂଆ ସଙ୍କଟର ସାମ୍ନା କରିବାକୁ ଯାଉଛି। ତୈଳ ଇନ୍ଧନ ଓ ପ୍ରାକୃତିକ ଗ୍ୟାସ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାର ପ୍ରଭାବରେ ଅଧାବିଶ୍ୱ ପ୍ରଭାବିତ ହୋଇଛି। ୟୁରୋପୀୟ ଦେଶ ସମୂହ ରୁଷରୁ ପ୍ରାକୃତିକ ଗ୍ୟାସ ଆମଦାନୀ କରୁଥିବାରୁ କିଛି ପରିମାଣରେ ଆଶ୍ୱସ୍ତ ଅଛନ୍ତି, ମାତ୍ର ମଧ୍ୟପ୍ରାଚ୍ୟରୁ ତୈଳ ଓ ଗ୍ୟାସ ଆମଦାନୀ କରୁଥିବା ଏସୀୟ ଦେଶଗୁଡ଼ିକ ଗୁରୁତର ଇନ୍ଧନ ସଙ୍କଟକୁ ସମ୍ମୁଖୀନ ହେବାକୁ ଯାଉଛନ୍ତି। ଭାରତ ସରକାର ପ୍ରତିଷେଧାତ୍ମକ ପଦକ୍ଷେପ ସ୍ୱରୂପ ବାଣିଜ୍ୟିକ ଗ୍ୟାସ ଯୋଗାଣରେ କଟକଣା ଆରମ୍ଭ କରିଛନ୍ତି। ଯାହା ଫଳରେ ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ପ୍ରଭାବିତ ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶକୁ ପୁନର୍ବିଚାର କରିବାକୁ ହୋଟେଲ ଶିଳ୍ପ ସଂଘ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଏହା ସହ ଏଲ୍‌ପିଜି ଉତ୍ପାଦନ ପାଇଁ ତୈଳ ବିଶୋଧନାଗାରଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏହା କେତେ ସମୟ ଧରି ▶ପୃଷ୍ଠା-୭



## ଲୋକସଭାରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା

# ସରକାର-ବିରୋଧୀ ମୁହାଁମୁହିଁ

■ ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଲୋକସଭାରେ ଆଜି ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ବେଳେ ସରକାର ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ଗୃହ ପରିଚାଳନା ବେଳେ ବିର୍ଲା ଆଦୌ ନିରପେକ୍ଷ ରହୁ ନାହାନ୍ତି ବୋଲି ବିରୋଧୀ ଦଳ ସଭ୍ୟ ଅଭିଯୋଗ କରିବା ସହିତ ତାଙ୍କୁ ବାଚସ୍ପତି ପଦରୁ ହଟାଇବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷରେ ସରକାର ଏବଂ ବିଶେଷ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବାଚସ୍ପତିଙ୍କ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ ତାଙ୍କର ବିନା ଅନୁମତିରେ ଗୃହରେ କେହି କହିପାରିବେ ନାହିଁ। ବାଚସ୍ପତିଙ୍କ ଏଭଳି କ୍ଷମତାକୁ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଚାଲେଞ୍ଜ କରୁଥିବାରୁ ସେ ତାଙ୍କର ସମାଲୋଚନା କରିଥିଲେ।

ଟିଏମ୍‌ସି ପକ୍ଷରୁ ଆଲୋଚନା ଆରମ୍ଭ କରି ମହୁଆ ମୈତ୍ର କହିଥିଲେ ଯେ ଗୃହ ପରିଚାଳନା ବେଳେ ବିର୍ଲା ଯେଉଁ ପ୍ରକାର ପକ୍ଷପାତ ନୀତି ଅବଲମ୍ବନ କରୁଛନ୍ତି, ତାହାର ଦୃଷ୍ଟାନ୍ତ କେଉଁଠି ମିଳିବ ନାହିଁ। ବିରୋଧୀଙ୍କର କୌଣସି ମୁଲତବୀ ପ୍ରସ୍ତାବକୁ ଅନୁମତି ଦେଉନାହାନ୍ତି, ବିରୋଧୀ ଦଳର ସଭ୍ୟଙ୍କୁ ସସପେଣ୍ଡ କରିବାରେ ତାଙ୍କର ରେକର୍ଡ ରହିଛି, ବହୁତ କମ୍ ବିଲକୁ ଯାଞ୍ଚ ପାଇଁ ସଂସଦୀୟ କମିଟିକୁ ପଠାଉଛନ୍ତି, ବିରୋଧୀ ସଭ୍ୟଙ୍କୁ କହିବାକୁ ଅନୁମତି ଦେଉ ନାହାନ୍ତି। ବିରୋଧୀ ସାଂସଦ କହିଲା ବେଳେ ସେମାନଙ୍କର ମାଇକ୍ ସୁଇଚ୍ ଅଫ୍ ▶ପୃଷ୍ଠା-୭

### ଯୁଦ୍ଧରେ ଫସିଛନ୍ତି ଲକ୍ଷଲକ୍ଷ ଓଡ଼ିଆ।

# ନବୀନଙ୍କ ଉଦ୍‌ବେଗ



ତୁରନ୍ତ ସବୁ ଓଡ଼ିଆଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ଦାବି

■ ଭୁବନେଶ୍ୱର, ୧୦।୩ (ସମିସ): ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଥିବାବେଳେ ସେଠାରେ ରହୁଥିବା ଲକ୍ଷ ଲକ୍ଷ ଓଡ଼ିଆଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶା ସରକାର ବଡ଼ ବଡ଼ କଥା ନ କହି ତୁରନ୍ତ ସମସ୍ତ ଓଡ଼ିଆଙ୍କୁ ଯୁଦ୍ଧ ଅଞ୍ଚଳରୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ସାମାଜିକ ଗଣମାଧ୍ୟମରେ ନବୀନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ମଧ୍ୟରେ ଫସି ରହିଥିବା ଲକ୍ଷ ଲକ୍ଷ ଓଡ଼ିଆଙ୍କ ଭୟ ଓ ଭାବାବେଗକୁ ମୁଁ ଅନୁଭବ କରିପାରୁଛି। ଶ୍ରମିକଙ୍କଠୁ ଆରମ୍ଭ କରି ଛାତ୍ରଛାତ୍ରୀ, ପେସାଦାର, ପର୍ଯ୍ୟଟକ ତଥା ଭ୍ରମଣକାରୀମାନେ ଅତ୍ୟନ୍ତ ଭୟଭୀତ ଅଛନ୍ତି। ଏପଟେ ▶ପୃଷ୍ଠା-୭

# ନୂଆ ସରକାରରେ ବଢ଼ିଛି ଦାଦନ ଚାଲାଣ

## ଘୋଷଣା 'ଦାଦନ ମୁକ୍ତ'; କାର୍ଯ୍ୟ 'ଦାଦନ ଯୁକ୍ତ'

■ ଭୁବନେଶ୍ୱର, ୧୦।୩ (ସମିସ): ଦାଦନମୁକ୍ତ ଓଡ଼ିଶାର ସ୍ୱପ୍ନ ଦେଖାଇ ରାଜ୍ୟରେ ବିଜେପି ସରକାରକୁ ଆସିଲା। ନିର୍ବାଚନ ସମୟରେ କିଏ ପ୍ରତି ପଞ୍ଚାୟତରେ ୧୦୦ ଜଣଙ୍କୁ ନିଯୁକ୍ତି ଦେବ ତ କିଏ ନିଜ ଜିଲ୍ଲାରେ ରହି ରୋଜଗାର ଯୋଗାଇ ଦିଆଯିବ ବୋଲି କହଲେ। ମାତ୍ର ସରକାର ବଦଳିବା ପରେ ସ୍ଥିତି ମଧ ବଦଳି ଗଲା ଓ ପୂର୍ବାପେକ୍ଷା ଦାଦନଙ୍କ ସଂଖ୍ୟା ବଢ଼ିଗଲା। ଦାଦନଙ୍କ ସଂଖ୍ୟାକୁ ନେଇ ଖୋଦ୍ ରାଜ୍ୟ ସରକାର ଏଭଳି ତଥ୍ୟ ଦେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଗତ ୨୦୨୫ ମସିହାରେ ରାଜ୍ୟରୁ ମୋଟ୍ ୯୨ ହଜାର ୧୭୬ ଜଣ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ଏପରିକି ପୂର୍ବ ବର୍ଷ ଅର୍ଥାତ ୨୦୨୪ ମସିହାରେ ଏହି ସଂଖ୍ୟା ୭୦ ହଜାର ୧୪୨ ଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ପ୍ରାୟ ୨୨ ହଜାର ବୃଦ୍ଧି ପାଇଛି। ସରକାରୀ ଭାବେ ପଞ୍ଜିକୃତ ଦାଦନଙ୍କ ସଂଖ୍ୟା ଏତିକିରେ ସୀମିତ ରହିଥିବାବେଳେ, ବେସରକାରୀ ଭାବରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ। ବିଡ଼ମ୍ବନା ହେଉଛି ଦାଦନ ନିରାକରଣ କମିଟିର ଅଧ୍ୟକ୍ଷ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଜିଲ୍ଲା ସାରା ରାଜ୍ୟରେ ଶୀର୍ଷସ୍ଥାନରେ ରହିଛି।

**୨୦୨୫ରେ ଦାଦନ ଯାଇଛନ୍ତି ଅଧିକ ୨୨ ହଜାର ଶ୍ରମିକ**

**ଦାଦନ ନିରାକରଣ କମିଟି ଅଧ୍ୟକ୍ଷଙ୍କ ଜିଲ୍ଲା ସବୁଠୁ ଉପରେ**

ମଙ୍ଗଳବାର ବିଧାୟକ ଗୌତମବୁଦ୍ଧ ଦାସ ରାଜ୍ୟର ଦାଦନଙ୍କ ପାଇଁ ବିକଳ୍ପ ରୋଜଗାର ବ୍ୟବସ୍ଥା ସହ କେଉଁ ଜିଲ୍ଲାରୁ କେତେ ଶ୍ରମିକ ଦାଦନ ଖଟିବାକୁ ଯାଇଛନ୍ତି ବୋଲି ଜାଣିବାକୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଶ୍ରମମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି ଯେ ୨୦୨୫ରେ ମୋଟ୍ ୯୨ ହଜାର ୧୭୬ ଜଣ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇଛନ୍ତି। ୨୦୨୪ରେ ଏହି ସଂଖ୍ୟା ୭୦ ହଜାର ୧୪୨ ରହିଥିଲା। ଦାଦନ ଶ୍ରମିକଙ୍କ ତାଲିକାରେ ବଲାଙ୍ଗିର ଜିଲ୍ଲା ସବୁଠୁ ଆଗରେ ରହିଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିଜ ଜିଲ୍ଲାରୁ ସର୍ବାଧିକ ୬୫ ହଜାର ୩୦୯ ଜଣ ଦାଦନ ଶ୍ରମିକ ବାହାର ▶ପୃଷ୍ଠା-୭







ଦୋଳଯାତ୍ରାରୁ ମହାଯାତ୍ରା

## ଦୁର୍ଘଟଣାରେ ୩ ମୃତ

■ ବିଷମକଟକ/ଦୁର୍ଗୀ, ୧୦।୩ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଦୁର୍ଗୀ ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ନିକଟ ଦେଇ ଯାଇଥିବା ୪୬ନମ୍ବର ରାଜ୍ୟ ରାଜପଥ ଆଜି ୩ ଜଣଙ୍କ ମୁଣ୍ଡ ନେଇଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ରାମନଗୁଡ଼ା ବ୍ଲକ୍ ବଡ଼ ବାଟପୁଲିସ ଗ୍ରାମର ଆକାଶ ମାଣ୍ଡାଙ୍ଗି ଏବଂ କୋଲନରା ବ୍ଲକ୍ ବୁରୁଜୁଗୁଡ଼ା ଗ୍ରାମର ବୀରସିଂ ହିକକା ଓ ରବି ପିର୍ବାକା। ଏହି ଘଟଣାରେ ଅନ୍ୟ ଜଣେ ଯୁବକ ଧନୁର୍ଜୟ ହିକକା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଷମକଟକ ପୁଲିସ ମେଡିକାଲରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ବୀରସିଂ, ଧନୁର୍ଜୟ ଓ ରବି ଏକ ବାଇକ୍‌ରେ ଦୁର୍ଗୀ ଗାଁରେ ହେଉଥିବା ଦୋଳଯାତ୍ରା ଦେଖିବା ପାଇଁ ଯାଇଥିଲେ। ଏହି ସମୟରେ ଆକାଶ ▶ପୃଷ୍ଠା-୭





# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଟ୍ରମ୍ପଙ୍କ ଭୟଙ୍କର ଯୋଜନା

## ତେଲ ପରିବହନ ପାଇଁ ଇରାନର ଖାର୍ଗ ଦ୍ୱୀପକୁ କରିବେ କବ୍‌ଜା!

ତେହରାନ, ୧୦।୩ (ଏଜେନ୍ସି): ଇରାନ ଆକ୍ରମଣ ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ପରେ ଗୋଟିଏ କୁଟୀଳ ଯୋଜନା ସାମ୍‌ନାକୁ ଆସିବାରେ ଲାଗିଛି। ଯୁଦ୍ଧ ପାଇଁ ହର୍ମୁଜ ଷ୍ଟ୍ରେଟକୁ ଇରାନ ବନ୍ଦ କରିଦେଇଛି। ଏପରି ସ୍ଥଳରେ ହର୍ମୁଜ ଷ୍ଟ୍ରେଟ ନିକଟରେ ଥିବା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପର ମହତ୍ତ୍ୱ ବଢ଼ି ଯାଇଛି। ଏହି ମାର୍ଗ ଦେଇ ଇରାନର ୯୦ ପ୍ରତିଶତ ତୈଳ କାରବାର ହେଉଛି। ଏହାର ଇରାନର ପ୍ରମୁଖ ତୈଳ କେନ୍ଦ୍ର ପାଲଟି ଯାଇଛି। ତେଣୁ ଆମେରିକା ରାଷ୍ଟ୍ରପତି ଏହି ଦ୍ୱୀପକୁ କବ୍‌ଜା କରିବା ପାଇଁ ଚାହୁଛନ୍ତି। ଏଥିପାଇଁ ଟ୍ରମ୍ପ ସେନା ବି ପଠାଇ ପାରନ୍ତି। ଏବେ ଏହା ଉପରେ ବିଚାରବିମର୍ଶ ଜାରି ରହିଛି।

ସୂଚନା ଅନୁଯାୟୀ ଖାର୍ଗ ଦ୍ୱୀପରେ ବଡ଼ ବଡ଼ ତୈଳ ଟର୍ମିନାଲ୍, ପାଇପଲାଇନ, ଷ୍ଟୋରେଜ୍ ଟ୍ୟାଙ୍କ ଏବଂ ଜାହାଜରେ ତେଲ ଭରିବା ପାଇଁ ସୁବିଧା ରହିଛି। ଏଠାରୁ ପ୍ରତିଦିନ ପ୍ରାୟ ୭୦ ଲକ୍ଷ ବ୍ୟାରେଲ ପର୍ଯ୍ୟନ୍ତ ତେଲ ଜାହାଜରେ ଭର୍ତ୍ତି କରାଯାଇପାରିବ।

୧୯୬୦ରେ ବିଦେଶୀ ପୁଞ୍ଜିନିବେଶ ପରେ ଏହି ସ୍ଥାନକୁ ଏକ ବଡ଼ ତୈଳ ରପ୍ତାନୀ କେନ୍ଦ୍ର ଭାବେ ବିକଶିତ କରାଯାଇଥିଲା। ସେବେଠାରୁ ଏହା ଇରାନ ତୈଳ ଯୋଗାଣର ମେରୁଦଣ୍ଡ ପାଲଟିଛି। ହଡସନ୍ ଇନଷ୍ଟିଚ୍ୟୁଟର ସିନିୟର ଫେଲୋ ମାଇକେଲ୍ ଡୋରାନ୍ କହିଛନ୍ତି ଯେ ଯୁଦ୍ଧ ସତ୍ତ୍ୱେ ଇରାନର ସମ୍ପୂର୍ଣ୍ଣ ଅର୍ଥବ୍ୟବସ୍ଥାକୁ ଆମେରିକା ଛାରଖାର କରିବାକୁ ଚାହୁଁନାହିଁ। ଆମେରିକା ନିଜ ସୀମା ଭିତରେ ରହି



କିଛି ନିର୍ଦ୍ଦିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ଆକ୍ରମଣ କରିବ ନାହିଁ। ଯଦି ଏହି ସ୍ଥାନଗୁଡିକ ଉପରେ ଆକ୍ରମଣ ହୁଏ, ତେବେ ଇରାନ ବଡ଼ ଧରଣର ପାଲଟା ଆକ୍ରମଣ କରିପାରେ। ଏହା ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିପାରେ।

ଇରାନର ଅନେକ ସାମରିକ ଘାଟି ଏବଂ ଆଣବିକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରି ଆମେରିକା ଏବଂ ଇସ୍ରାଏଲ୍ ଆକ୍ରମଣ କରୁଛନ୍ତି। ମାତ୍ର ଖାର୍ଗ ଦ୍ୱୀପ ଉପରେ ଏପର୍ଯ୍ୟନ୍ତ ଆକ୍ରମଣ ହୋଇନାହିଁ। ଏଠାରେ ଆକ୍ରମଣ ହେଲେ ବିଶ୍ୱରେ ତୈଳ ଦର ହୁ ହୁ ହୋଇ ବଢ଼ିବ। ଇରାନର ଅର୍ଥ ବ୍ୟବସ୍ଥା ଧ୍ୱଂସ ହୋଇଯିବ। ସାଟେଲାଇଟ୍ ଡାଟା ଏବଂ ଜାହାଜଗୁଡ଼ିକ ଉପରେ ନଜର ରଖୁଥିବା କମ୍ପାନୀଗୁଡିକ ଅନୁଯାୟୀ, ଯୁଦ୍ଧ ଜାରି ରହିଥିଲେ ବି ଇରାନ ଏଠାରୁ କ୍ରମାଗତ ଭାବରେ ତେଲ ରପ୍ତାନୀ

**■ ଖାର୍ଗ ଦ୍ୱୀପରୁ ଭୂତ ଜାହାଜରେ ଚାଲିଛି କାରବାର**
**■ ଦ୍ୱୀପ ଦେଇ ହେଉଛି ୯୦% ତୈଳ କାରବାର**
**■ ଆକ୍ରମଣ ହେଲେ ବିଶ୍ୱଯୁଦ୍ଧ ବିପଦ: ବିଶେଷଜ୍ଞ**

କରୁଛି। ରିପୋର୍ଟ ଅନୁଯାୟୀ, ଫେବୃଆରୀ ୨୮ ରୁ ଏପର୍ଯ୍ୟନ୍ତ ଟ୍ୟାଙ୍କର ଜରିଆରେ ୧.୨ କୋଟି ବ୍ୟାରେଲରୁ ଅଧିକ ତେଲ ବାହାରକୁ ପଠାଗଲାଣି। ପ୍ରକୃତ ସଂଖ୍ୟା ଏହାଠାରୁ ଅଧିକ ହୋଇଥାଇପାରେ। କାରଣ ଇରାନର ଅନେକ ଜାହାଜ ନିଜର ଟ୍ରାକିଂ ସିଷ୍ଟମ ବନ୍ଦ କରି ଚଳାଚଳ କରନ୍ତି। ଇରାନ ଅନେକ ସମୟରେ ଡାର୍କ ଫ୍ଲିଟ୍ ତଥା ଭୂତ ଜାହାଜ ବ୍ୟବହାର କରି କାରବାର କରୁଛି। ଏହି ଜାହାଜଗୁଡ଼ିକ ଅବସ୍ଥିତି ଦର୍ଶାଉଥିବା ଟ୍ରାକିଂ ମେସିନ୍ ବନ୍ଦ କରି ଦିଅନ୍ତି, ଫଳରେ ସେଗୁଡ଼ିକୁ ଟ୍ରାକ୍ କରିବା କଷ୍ଟକର ହୋଇଯାଏ। ପାରସ୍ୟ ଉପସାଗରରେ ଇରାନ ଉପକୂଳରୁ ପ୍ରାୟ ୨୫ ରୁ ୩୦ କିମି ଦୂରରେ ଖାର୍ଗ ଦ୍ୱୀପ ରହିଛି।

ନିକଟରେ ଏକ ବଡ଼ ତୈଳ ଟ୍ୟାଙ୍କର ହର୍ମୁଜ ଷ୍ଟ୍ରେଟ ଅତିକ୍ରମ କରିବା ସମୟରେ କିଛି ସମୟ ପାଇଁ ଟ୍ରାକିଂରୁ ଗାଏବ ହୋଇଯାଇଥିଲା। ପରେ ପୁଣି ଦୃଶ୍ୟମାନ ହୋଇଥିଲା। ସେହି ଜାହାଜଟି ଏସିଆ ଅଭିମୁଖେ ଯାଉଥିଲା। ହର୍ମୁଜ ନିକଟରେ ଥିବା ଖାର୍ଗ ଦ୍ୱୀପ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ତୈଳ ମାର୍ଗ ମଧ୍ୟରୁ ଅନ୍ୟତମ। ବିଶ୍ୱର ପ୍ରାୟ ୨୦% ତେଲ ଏହି ପଥ ଦେଇ ଯାଇଥାଏ। ରିପୋର୍ଟ ଅନୁଯାୟୀ, ଯଦି ଖାର୍ଗ ଦ୍ୱୀପର ତୈଳ ଟର୍ମିନାଲକୁ ଧ୍ୱଂସ କରିଦିଆଯାଏ କିମ୍ବା ତାହାକୁ କବଜା କରାଯାଏ, ତେବେ ଇରାନର ସବୁଠାରୁ ବଡ଼ ଆୟ ବନ୍ଦ ହୋଇଯାଇପାରେ ବୋଲି ଆମେରିକା ବିଚାର କରୁଛି। ବିଶେଷଜ୍ଞଙ୍କ ଅନୁଯାୟୀ, ତେଲ ବିକ୍ରିରୁ ମିଳୁଥିବା ଅର୍ଥ ଇରାନର ସାମରିକ ଶକ୍ତି ପାଇଁ ସବୁଠାରୁ ବଡ଼ ଆର୍ଥିକ ଉତ୍ସ ପାଲଟି ଯାଇଛି । ଯଦି ଏହା ବନ୍ଦ ହୋଇଯାଏ, ତେବେ ଇରାନ ପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବା କଷ୍ଟକର ହୋଇପଡ଼ିବ।

---

ନ୍ୟାୟପାଳିକାରେ ଦୁର୍ନୀତି ବିଷୟ ମାମଲା

## ନିଃସର୍ତ୍ତ କ୍ଷମା ମାଗିଲା ଏନ୍‌ସିଇଆରଟି

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ବିଷୟକୁ ନେଇ ନ୍ୟାସନାଲ କାଉନସିଲ ଅଫ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ତଥା ଏନସିଇଆରଟି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛି। ଏହି ବିଷୟକୁ ନେଇ ଦେଶର ବିବାଦ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସର୍ବୋଚ୍ଚ ନ୍ୟାୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରି ସରକାରଙ୍କୁ ସମାଲୋଚନା କରିଥିଲେ। ଏହାର ବିକ୍ରି ଉପରେ କଟକଣା ଲଗାଇ ଦେଇଥିଲେ। ନ୍ୟାୟପାଳିକାକୁ ବଦନାମ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ। ଏବେ ଏନ୍‌ସିଇଆରଟି ପକ୍ଷରୁ କୁହାଯାଇଛି ଯେ ସାମାଜିକ ବିଜ୍ଞାନର ଅଷ୍ଟମ ଶ୍ରେଣୀ (ପାର୍ଟ-୨) ପାଠ୍ୟପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟୋଣ୍ଡ'ର ଚତୁର୍ଥ ଅଧ୍ୟାୟ 'ଦି ରୋଲ୍ ଅଫ୍ ଜୁଡିସିୟାରୀ ଇନ୍ ଆୱାର ସୋସାଇଟି' ଥିଲା। ଏହାକୁ ନେଇ ଏନସିଇଆରଟିର ନିର୍ଦ୍ଦେଶକ ଏବଂ ସଦସ୍ୟମାନେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ସମ୍ପୂର୍ଣ୍ଣ ବହିକୁ ପ୍ରତ୍ୟାହାର କରି ନିଆଯାଇଛି । ଏବେ ଏହା ଆଉ ଉପଲବ୍ଧ ନାହିଁ।

## ୨୬ ନେତା ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**୧୬ରେ ୧୧ ଆସନ ପାଇଁ ମୁକାବିଲା**

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ହେବାକୁ ଯାଉଛି। ମାତ୍ର ଏହା ପୂର୍ବରୁ ୭ ରାଜ୍ୟରୁ ୨୬ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଏନ୍‌ସିପି (ଶରଦ) ମୁଖ୍ୟ ଶରଦ ପାୱାର, କଂଗ୍ରେସର ଅଭିଷେକ ମନୁ ସିଂଘଭୀ, କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ, ବାବୁଲ ସୁପ୍ରିୟୋ, ପୂର୍ବତନ ଡିଜିପି ରାଜୀବ କୁମାର ପ୍ରମୁଖ ସାମିଲ ଅଛନ୍ତି। ଅନେକ ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ପ୍ରାର୍ଥୀ ଦେଇ ନ ଥିବାରୁ ଏପରି ହୋଇଛି। ଅନ୍ୟପଟେ ବିହାରର ୫, ଓଡ଼ିଶାର ୪, ହରିୟାଣାର ୨ ଆସନ ପାଇଁ ଆସନ୍ତା ୧୬ ତାରିଖରେ ମତଦାନ ହେବ। ଏହି ନିର୍ବାଚନରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ବିଜେପି ଅଧ୍ୟକ୍ଷ ନିତିନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବାର ସମ୍ଭାବନା ରହିଛି। ୧୦ ରାଜ୍ୟର ୩୭ ଆସନ ପାଇଁ ମତଦାନ ହେବାର ଥିଲା। ଏହି ସବୁ ଆସନ ପାଇଁ ୪୦ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏବେ ୧୧ ରାଜ୍ୟରେ ୧୪ ପ୍ରାର୍ଥୀ ମୈଦାନରେ ଅଛନ୍ତି। ଏଥିପାଇଁ ବିହାର, ଓଡ଼ିଶା, ହରିୟାଣାରେ ଗୋଟିଏ ଲେଖାଏଁ ଆସନରେ ମୁକାବିଲା ହେବ।

## ମେଘାଳୟରେ ହିଂସା; ୨ ମୃତ

ସିଲଂ, ୧୦।୩ (ଏଜେନ୍ସି): ମେଘାଳୟର ଚିବିନାଙ୍ଗ ଅଞ୍ଚଳରେ ମଙ୍ଗଳବାର ଉତ୍ତେଜନା ଏବଂ ହିଂସା ସୃଷ୍ଟି ହୋଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନା ମୁତୟନ କରାଯାଇଛି। ଉପଦ୍ରବୀଙ୍କୁ ହଟାଇବା ପାଇଁ ସୁରକ୍ଷା ବାହିନୀ ଗୁଳି ମାଡ଼ କରିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଆଦିବାସୀ ଏବଂ ଅଣ-ଆଦିବାସୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ସୂଚନା ଅନୁଯାୟୀ, ଦୁଇ ମୃତକ ଚିବିନାଙ୍ଗ କ୍ଷେତ୍ରର ବାସିନ୍ଦା। ଗାରୋ ହିଲ୍ସର ସ୍ୱାୟତ୍ତ ଜିଲ୍ଲା ପରିଷଦ (ଜିଏଚଏଡିସି) ନିର୍ବାଚନକୁ ନେଇ ଆଦିବାସୀ ଏବଂ ଅଣ-ଆଦିବାସୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହି ସମୟରେ ବେଆଇନ ଭାବେ ଏକାଠି ହୋଇଥିବା ଭିଡ଼କୁ ହଟାଇବା ପାଇଁ ପୁଲିସ ଗୁଳି ମାଡ଼ କରିଥିଲା। ଏବେ ଅଞ୍ଚଳରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ଆଇନବ୍ୟବସ୍ଥା ବଜାୟ ରଖିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ଡକାଯାଇଛି। ସେନା ଫ୍ଲାଗ ମାର୍ଚ୍ଚ କରୁଛି।

## ମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ: ଏକାଠି କାମ କର

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଂଘର୍ଷକୁ ଦେଖି ସବୁ ମନ୍ତ୍ରୀ ଏବଂ ମନ୍ତ୍ରାଳୟକୁ ମିଳିମିଶି କାମ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ଦ୍ଦେଶ ଦେଇଛନ୍ତି। ମୋଦୀ କହିଛନ୍ତି ଯେ ଲୋକମାନଙ୍କ ଉପରେ ମଧ୍ୟପ୍ରାଚ୍ୟ ସଙ୍କଟର ପ୍ରଭାବକୁ ସୀମିତ କରିବା ପାଇଁ ପ୍ରୟାସ କରନ୍ତୁ। କୌଣସି ସମ୍ଭାବ୍ୟ ଆହ୍ୱାନର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରୁହନ୍ତୁ। ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନେକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। ସୂଚନା ଅନୁଯାୟୀ, ଇସ୍ରାଏଲ-ଆମେରିକା ଏବଂ ଇରାନ ସଂଘର୍ଷକୁ ଦେଖି ମୋଦୀ ମନ୍ତ୍ରୀମାନଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ଅନ୍ତର୍ଜାତୀୟ ସଙ୍କଟର ପ୍ରଭାବ ସାଧାରଣ ଉପରେ ନ ପଡ଼ିବା ପାଇଁ ଦରଦାମ ବୃଦ୍ଧି, ଇନ୍ଧନ ଯୋଗାଣ ଏବଂ ଜରୁରୀ ସାମଗ୍ରୀର ଉପଲବ୍ଧ ହେବାକୁ ନେଇ ସତର୍କ ରହିବାକୁ କହିଥିଲେ।

---

## ଆମେରିକା ସହ ଆଲୋଚନା ହେବନି: ଇରାନ

ତେହରାନ, ୧୦।୩ (ଏଜେନ୍ସି):ଆମେରିକା ସହିତ ଆଲୋଚନା କରିବାର ଆଉ କୌଣସି ସୁଯୋଗ ନାହିଁ। ଇରାନର ସେନା ଦୀର୍ଘକାଳୀନ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଛି। ଇରାନ ସର୍ବୋଚ୍ଚ ନେତାଙ୍କ ବୈଦେଶିକ ନୀତି ପରାମର୍ଶଦାତା କମାଲ ଖରାଜୀ ଏହା କହିଛନ୍ତି। ଏକ ସାକ୍ଷାତକାରରେ ସେ କହିଥିଲେ ଯେ ଆମେରିକା ପୂର୍ବରୁ ମଧ୍ୟ ଆଲୋଚନା ସମୟରେ ଦେଇଥିବା ନିଜର ପ୍ରତିଶ୍ରୁତି ପୂରଣ କରିନାହିଁ। ଆଲୋଚନା ଜାରି ଚାଲିଥିବାବେଳେ ହିଁ ଇରାନ ଉପରେ ଆକ୍ରମଣ କରାଯାଇଛି। ବର୍ତ୍ତମାନର ଯୁଦ୍ଧ ଦୀର୍ଘ ସମୟ ଧରି ଚାଲିପାରେ। ଏହା ସେପର୍ଯ୍ୟନ୍ତ ଜାରି ରହିପାରେ ଯେପର୍ଯ୍ୟନ୍ତ ଆମେରିକା ଓ ତା'ର ସହଯୋଗୀମାନଙ୍କ ଉପରେ ଆର୍ଥିକ ଚାପ ନ ବଢ଼ିଛି। ଇରାନର ସାମରିକ ଏବଂ ରାଜନୈତିକ ନେତୃତ୍ୱ ଏହି ସଂଘର୍ଷରେ ଏକଜୁଟ ଅଛନ୍ତି। ଦେଶ ଦୀର୍ଘ ସମୟ ପର୍ଯ୍ୟନ୍ତ ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି।

### ପାଟ୍ରିୟଟ ଡିଫେନ୍ସ ସିଷ୍ଟମ ମୁତୟନ କଲା ତୁର୍କୀ



ଇରାନ ଆକ୍ରମଣକୁ ଦେଖି ତୁର୍କୀ ନିଜ ଦେଶରେ ପାଟ୍ରିଅଟ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ଦେଶର ସୀମା ଏବଂ ଆକାଶମାର୍ଗର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ତୁର୍କୀ ପ୍ରତିରକ୍ଷା ମନ୍ତ୍ରାଳୟ କହିଛି। ଏଥିପାଇଁ ନାଟୋ ଏବଂ ଅନ୍ୟ ସହଯୋଗୀ ଦେଶମାନଙ୍କ ସହିତ ମଧ୍ୟ କ୍ରମାଗତ ଭାବରେ ଆଲୋଚନା ଚାଲିଛି। ଏହି ପ୍ରତିରକ୍ଷା ପ୍ରଣାଳୀକୁ ବିମାନ, କ୍ରୁଜ୍ ମିସାଇଲ୍, ଟାକ୍ଟିକାଲ୍ ବାଲିଷ୍ଟିକ୍ ମିସାଇଲ୍, ଡ୍ରୋନ୍ ଏବଂ କିଛି ହାଇପରସୋନିକ୍ କ୍ଷେପଣାସ୍ତ୍ରକୁ ରୋକିବା ପାଇଁ ଡିଜାଇନ୍ କରାଯାଇଛି। ତୁର୍କୀର ମାଲାତ୍ୟା ସହରରେ ପାଟ୍ରିଅଟ୍ ଡିଫେନ୍ସ ସିଷ୍ଟମ ଲଗାଯାଉଛି। ଏହି ସହରରେ କୁରିଜେକ ସାମରିକ ଘାଟୀ ରହିଛି। ଏଠାରେ ଆମେରିକୀୟ ସୈନିକ ମଧ୍ୟ ମୁତୟନ ଅଛନ୍ତି।

### ଟ୍ରମ୍ପଙ୍କ ଧମକ: ସାବଧାନ ରୁହ; ନଚେତ ହତ୍ୟା କରାଯିବ



ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇଙ୍କ ନିଯୁକ୍ତିକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସବୁଠାରୁ ବଡ଼ ଭୁଲ କହିଛନ୍ତି। ସେ ତାଙ୍କୁ ଚେତାବନୀ ଦେଇଛନ୍ତି। ଶାନ୍ତିରେ ରଖାଇ ଦେବେନି ବୋଲି କହିଛନ୍ତି। ମାତ୍ର ଏହାକୁ ନେଇ ଇରାନ ରକ୍ତମୁଖା ହୋଇ ଉଠିଛି। ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନି ଆମେରିକା ରାଷ୍ଟ୍ରପତିଙ୍କୁ ଧମକ ଦେଇଛନ୍ତି। ତୁମଠାରୁ ବଡ଼ ଲୋକମାନେ ମଧ୍ୟ ଇରାନକୁ ଧ୍ୱଂସ କରିପାରିଲେ ନାହିଁ। ନିଜ ସତର୍କ ରୁହ, ନଚେତ୍ ତୁମେ ବି ହତ୍ୟାର ଶିକାର ହେବ ବୋଲି ଲାରିଜାନି ଟ୍ରମ୍ପଙ୍କୁ ଚେତାଇ ଦେଇଛନ୍ତି। ଅନ୍ୟପଟେ ଟ୍ରମ୍ପ କହିଛନ୍ତି ଯେ ଇରାନ ବିରୁଦ୍ଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନରେ ଆମେରିକା ଅନେକ କ୍ଷେତ୍ରରେ ବିଜୟ ହାସଲ କରିସାରିଛି, କିନ୍ତୁ ସମ୍ପୂର୍ଣ୍ଣ ବିଜୟ ମିଳିନାହିଁ। ଆମେରିକା ଏବେ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଭାବରେ ଆଗକୁ ବଢ଼ିବ। ଅନ୍ତିମ ବିଜୟ ହାସଲ କରି ଏହି ବିପଦକୁ ସବୁଦିନ ପାଇଁ ଶେଷ କରିବ। ରିପବ୍ଲିକାନ୍ ନେତାମାନଙ୍କ ବୈଠକରେ ଟ୍ରମ୍ପ କହିଛନ୍ତି ଯେ ଏହି ଅଭିଯାନ ପରେ ସମ୍ପୂର୍ଣ୍ଣ ବିଶ୍ୱ ପୂର୍ବପେକ୍ଷା ଅଧିକ ସୁରକ୍ଷିତ ହୋଇଯିବ। ଏହ ଅଭିଯାନ ବହୁତ ଶୀଘ୍ର ଶେଷ ହୋଇପାରେ।

## ଯୁଦ୍ଧରେ କେଉଁ ଦେଶର କ'ଣ କ୍ଷତି

**ଭାରତ:** କାତାର ଏବଂ ୟୁଏଇରୁ ଦେଶ ୫୯% ଏଲଏନଜି କ୍ରୟ କରିଥାଏ। ହର୍ମୁଜ ଷ୍ଟ୍ରେଟ ବନ୍ଦ ହେବା ଯୋଗୁଁ ଏହି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଲୋକଙ୍କୁ ମହଙ୍ଗା ମାଡ଼ ସହିବାକୁ ପଡୁଛି।

**ପାକିସ୍ତାନ:** କାତାର-ୟୁଏଇ ଉପରେ ନିର୍ଭରଶୀଳତା ଯୋଗୁଁ ଗମ୍ଭୀର ଶକ୍ତି ସଙ୍କଟ ଦେଖାଦେଇଛି। ମନ୍ତ୍ରୀମାନଙ୍କ ବିଦେଶ ଯାତ୍ରା ଉପରେ ରୋକ୍ ଲଗାଇ ଦିଆଯାଇଛି। ସ୍କୁଲଗୁଡ଼ିକୁ ଦୁଇ ସପ୍ତାହ ପାଇଁ ବନ୍ଦ କରାଯାଇଛି ଏବଂ 'ୱର୍କ ଫ୍ରମ୍ ହୋମ୍' ପାଇଁ ପରାମର୍ଶ ଦିଆଯାଇଛି।

**ବାଂଲାଦେଶ:** ପେଟ୍ରୋଲ-ଡିଜେଲ ବିକ୍ରି ଉପରେ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ବନ୍ଦ କରିଦିଆଯାଇଛି

**ଭିଏତନାମ:** ଜାଳେଣି ବଞ୍ଚାଇବା ପାଇଁ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ କୁହାଯାଇଛି।

**ଇଜିପ୍ଟ:** ରନ୍ଧନ ଗ୍ୟାସ ଦର ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଥାଇଲାଣ୍ଡ: ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ସାଉଦି ଆରବ:** ବିଶ୍ୱର ସବୁଠାରୁ ବଡ଼ ତୈଳ ବିଶୋଧନାଗାର 'ରାସ୍ ତନୁରା' ଆକ୍ରମଣ ଯୋଗୁଁ ଅଚଳ ହୋଇପଡ଼ିଛି।

**ପ୍ରବାସୀ ସଙ୍କଟ**

ଉପସାଗରୀୟ ଦେଶଗୁଡ଼ିକରେ ଫସି ରହିଥିବା ପ୍ରାୟ ୫୨,୦୦୦ ଭାରତୀୟ ସ୍ୱଦେଶ ଫେରିଛନ୍ତି ।ଇରାନରୁ ପ୍ରାୟ ୮୦ ହଜାର ଆଫଗାନ ନାଗରିକ ଫେରିଲେଣି। ପ୍ରତିଦିନ ୨,୦୦୦ ଆଫଗାନୀ ସୀମା ପାର୍ କରୁଛନ୍ତି। ମାର୍ଚ୍ଚ ୨ ରୁ ଏପର୍ଯ୍ୟନ୍ତ ୮୦ ହଜାରରୁ ଅଧିକ ସିରିଆ ନାଗରିକ ଲେବାନନ୍‌ରୁ ଫେରିଲେଣି। ଇସ୍ରାଏଲ ଆକ୍ରମଣରେ ଲେବାନନର ୫ ଲକ୍ଷ ଲୋକ ଦେଶ ଛାଡ଼ିଲେଣି।

**ବିମାନ ସଙ୍କଟ**

ଇରାନ ଏବଂ ଇସ୍ରାଏଲ ନିଜର ଆକାଶମାର୍ଗ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ୟୁଏଇ, କାତାର ଏବଂ କୁଏତ ମଧ୍ୟ ବାୟୁସୀମା ବନ୍ଦ କରିଛନ୍ତି, ଯାହା ଫଳରେ ହଜାର ହଜାର ବିମାନ ଉଡ଼ାଣ ବାତିଲ ହୋଇଛି। ଇରାକ ଆକାଶମାର୍ଗ ବନ୍ଦ ରଖିବା ଅବଧିକୁ ଆଉ ୭୨ ଘଣ୍ଟା ପାଇଁ ବଢ଼ାଇ ଦେଇଛି। ପାକିସ୍ତାନ ମଧ୍ୟ ନିଜ ବାୟୁସୀମାର କିଛି ଅଂଶ ବନ୍ଦ ରଖିଛି।

---

## ଇରାନର ଧମକ: ଏଥର ଏକ ଟନ୍ ଯୁଦ୍ଧାସ୍ତ୍ର ନେଉଥିବା କ୍ଷେପଣାସ୍ତ୍ର ମାଡ଼ କରିବୁ



**୨ ହଜାର ପାଉଣ୍ଡର ବଙ୍କର ଭେଦି ବୋମା ମାଡ଼ କଲା ଆମେରିକା**

ତେହରାନ, ୧୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟର ଯୁଦ୍ଧ ଧ୍ୱଂସଲୀଳା ସୃଷ୍ଟି କରିଛି। ଏପରି ସମୟରେ ଆମେରିକା ଏବଂ ଇସ୍ରାଏଲକୁ ଇରାନ ଦେଇଥିବା ଚେତାବନୀ ଯୋଗୁଁ ଆଗାମୀ ଦିନରେ ଯୁଦ୍ଧ ଭୟଙ୍କର ରୂପ ଧାରଣ କରିବାର ଆଶଙ୍କା ସୃଷ୍ଟି ହୋଇଛି। ହଜାର କେଜି ତଥା ଏକ ଟନ୍‌ର ଅଧିକ ଓଜନର ଯୁଦ୍ଧାସ୍ତ୍ର ନେବାକୁ ସକ୍ଷମ କ୍ଷେପଣାସ୍ତ୍ର ମାଡ଼ କରିବା ପାଇଁ ଇରାନ ଆଇଆରଜିସିର ଏରୋସ୍ପେସ କମାଣ୍ଡର ମାଜିଦ ମୌସାଭୀ ଧମକ ଦେଇଛନ୍ତି। ଇସ୍ରାଏଲ ଏବଂ ଆମେରିକା ଘାଟୀକୁ ନିଶାଣ କରିବା ପାଇଁ ଏହାକୁ ବ୍ୟବହାର କରାଯିବ ବୋଲି କହିଛନ୍ତି। ଏପରି ହେଲେ ଯୁଦ୍ଧର ସ୍ଥିତି ବଦଳି ଯିବ। କାରଣ ଗୋଟିଏ କ୍ଷେପଣାସ୍ତ୍ରରୁ ଏକାସଙ୍ଗେ ଅନେକ ସ୍ଥାନକୁ ଲକ୍ଷ୍ୟଭେଦ କରିହେବ। କ୍ଷେପଣାସ୍ତ୍ରର ବିନାଶ କ୍ଷମତା ବଢ଼ିବ। ଏହା ଦ୍ୱାରା ଟ୍ରାକ କରିବା ବି ସମ୍ଭବ ହେବ ନାହିଁ। ଏହାରି ମଧ୍ୟରେ ଇରାନରେ ଆମେରିକା ୨ ହଜାର ପାଉଣ୍ଡ ତଥା ୯୧୦ କେଜିର ବଙ୍କର ବଷ୍ଟର ବୋମା ମାଡ଼ କରିଛି। ଇରାନର ଭୂତଳ ଠିକଣାକୁ ଧ୍ୱଂସ କରିବା ପାଇଁ ଆମେରିକା ଏହି ବୋମାକୁ ବ୍ୟବହାର କରୁଛି।

## ୟୁସିସି ଲାଗୁ କରିବାର ସମୟ ଆସିଯାଇଛି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଦେଶରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବାର ସମୟ ଆସିଯାଇଛି। ଏହା ଉପରେ ନିଷ୍ପତ୍ତି ନେବାର କାମ କୋର୍ଟଙ୍କ ନୁହେଁ। ସଂସଦ ଏ ନେଇ ନିଷ୍ପତ୍ତି ନେଉ। ଏହା ନୀତିଗତ ମାମଲା। ଆଇନ ଆଣିବା ସଂସଦର ଅଧିକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସରିୟତ ଆଇନ-୧୯୩୭ର କିଛି ଧାରାକୁ ରଦ୍ଦ ଦାବିରେ ଆଗତ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି। ଏହି ଧାରାରେ ମୁସଲମାନ ମହିଳାଙ୍କ ସହ ଭେଦଭାବ ହେଉଥିବା ଅଭିଯୋଗ କରାଯାଇଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଥିଲେ ଯେ ଏହି ଧାରାକୁ ରଦ୍ଦ କରିଦେଲେ ମୁସଲମାନ ସମୁଦାୟର ସମ୍ପତ୍ତି ବଣ୍ଟନକୁ ନେଇ କୌଣସି ସ୍ପଷ୍ଟ ଆଇନ ରହିବ ନାହିଁ। ଏହା ଦ୍ୱାରା ଆଇନଗତ ଶୂନ୍ୟତା ସୃଷ୍ଟି ହୋଇପାରେ। ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ଅନେକ ଥର ସରକାରଙ୍କୁ ୟୁସିସି ଲାଗୁ କରିବା ପାଇଁ କହିସାରିଛନ୍ତି। ଅଲଗା ଅଲଗା ସମ୍ପ୍ରଦାୟ ପାଇଁ ଅଲଗା ନିୟମ ରହିଛି। ମାତ୍ର ଏଥିପାଇଁ ସିଧାସଳଖ କୌଣସି ଆଇନକୁ ଅସାମ୍ବିଧାନିକ ଘୋଷଣା କରାଯାଇପାରିବ ନାହିଁ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ମୁସଲିମ ମହିଳାଙ୍କୁ ପୁରୁଷଙ୍କ ଭଳି ସମ୍ପତ୍ତିର ସମାନ ଅଧିକାର ମିଳିବା ଉଚିତ ।ସରିୟତ ଆଇନର କିଛି ଧାରା ରଦ୍ଦ ବଦଳରେ ଭାରତୀୟ ଉତ୍ତରାଧିକାରୀ ଆଇନ ଲାଗୁ କରିବାକୁ ଭୂଷଣ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ କୋର୍ଟ କହିଥିଲେ ଯେ ୟୁସିସି ଏହି ସବୁ ସମସ୍ୟାର ସମାଧାନ। ମାତ୍ର ତରବରିଆ ଭାବେ ଏହା ଉପରେ ନିଷ୍ପତ୍ତି ନେବା ଅନୁଚିତ। ଏପରି କଲେ ଯାହାଙ୍କ ଅଧିକାର କଥା ଉଠୁଛି ତାଙ୍କର କ୍ଷତି ହୋଇପାରେ। କେବଳ ମୁସଲମାନ ସମ୍ପ୍ରଦାୟ ନୁହେଁ, ବରଂ ବିଭିନ୍ନ ବ୍ୟକ୍ତିଗତ ଆଇନ ଅଧୀନରେ ଭାରତୀୟ ମହିଳା ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି।

---

## ଜଣେ ଯୁବତୀଙ୍କ ଉପରେ ଦୁଇ ସ୍ୱାମୀଙ୍କ ଦାବି

ଶ୍ରୀନଗର, ୧୦।୩ (ଏଜେନ୍ସି): ଜମ୍ମୁ-କଶ୍ମୀରରୁ ଅଜବ ମାମଲା ସାମ୍‌ନାକୁ ଆସିଛି। ଜଣେ ଯୁବତୀଙ୍କ ଉପରେ ଦୁଇ ଜଣ ସ୍ୱାମୀ ଦାବି କରିଛନ୍ତି। ଉଭୟେ ଉକ୍ତ ଯୁବତୀଙ୍କୁ ପ୍ରେମ କରୁଥିବା କହିଛନ୍ତି। ଜଣେ ବ୍ୟକ୍ତି ରାଜସ୍ଥାନରେ ଏବଂ ଅନ୍ୟ ଜଣେ ଜମ୍ମୁ-କଶ୍ମୀର ହାଇକୋର୍ଟରେ ଯୁବତୀଙ୍କ ସହ ବିବାହ କରିଥିବା ଦାବି କରି ଆବେଦନ କରିଛନ୍ତି। ଅନ୍ୟପଟେ ଜମ୍ମୁ-କଶ୍ମୀରର ଅନନ୍ତନାଗ ନିବାସୀ ଏହି ଯୁବତୀ ସକିଲା ଅଖତରଙ୍କୁ ରାଜସ୍ଥାନ ପୁଲିସ ଦୀର୍ଘ ଦିନ ଧରି ଖୋଜୁଛି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କର କୌଣସି ଖୋଜ ଖବର ମିଳିପାରି ନାହିଁ। ସୂଚନା ଅନୁଯାୟୀ, ରାଜସ୍ଥାନ ଡିଡୱାନା-କୁଚାମନ ଜିଲ୍ଲାର ବରଡୱା ଥାନା ଅନ୍ତର୍ଗତ ସୁଦରାସନ ଗ୍ରାମର ବାସିନ୍ଦା ଜିତେନ୍ଦ୍ର ସିଂହ ବନ୍ଦୀ ପ୍ରତ୍ୟକ୍ଷୀକରଣ ଆବେଦନ ଦାଖଲ କରିଛନ୍ତି। ଜିତେନ୍ଦ୍ର ଦାବି କରିଛନ୍ତି ଯେ ସେ ଗତ ବର୍ଷ ଫେବୃଆରୀ ୧୬ରେ ପଞ୍ଜାବର ଫିରୋଜପୁରରେ ସକିଲାଙ୍କୁ ବିବାହ କରିଥିଲେ। ସେ ଏହାର ପ୍ରମାଣ ମଧ୍ୟ ଦାଖଲ କରିଛନ୍ତି। ସରକାରୀ ଓକିଲ ରାଜସ୍ଥାନ ହାଇକୋର୍ଟଙ୍କୁ ଜଣାଇଛନ୍ତି ଯେ ସଜ୍ଜୀର ଅହମ୍ମଦ ଖାନ ମଧ୍ୟ ସକିଲାଙ୍କୁ ସ୍ତ୍ରୀ ଦାବି କରି ଜମ୍ମୁ-କଶ୍ମୀର ହାଇକୋର୍ଟରେ ଆବେଦନ କରିଛନ୍ତି। ଏଥିରେ ସକିଲା ନିଜ ଇଚ୍ଛାରେ ତାଙ୍କ ସହ ରହୁଥିବା କୁହାଯାଇଛି। ଏଭଳି ସ୍ଥିତିରେ କୋର୍ଟ ଜିତେନ୍ଦ୍ରଙ୍କୁ ମାମଲା ପ୍ରତ୍ୟାହାର କରିବାକୁ କହିଛନ୍ତି। ମାତ୍ର ଚୂଡ଼ାନ୍ତ ରାୟ ଦେଇନାହାନ୍ତି। ଅନ୍ୟପଟେ ୧୩ ତାରିଖରେ ଜମ୍ମୁ-କଶ୍ମୀର ହାଇକୋର୍ଟ ଏହି ମାମଲାର ଶୁଣାଣି କରିବେ।

ଅହମ୍ମଦଙ୍କ ଆବେଦନରେ କୁହାଯାଇଛି ଯେ ୨୦୨୪ ଜୁନ ୧୨ରେ ସେ ସକିଲାଙ୍କୁ ନିକାହ କରିଥିଲେ। ମାତ୍ର ତାଙ୍କ ସମ୍ପର୍କୀୟ ଏହାକୁ ଭାଙ୍ଗିବାକୁ ପ୍ରୟାସ କରୁଛନ୍ତି। ହାଇକୋର୍ଟ ମଧ୍ୟ ଏ ନେଇ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁଯାୟୀ, ୨୦୨୪-୨୫ରେ ଜିତେନ୍ଦ୍ର ଏକ କମ୍ପାନୀର ଏମଡି ଭାବେ ଜମ୍ମୁରେ ଥିବା ସମୟରେ ସକିଲାଙ୍କ ସହ ତାଙ୍କର ଭେଟ ହୋଇଥିଲା। ପରେ ଉଭୟେ ବିବାହ କରି ଏକାଠି ରହୁଥିଲେ। ମାତ୍ର ରାଜସ୍ଥାନ ଫେରୁଥିବା ସମୟରେ ସକିଲାଙ୍କ ପରିବାର ଲୋକ ଝିଅ ନିଖୋଜ ଥିବା ଅଭିଯୋଗ କରିଥିଲେ। ତେଣୁ ପୁଲିସ ତୁରନ୍ତ ସକିଲାଙ୍କୁ ଧରି ଜମ୍ମୁ ନେଇ ପଳାଇଥିଲା। ମାତ୍ର ସେଠାରେ ଜିତେନ୍ଦ୍ରଙ୍କ ବିରୋଧରେ ସକିଲା କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଏହା ସତ୍ତ୍ୱେ ପୁଲିସ ଜିତେନ୍ଦ୍ରଙ୍କ କଥା ନ ଶୁଣିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପଶ୍ଚିମବଙ୍ଗ ସରକାର ଓ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ପଶ୍ଚିମବଙ୍ଗ ।।ରେ ଏସଆଇ ପ୍ରକ୍ରିୟାରେ ବାଦ ପଡ଼ିଥିବା ଭୋଟରଙ୍କ ଯାଞ୍ଚ ପାଇଁ ନ୍ୟାୟିକ ଅଧିକାରୀ ନିଯୁକ୍ତି କରାଯାଇଛି। ଏହି ଅଧିକାରୀଙ୍କ ଉପରେ ସନ୍ଦେହ ପ୍ରକଟ କରିବାକୁ ନେଇ ପଶ୍ଚିମବଙ୍ଗ ସରକାର, ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଏବଂ ବ୍ୟକ୍ତିଗତ ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ କଡ଼ା ଚେତାବନୀ ଦେଇଛନ୍ତି। ଅଧିକାରୀଙ୍କ ଉପରେ ପ୍ରଶ୍ନ ଉଠାଇବାକୁ କେମିତି ସାହସ କଲ? ତାଲିକାରୁ ହଟିଥିବା ଭୋଟରଙ୍କ ଅଭିଯୋଗର ଶୁଣାଣି ପାଇଁ ସେମାନେ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ କଲକତା ହାଇକୋର୍ଟର ମୁଖ୍ୟ ବିଚାରପତି ଚିହ୍ନଟ କରିଥିବା ସମସ୍ୟାଗୁଡ଼ିକର ସମାଧାନ କରିବାକୁ କୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋର୍ଟଙ୍କ ଦ୍ୱାରା ନିଯୁକ୍ତ ନ୍ୟାୟିକ ଅଧିକାରୀମାନଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ଦାଖଲ ଆବେଦନ ଉପରେ କ୍ଷୋଭ ସିଜେଆଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଅଧିକାରୀଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବାକୁ ହେବ। ଅଧିକାରୀଙ୍କୁ ପର୍ଯ୍ୟାପ୍ତ ସହାୟତା ଏବଂ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବାକୁ ଇସି ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ସିଜେଆଇ ଉଭୟ ପକ୍ଷର ଆଚରଣ ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଆମେ ଉଭୟ ପକ୍ଷର ସଦ୍ଭାବନା ଉପରେ ସନ୍ଦେହ ହେଉଛି ବୋଲି କହିଛନ୍ତି। ଏଥିସହ ନ୍ୟାୟିକ ଅଧିକାରୀଙ୍କୁ ପ୍ରଶ୍ନ କରି ନୂତନ ଆବେଦନ କିଏ ଦାଖଲ କରିଛି, ତାହା ସ୍ପଷ୍ଟ କରିବାକୁ କହିଛନ୍ତି।

ସୁପ୍ରିମକୋର୍ଟ ଆଜି ନୂଆ ନିର୍ଦ୍ଦେଶ ଦେଇ ଏସଆଇଆରରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ଆବେଦନର ଶୁଣାଣି ପାଇଁ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏବଂ ପୂର୍ବତନ ବିଚାରପତିମାନଙ୍କୁ ନେଇ ଆପେଲେଟ୍ ଟ୍ରିବ୍ୟୁନାଲ୍ ଗଠନ କରିବାକୁ କହିଛନ୍ତି। ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିବା ଭୋଟରମାନେ ଏହି ଟ୍ରିବ୍ୟୁନାଲରେ ଅପିଲ୍ କରିପାରିବେ।

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ପଶ୍ଚିମବଙ୍ଗ ଗସ୍ତରେ ଯାଇଛନ୍ତି ।ସେଠା ।।ରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କୌଣସି ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦିଆଯିବ ନାହିଁ ବୋଲି କହିଛନ୍ତି। ପଶ୍ଚିମବଙ୍ଗରେ ସ୍ୱାଧୀନ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରାଇବାକୁ ଇସି ପ୍ରାଥମିକତା ଦେଉଥିବା କହିଛନ୍ତି।

# ଆଗକୁ ଖରାଦିନ ରାଜ୍ୟରେ ପାନୀୟ ଜଳ ସମସ୍ୟା ଉତ୍କଟ

## ସରକାରଙ୍କ ଉପରେ ଉଭୟ ଶାସକ ଓ ବିରୋଧୀଙ୍କ ଅସନ୍ତୋଷ

ଭୁବନେଶ୍ୱର,୧୦।୩(ସମିସ): ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପିଇବା ପାଣି ନେଇ ଲୋକଙ୍କ ମଧ୍ୟରେ ହାହାକାର ପଡ଼ିଲାଣି। ବର୍ଷ ବର୍ଷ ଧରି ପାନୀୟ ଜଳ ପ୍ରକଳ୍ପ କାମ ଶେଷ ହେଉନାହିଁ। ନିର୍ବାଚନ ମଣ୍ଡଳୀରେ ଲୋକ



ବିଧାୟକଙ୍କୁ ଏନେଇ ବାରମ୍ବାର ପ୍ରଶ୍ନ ପଚାରୁଛନ୍ତି। କାମ ମନ୍ଥର ହେଉଥିବା ବେଳେ ନିର୍ମାଣକାରୀ ସଂସ୍ଥା ମନମାନି କରୁଛନ୍ତି। ଆଜି ପ୍ରଶ୍ନକାଳରେ ରାଜ୍ୟରେ ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପକୁ ନେଇ କିଛି ଏମିତି ଢଙ୍ଗରେ କ୍ଷୋଭ ପ୍ରକାଶ କରିଥିଲେ ଉଭୟ ଶାସକ ଓ ବିରୋଧୀ ବିଧାୟକ। କେବେ ସୁଦ୍ଧା ପାନୀୟ ଜଳ ପ୍ରକଳ୍ପ ସରିବ, ସେନେଇ ଗୃହରେ ମନ୍ତ୍ରୀ ସ୍ପଷ୍ଟ କରିବାକୁ ଦାବି କରିଥିଲେ। ସଦସ୍ୟମାନଙ୍କ ଉଦବେଗକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଆସନ୍ତା ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର

■ ପାନୀୟ ଜଳ ପ୍ରକଳ୍ପ ବିଳମ୍ବ ହେବା ସହ ହେଉଛି ନିମ୍ନ ମାନର କାମ
■ ଦୂଷିତ ପାନୀୟ ଜଳ ଯୋଗୁଁ ଲୋକେ କିଡନୀ ରୋଗର ଶିକାର
■ ୨୦୨୭ ସୁଦ୍ଧା ସବୁ ଗାଁରେ ପାଇପ ଯୋଗେ ପିଇବା ପାଣି: ମନ୍ତ୍ରୀ

ସମସ୍ତ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ।

ପ୍ରଶ୍ନକାଳରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୬ ମାର୍ଚ୍ଚ ୫ ତାରିଖ ସୁଦ୍ଧା ରାଜ୍ୟର ୬୮ ଲକ୍ଷ ୪୭ ହଜାର ୭୫୨ ଟି ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇ ସାରିଲାଣି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଚଳିତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଆଉ ୨୮ଟି ପ୍ରକଳ୍ପର ନିର୍ମାଣ ଶେଷ ହୋଇ ପାନୀୟ ଜଳ ଯୋଗାଇ ଦିଆଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ୨୦୭ ପ୍ରକଳ୍ପ କାର୍ଯ୍ୟନ୍ୱୟନ ହେବ। ବିଜେପି ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ସେମାନଙ୍କ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ୨୦୦ରୁ ୨୫୦ ଫୁଟରେ ଟ୍ୟୁବୱେଲ ଖନନ ହେଉଥିବା ବେଳେ ଏବେ ସେଥିପାଇଁ ୩୨୦ ଫୁଟ ପର୍ଯ୍ୟନ୍ତ ଖୋଳିବାକୁ ପଡୁଛି ବୋଲି କହିଥିଲେ। ଶାସକ ଦଳର ଅନ୍ୟତମ ବିଧାୟକ ଲକ୍ଷ୍ମଣ ବାଗ୍ ନିଜ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପରେ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ କରିଥିଲେ। ବିଧାୟକ ଶାରଦା ପ୍ରସନ୍ନ ଜେନା ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି। ପାଣି ସମସ୍ୟା ପ୍ରତି କୌଣସି ସାଲିସ କରାଯିବ ନାହିଁ। ସେହିପରି ଯେଉଁଠି ଯେଉଁଠି ପିଇବା ପାଣି ସମସ୍ୟା ଅଛି, ସେହି ଅଞ୍ଚଳରେ ଟ୍ୟୁବୱେଲ ଖନନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଓ କ୍ଷମତା ପ୍ରଦାନ କରାଯାଇଛି । ଆଲୋଚନାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ ନିଜ ନିଜ ଅଞ୍ଚଳରେ ଦୂଷିତ ପାଣି ପିଇ ଲୋକେ କିଡନୀ ରୋଗରେ ଆକ୍ରାନ୍ତ ହେଉଥିବା ନେଇ ଗୃହରେ ଉଦବେଗ ପ୍ରକାଶ କରିଥିଲେ।

# ରତ୍ନ ଅଳଙ୍କାର ଗଣତି ମଣତିର ଶୁଭ ମୁହୂର୍ତ୍ତକୁ ନେଇ କେଁ

## ତିଥି, ବାର ଶୁଭ ନୁହେଁ: ଜ୍ୟୋତିର୍ବିଦ୍

ପୁରୀ,୧୦।୩(ସମିସ): ଆସନ୍ତା ମାର୍ଚ୍ଚ ୨୫ତାରିଖରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ହେବ। ଉକ୍ତ ଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ଗଣତିମଣତି ଆରମ୍ଭ କରାଯିବାର ଶୁଭ ମୁହୂର୍ତ୍ତ ରହିଛି ବୋଲି ଗତ ୨ ତାରିଖ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଥିଲା। ଏବେ ଏହାକୁ ନେଇ କେଁ ଉପୁଜିଛି। ବିଶେଷକରି, ଶୁଭ ମୁହୂର୍ତ୍ତକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ସ୍ଥିର ହୋଇଥିବା ତିଥି ଓ ବାରକୁ ନେଇ ଆପତ୍ତି ଉଠାଇଛନ୍ତି ବରିଷ୍ଠ ଜ୍ୟୋତିର୍ବିଦ୍ ଓ ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର। ଏହି ତିଥି, ବାର ଶୁଭ ନୁହେଁ ବୋଲି ସେ କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜ୍ୟୋତିର୍ବିଦ୍ ଶ୍ରୀ ମିଶ୍ର କହିଛନ୍ତି, ବିଭିନ୍ନ ପଞ୍ଜିକାର ତଥ୍ୟ ଅନୁଯାୟୀ, ସେହିଦିନ ପୂର୍ବାହ୍ନ ୧୧ଟା ୫୨ ମିନିଟ୍‌ରୁ ଅପରାହ୍ଣ ୧ଟା ୨୩ ମିନିଟ୍ ବା ମଧ୍ୟାହ୍ନ ୧୨ଟାରୁ ୧ଟା ୩୨ମିନିଟ୍ ପର୍ଯ୍ୟନ୍ତ ରାହୁ କାଳ ଓ ବାରବେଳା ଭୋଗ ହେଉଥିବାରୁ ତାହା ଶୁଦ୍ଧ ଶୁଭବେଳା ହୋଇନପାରେ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଶୁଭ ଅନୁକୂଳ କାର୍ଯ୍ୟରେ ଘର ମୁରବୀଙ୍କ ପାଇଁ ଦିନଟି କିପରି ଅଛି, ତାହା ଦେଖାଯାଏ। ରତ୍ନଭଣ୍ଡାରର ମାଲିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଶି ହେଉଛି ପୁଷ୍ୟା କର୍କଟ। ଯେଉଁ ମାର୍ଚ୍ଚ ୨୫ ତାରିଖ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ନିର୍ଦ୍ଧାରିତ ହୋଇଛି, ସେଦିନ ସପ୍ତମୀ ତିଥି ବ୍ୟାପ୍ତି ଅପରାହ୍ଣ ୧ଟା ୫୦ ମିନିଟ୍ ପର୍ଯ୍ୟନ୍ତ ଥିଲେ ମଧ୍ୟ ସେ ପର୍ଯ୍ୟନ୍ତ କର୍କଟ ରାଶିର ଘାତ ତିଥି ରହିଥିବା ସହ ଦିନଟି ବୁଧବାର ହୋଇଥିବାରୁ ତାହା ମଧ୍ୟ କର୍କଟ ରାଶି ପାଇଁ ଘାତ ବାର। ତେଣୁ, ଶ୍ରୀଜଗନ୍ନାଥଙ୍କ ଘାତ ତିଥି, ଘାତ ବାର ଏବଂ ରାହୁକାଳ ସହ ବାରବେଳାରେ ରତ୍ନଅଳଙ୍କାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେଲେ ବହୁ ବାଧା ବିଘ୍ନ ହୋଇପାରେ ବା କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ଉପରେ ଅନିଶ୍ଚିତତାର ଆଶଙ୍କା ଅମୂଳକ ହୋଇନପାରେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସବୁଠୁ ବଡ଼ କଥା ହେଉଛି, ଏହି ସମୟ କିଭଳି ନିର୍ଣ୍ଣୟ ହୋଇଛି, କେଉଁ ଆଧାରରେ ଏହି ଦିନଟିକୁ ନିର୍ଦ୍ଧାରଣ କରାଯାଇଛି, ତାହାର ତର୍ଜମା ହେବା ଜରୁରୀ। ନତୁବା ଉଦ୍ଦେଶ୍ୟମୂଳକ ଭାବେ ଏକ ଅଶୁଭ ଦିନ ନିର୍ଦ୍ଧାରଣ କରି କାର୍ଯ୍ୟ ଅସମ୍ପୂର୍ଣ୍ଣ ରଖିବା ମାନସିକତା ସ୍ପଷ୍ଟ ହେଉଛି ବୋଲି ଜ୍ୟୋତିର୍ବିଦ୍ ଶ୍ରୀ ମିଶ୍ର କହିଛନ୍ତି।

## ରାଜ୍ୟସଭାରେ ସାଂସଦ ମାନସଙ୍କ କ୍ଷୋଭ

# ଓଡ଼ିଶାରେ ପାହାଡ଼ ଚଢ଼ିଲେ ମିଳୁଛି ମୋବାଇଲ୍ ନେଟୱାର୍କ

ଭୁବନେଶ୍ୱର, ୧୦।୩(ସମିସ): ଓଡ଼ିଶାର ବହୁ ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ନେଟୱାର୍କ ନାହିଁ। ଆଦିବାସୀ ବହୁଳ ଜିଲ୍ଲାରେ ମୋବାଇଲ୍ ନେଟ୍‌ୱାର୍କ ପାଇଁ ଲୋକଙ୍କୁ ପାହାଡ ଶିଖରକୁ ଚଢ଼ିବାକୁ ପଡୁଛି। ମାଇଲ୍ ମାଇଲ୍ ଦୂରକୁ ଗଲେ ଯାଇ

**ଉପାନ୍ତ, ଆଦିବାସୀ ଅଞ୍ଚଳର ଲୋକ ମୋବାଇଲ ସେବାରୁ ବଞ୍ଚିତ**



ଡିଜିଟାଲ୍ ସେବା ମିଳୁଛି। ଦେଶରେ ଡିଜିଟାଲ ସେବା ଦ୍ରୁତ ଗତିରେ ବିକାଶ ପାଉଥିବାବେଳେ ଓଡ଼ିଶାରେ ଦୁର୍ବଳ ନେଟୱାର୍କ ଡ଼ିଜିଟାଲ ଭାରତକୁ ଉପହାସ କରୁଛି। ରାଜ୍ୟସଭାର ଶୂନ୍ୟକାଳରେ ଓଡ଼ିଶାର ମୋବାଇଲ୍ ସେବାକୁ ନେଇ ଏପରି କ୍ଷୋଭ ପ୍ରକାଶ କରିଛନ୍ତି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ।

ସେ କହିଛନ୍ତି ଯେ ମାଲକାନାଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡା, କନ୍ଧମାଳ ଓ କଳାହାଣ୍ଡି ପରି ଜିଲ୍ଲାରେ ଅନେକ ଗ୍ରାମରେ ମୋବାଇଲ ସିଗନାଲ୍ ଆସୁନାହିଁ। ଦୁର୍ବଳ ନେଟ୍‌ୱାର୍କ କାରଣରୁ ଲୋକମାନେ ମୋବାଇଲରେ କଥା ହେବା ଓ ଅନ୍ୟାନ୍ୟ ଡିଜିଟାଲ୍ ସେବା ପାଇବା ପାଇଁ ବହୁ ଦୂରକୁ ଯିବାକୁ ବାଧ ହେଉଛନ୍ତି। କେତେବେଳେ ଗଛ ଉପରେ ତ କେତେବେଳେ ପାହାଡ଼ ଉପରକୁ ଚଢ଼ିବାକୁ ପଡୁଛି। ପରିଣାମ ସ୍ୱରୂପ ଅନଲାଇନ ଶିକ୍ଷା, ଟେଲିମେଡିସିନ, ଡିଜିଟାଲ ବ୍ୟାଙ୍କିଂ ଓ ଇ-ଗଭର୍ନାନ୍ସ ସେବା ପରି ଅନେକ ଆବଶ୍ୟକ ସୁବିଧା ପାଇବାରେ ବାଧା ସୃଷ୍ଟି ହେଉଛି। ବିଶେଷ କରି ଛାତ୍ରଛାତ୍ରୀମାନେ ଅନଲାଇନ୍ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଚାଷୀ ଓ କ୍ଷୁଦ୍ର ଉଦ୍ୟୋଗୀମାନେ ଡିଜିଟାଲ ବଜାର ଓ ସରକାରୀ ଯୋଜନାର ଲାଭ ପାଇପାରୁ ନାହାନ୍ତି। ଏନେଇ ସାଂସଦ ଶ୍ରୀ ମଙ୍ଗରାଜ ଉଦବେଗ ପ୍ରକାଶ କରିବା ସହ ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଡିଜିଟାଲ ଢାଞ୍ଚା ସୁଦୃଢ଼ କରିବା ପାଇଁ ନୂତନ ମୋବାଇଲ ଟାୱାର ସ୍ଥାପନ କରିବା ଓ ଭରସାଯୋଗ୍ୟ ଇଣ୍ଟରନେଟ ସଂଯୋଗ ଯୋଗାଇବା ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ସମୁଦାୟ ୫୧,୧୭୨ ଟି ଗ୍ରାମ ମଧ୍ୟରୁ ୧୨୩୭ଟି ଗ୍ରାମରେ ମୋବାଇଲ୍ ଓ ନେଟୱାକ୍‌ର୍ ସେବା ଉପଲବ୍ଧ ହୋଇପାରି ନାହିଁ। କେନ୍ଦ୍ର ସରକାରଙ୍କ ଡିଜିଟାଲ ଭାରତ ନିଧି ଯୋଜନା ଅନ୍ତର୍ଗତ ୪୨୨୫ ଟି ମୋବାଇଲ୍ ଟାୱାର୍ ମଧ୍ୟରୁ ୩୨୮୧ଟି ମୋବାଇଲ୍ ଟାୱାର କାର୍ଯ୍ୟକ୍ଷମ ହୋଇସାରିଛି। ବାକିଥିବା ୯୪୪ ଟି ଟାୱାର ଆସନ୍ତା ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ କରିବାପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

## ଯୋଗାଣ ବିଭାଗ ଖର୍ଚ୍ଚ ଦାବି ଆଲୋଚନାରେ ବର୍ଷିଲା ବିଜେଡି

# ଚାଷୀଙ୍କ ମନର ନିଆଁରେ ସରକାର ଜଳିଯିବେ

ଭୁବନେଶ୍ୱର,୧୦।୩(ସମିସ): ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଦେବ ବୋଲି ବିଜେଡି ଘୋଷଣା କରିଥିଲେ ବି ତାହାକୁ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରିଥିଲେ କେନ୍ଦ୍ର ସରକାର। ଓଡ଼ିଶା ସରକାରଙ୍କୁ କେନ୍ଦ୍ରର ବିଜେପି ସରକାର ଧମକ ଦେଇଥିଲେ। ରାଜ୍ୟ ସରକାର ବୋନସ ଦେଲେ ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଯିବ ନାହିଁ ବୋଲି ନାଲିଆଖି ଦେଖାଇଥିଲେ। ସେତେବେଳେ ଓଡିଶା ପ୍ରତି କେନ୍ଦ୍ରର ବିଜେପି ସରକାର ଯେଉଁ ଆଭିମୁଖ୍ୟ ପୋଷଣ କରିଥିଲା, ଏବେ କେରଳ ପରି ରାଜ୍ୟ ପ୍ରତି ସେହିପରି ଆଭିମୁଖ୍ୟ ଦେଖାଉଛି। ଧାନରେ ସବସିଡ଼ି ଦେଲେ ଏଫ୍‌ସିଆଇ ଚାଉଳ ଉଠାଇବ ନାହିଁ ବୋଲି ଚେତାବନୀ ଦେଇଛି। ଓଡ଼ିଶାରେ ଡ଼ବଲ ଇଞ୍ଜିନ୍ ସରକାର ବୋଧହୁଏ ଏ କଥା ହେଜି ନାହାନ୍ତି, ଆଜି ନ ହେଲେ ବି ଆସନ୍ତା କାଲି ଏପରି ନୋଟିସ ଓଡ଼ିଶାକୁ ଆସିବ । ଓଡ଼ିଶାରେ ବି ଚାଷୀଙ୍କୁ ୮୦୦ ଟଙ୍କା ରିଆତି ମିଳିବ ନାହିଁ। ଆଠଶହ ଟଙ୍କିଆ ସବସିଡ଼ି କଥା କହି ବିଜେପି ନେତା ଓ ସରକାର ଯେଉଁ ବାହା ପିଟୁଛନ୍ତି, ସେତେବେଳେ ଏହାକୁ ନେଇ ମୁଣ୍ଡ ପିଟିବେ ବୋଲି ବିଧାନସଭାରେ ସରକାରଙ୍କୁ କଟାକ୍ଷ କରିଛନ୍ତି ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଚଳିତ ବର୍ଷ ଧାନ ପଞ୍ଜୀକରଣରେ ଜଟିଳ ପ୍ରଣାଳୀ ଯୋଗୁଁ ଲକ୍ଷ ଲକ୍ଷ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଲେ। ଜଟିଳ ପ୍ରକ୍ରିୟା ସତ୍ତ୍ୱେ ଯେଉଁ ଚାଷୀ ପଞ୍ଜୀକରଣ କରିଥିଲେ, ସେମାନଙ୍କ ମଧ୍ୟରୁ ଦେଢ଼ ଲକ୍ଷ ଚାଷୀଙ୍କୁ କାଟି ଦିଆଗଲା। ଲକ୍ଷ ଲକ୍ଷ ଚାଷୀ ଆନ୍ଦୋଳନକୁ ଓହ୍ଲାଇଲେ। ପରେ ଚାଷୀମାନଙ୍କର ୧୦୦କୁଇଣ୍ଟାଲ ଧାନ ଥିଲେ ବି ସରକାର ୫୦କୁଇଣ୍ଟାଲ ଧାନ ପାଇଁ ଟୋକନ ଦେଉଛନ୍ତି। ସରକାରୀ ବ୍ୟବସ୍ଥାରେ ଚାଷୀ ଆଜି ଯନ୍ତ୍ରଣାରେ ଅଛନ୍ତି। ଡାଲୁଅ ଚାଷ ଆରମ୍ଭ ହେଲାଣି। ହେଲେ ୩ମାସ ହେବ ରାଜ୍ୟ ସରକାର ଚାଷୀଙ୍କ ଧାନ କିଣିପାରୁନାହାନ୍ତି। ଚାଷୀ ମନ ନିଆଁରେ

■ ରାଜ୍ୟର ଲକ୍ଷଲକ୍ଷ ଚାଷୀ ଏବର୍ଷ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି
■ ଧାନ କିଣାରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ 'ସବ୍‌କା ବିନାଶ'
■ ବୋନସ ଦେଲେ ଧାନ ନ ଉଠାଇବାକୁ ଧମକ ଦେଇଥିଲା କେନ୍ଦ୍ର

ସରକାର ଜଳିବେ ବୋଲି ଶ୍ରୀ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି ।

ବିରୋଧୀଦଳ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ମଧ୍ୟ ସରକାରଙ୍କ ବଜେଟ୍‌କୁ ବିରୋଧ କରିବା ସହ ସରକାରଙ୍କ ଧାନ କିଣା ପ୍ରକ୍ରିୟାକୁ ସମାଲୋଚନା କରିଛନ୍ତି। ପଶ୍ଚିମ ଓଡ଼ିଶାରେ ଜାନୁଆରୀ ମାସ ଶେଷ ସୁଦ୍ଧା ଧାନ କିଣା ପ୍ରକ୍ରିୟା ଶେଷ ହୋଇଯାଏ। ହେଲେ ଚଳିତ ବର୍ଷ ଏବେ ବି ଧାନ କିଣା ଜାରି କରିଛି। ୨୦୦୨ ମସିହାରେ ମାତ୍ର ୬ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେଉଥିବା ବେଳେ ଏବେ ଏହା ୯୪ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଚାଷୀଙ୍କ ମୁହଁରେ ହସ ଫୁଟିଛି। ଏ ସବୁ ରାତାରାତି ହୋଇଯାଇ ନାହିଁ। ସରକାର ଏବେ ଯେଉଁ ୮୦୦ ଟଙ୍କା ଇନପୁଟ ସହାୟତା ଦେଉଛନ୍ତି, ଏଥିପାଇଁ ୫ ବର୍ଷରେ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ଅର୍ଥ କେଉଁଠୁ ଆସିବ ବୋଲି ଶ୍ରୀ ଦେବ ପ୍ରଶ୍ନ କରିଛନ୍ତି। ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର ମଧ୍ୟ ଆଲୋଚନାରେ ଭାଗ ନେଇ ଓଡ଼ିଶା ୨୪ ବର୍ଷରେ ୧୨ ଗୁଣା ଅଧିକ ଧାନ ଉତ୍ପାଦନକ୍ଷମ ହୋଇଥିବା ବେଳେ ଏହି ସମୟରେ ୧୨ ଲକ୍ଷ ହେକ୍ଟରରୁ ୨୫ ଲକ୍ଷ ହକ୍ଟର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି।

କଂଗ୍ରେସ ପକ୍ଷରୁ ବିଧାୟକ ଅଶୋକ ଦାସ ସରକାର ୮୦୦ ଟଙ୍କା ବଦଳରେ ୭୩୧ ଟଙ୍କା ଇନପୁଟ ସହାୟତା ଦେଇ ଚାଷୀଙ୍କୁ ଠକୁଛନ୍ତି ବୋଲି କହିଛନ୍ତି। ଏହାସହିତ ଚାଷୀଙ୍କୁ ସରକାର ଅଖା ଯୋଗାଇ ପାରୁ ନ ଥିବା ବେଳେ ୧୫ ଦିନ ଟୋକନ ଅବଧି ବୃଦ୍ଧି ସତ୍ତ୍ୱେ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି ବୋଲି କହିଛନ୍ତି। ତେଣୁ ବର୍ତ୍ତମାନ ସରକାରରେ ସବକା ସାଥ୍, ଦଳକା ବିକାଶ ଓ ଉପଭୋକ୍ତାଙ୍କ ସର୍ବନାଷ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି। କଂଗ୍ରେସ ଦଳର ମଙ୍ଗୁ ଖିଲ ମଧ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ଶାସକ ଦଳ ପକ୍ଷରୁ ସନ୍ତୋଷ ଖଟୁଆ, ପଦ୍ମଲୋଚନ ପଣ୍ଡା, ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ସରକାରଙ୍କ ବଜେଟ ସପକ୍ଷରେ ମତ ରଖିଛନ୍ତି।

# ପୋଉନୁର-ଧାନବାଦ ନୂଆ ଅମୃତ ଭାରତ ଟ୍ରେନ୍

ଭୁବନେଶ୍ୱର,୧୦।୩(ସମିସ): କେନ୍ଦ୍ର ସରକାର ପୋଉନୁର(ପୋଉନୁର ଜଙ୍କସନ, କୋଏମ୍ବାଟୁର) ଓ ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ

■ ଓଡ଼ିଶାର ୯ ଷ୍ଟେସନ ବାଟ ଦେଇ କରିବ ଚଳାଚଳ
■ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ସୁଦୃଢ଼ କରିବ ବୋଲି ଏହି ପତ୍ର ମାଧ୍ୟମରେ ଜଣାଇଛନ୍ତି।

ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି ନୂତନ ଅମୃତ ଭାରତ ଟ୍ରେନ ସେବାକୁ ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଟ୍ରେନ୍ ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ ରୋଡ୍, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯିବ। ଏହି ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଲାଭ ପାଇବେ ତତସହିତ ଦକ୍ଷିଣ ଭାରତ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନକୁ ସହଜ ଯାତ୍ରାର ବିକଳ୍ପ ପ୍ରଦାନ କରିବ।

# ଅଙ୍ଗନବାଡ଼ି କର୍ମୀଙ୍କୁ ସୁଧ ସହ ବକେୟା ଦରମା ଦିଅ: ହାଇକୋର୍ଟ

କଟକ, ୧୦।୩ (ସମିସ): ନିଯୁକ୍ତିଦାତା ଭାବେ ରାଜ୍ୟ ସରକାରଙ୍କ ଦାୟିତ୍ୱବୋଧତାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ନିରନ୍ତର କାର୍ଯ୍ୟ ସତ୍ତ୍ୱେ ଦରମା ପାଉନଥିବା ଦୁଇଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ସେମାନଙ୍କ ସମସ୍ତ ବକେୟା ସହ ୧୫ ପ୍ରତିଶତ ବାର୍ଷିକ ସୁଧ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଙ୍କା ସ୍ୱାଇଁ ଓ କଳ୍ପନା ରାଉତଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ସୁଧ ଟଙ୍କା ରାଜ୍ୟ କୋଷାଗାରରୁ ନୁହେଁ, ବରଂ ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ଦରମା ମିଳିବାରେ ବିଳମ୍ବ ହୋଇଛି, ସେହି ଅଧିକାରୀଙ୍କ ଦରମାରୁ ଭରଣା କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

**ଦାୟିତ୍ୱହୀନ ଅଧିକାରୀଙ୍କ ଦରମାରୁ ଭରଣା ହେବ ସୁଧ ଟଙ୍କା**

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ଦୁଇ ମହିଳା ଗତ ୨୦୨୫ ଜାନୁଆରୀ ୨୯ ରିଖରେ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକର ସାନଦେବିଲ ଏବଂ ବାନ୍ଦାଲ-୩ ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ପରଠାରୁ ସେମାନେ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନ କରୁଥିଲେ ମଧ୍ୟ ସେମାନଙ୍କୁ ଦରମା ବାବଦରେ ଗୋଟିଏ ଟଙ୍କା ବି ମିଳିନଥିଲା। ଏନେଇ ସେମାନେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ମଧ୍ୟ ସିଡିପିଓଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ତେବେ ଦରମା ନପାଇ ଦୁଇ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଧିକାରୀମାନଙ୍କ ପକ୍ଷରୁ କୁହାଯାଇଥିଲା ଯେ ସେମାନଙ୍କ ନାମ 'ଇ-ମାନଦେୟ' ପୋର୍ଟାଲରେ ପ୍ରବେଶ ହୋଇ ନଥିବାରୁ ଦରମା ଦିଆଯାଇପାରିନାହିଁ। ଜଣେ କର୍ମଚାରୀଙ୍କୁ ଦରମାରୁ ବଞ୍ଚିତ କରିବା ସମ୍ବିଧାନର ଧାରା ୨୧, ୨୩ ଏବଂ ୩୦୦-କର ଉଲ୍ଲଂଘନ। ପୋର୍ଟାଲରେ ନାମ ଦରଜ ନହେବା ପାଇଁ କର୍ମଚାରୀ ଦାୟୀ ନୁହନ୍ତି, ବରଂ ଏହା ବିଭାଗୀୟ ଅଧିକାରୀଙ୍କ ଅବହେଳା ବୋଲି ହାଇକୋର୍ଟ କହିଛନ୍ତି।

# ଶାଳୀ ହାତ ଧରି ଟ୍ରେନ୍ ଆଗକୁ ଡେଇଁଲେ ଭିଣୋଇ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୦।୩ (ସମିସ): ଟ୍ରେନ୍ ଆଗକୁ ଡେଇଁ ଶାଳୀ-ଭିଣୋଇଙ୍କ ଆତ୍ମହତ୍ୟା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଳଷ୍ଟେସନ୍ ଦକ୍ଷିଣ-ପୂର୍ବ କେବିନ୍‌ର ଅନତି ଦୂରରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଜଳେଶ୍ୱର ଥାନା ରାଜପୁର ଗ୍ରାମର ବିଜୟ ସାହୁ ଏବଂ ବାଲିଆପାଳ ଥାନା ଅଞ୍ଚଳର ବନ୍ଦିତା ସାହୁ। ବିଜୟଙ୍କ ସଂପର୍କୀୟ ଶାଳୀ ବନ୍ଦିତା ବୋଲି ଜଣାପଡ଼ିଛି। ଗତକାଲି ସନ୍ଧ୍ୟା ପ୍ରାୟ ୭ଟାରେ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ଆଗକୁ ହଠାତ୍ ଉଭୟ ଡେଇଁ ପଡ଼ିଥିଲେ।

ବିଜୟ ଗତକାଲି ବନ୍ଦିତାଙ୍କୁ ଧରି ନିଜ ଗ୍ରାମ ରାଜପୁରକୁ ଆସିଥିଲେ। କୌଣସି ପାରିବାରିକ କଳହ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଥିବା ଅନୁମାନ କରାଯାଉଛି। ଏହାପରେ ଉଭୟ ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଟ୍ରେନ୍‌ର ଶକ୍ତ ଧକ୍କାରେ ଘଟଣାସ୍ଥଳରେ ହିଁ ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ରେଳବାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ତେବେ କେଉଁ ପରିସ୍ଥିତିରେ ଉଭୟ ଏପରି ଚରମ ପଦକ୍ଷେପ ନେଲେ, ସେନେଇ ପରିବାରଲୋକଙ୍କୁ ପଚରାଉଚରା କରାଯାଉଛି।

# ଲଭ୍ ଜିହାଦ: ବାଂଲାଦେଶରେ ଓଡ଼ିଆ ଯୁବତୀ ନିର୍ଯାତିତ

ପୁରୀ, ୧୦।୩ (ସମିସ): "ମାଆ ମତେ ଏଠୁ ନେଇଯା, ନହେଲେ ମାରିଦେବେ। ଏସ୍‌ପି ସାର୍‌ଙ୍କୁ କହ, ମତେ ଏଠୁ ଉଦ୍ଧାର କରିବେ।" ଲଭ୍-ଜିହାଦର ଶିକାର ହୋଇ ଗତ ୫ବର୍ଷ ବାଂଲାଦେଶରେ ଜଣେ ଓଡ଼ିଆ ଝିଅ ନିର୍ଯାତିତ ହେବା ଭଳି ଘଟଣାକୁ ନେଇ ପୁରୀରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନିଜର ନିର୍ଯାତିତ ଝିଅକୁ ବାଂଲାଦେଶରୁ ଉଦ୍ଧାର କରିବା ପାଇଁ ଯୁବତୀଙ୍କ ମା' ଆଜି ଶ୍ରୀକ୍ଷେତ୍ରରେ ଭୋ' ଭୋ' ହୋଇ କାନ୍ଦିବା ସହ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। କୋଭିଡ୍ ସମୟରେ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ତାଙ୍କ ନାବାଳିକା ଝିଅକୁ ପ୍ରେମଜାଲରେ ଫସାଇ ବାଂଲାଦେଶ ନେଇଯାଇଛି। ସେଠାରେ ଗଲା ୫ବର୍ଷ ଧରି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଧର୍ମ ପରିବର୍ତ୍ତନ କରିବାକୁ ବାଧ କରୁଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଯୁବତୀଙ୍କ ମା' ଅଞ୍ଜଳି ପରିଡ଼ା ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସେ ଏକାଧିକ ଏସ୍‌ପିଙ୍କୁ ଭେଟି ଗୁହାରି କଲେଣି। ନେତାମନ୍ତ୍ରୀଙ୍କୁ ମଧ୍ୟ ଭେଟି ଝିଅକୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ସମସ୍ତଙ୍କଠାରୁ ଆଶ୍ୱାସନା ମିଳିଛି। କିନ୍ତୁ, ଏପର୍ଯ୍ୟନ୍ତ ତାଙ୍କ ଝିଅକୁ ଉଦ୍ଧାର କରାଯାଇ ପାରିନାହିଁ। ଆଜି ଅଞ୍ଜଳି ପୁଣିଥରେ ପୁରୀ ଏସ୍‌ପିଙ୍କୁ ସାକ୍ଷାତ୍ କରି ଝିଅକୁ ଉଦ୍ଧାର ପାଇଁ ଗୁହାରି କରିଛନ୍ତି।

ଅଞ୍ଜଳି ଅଭିଯୋଗ କରିଛନ୍ତି ଯେ ୨୦୨୧ ମସିହାରେ ତାଙ୍କ ୧୬ ବର୍ଷର ଝିଅର ଯୁକ୍ତ ଦୁଇ ବିଜ୍ଞାନରେ ଆଡମିସନ୍ ହୋଇଥିଲା। କୋଭିଡ୍

## ଝିଅକୁ ଉଦ୍ଧାର ପାଇଁ ମା'ର ଆକୁଳ ନିବେଦନ

ସମୟରେ ଅନ୍‌ଲାଇନ୍ ପାଠପଢ଼ା ଚାଲିଥିବା ବେଳେ ତାଙ୍କ ଝିଅ ଜୀବନରେ ମାଡ଼ି ଆସିଥିଲା କଳା ବାଦଲ। ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ଏକ ଆପ୍‌ରେ ତାଙ୍କ ସହ ଯୋଗାଯୋଗ କରି ତାଙ୍କୁ ପ୍ରେମଜାଲରେ ଫସାଇ ନେଇ ଯାଇଥିଲା। ୨୦୨୧ ନଭେମ୍ବର ୨୭ ତାରିଖରେ ଯୁବତୀଜଣଙ୍କ ଦିନେ ହଠାତ୍ ଘରୁ ଉଭାନ ହୋଇଯିବାରୁ ମା' ଅଞ୍ଜଳି ଟାଉନ ଥାନାରେ ଏତଲା ଦେଇଥିଲେ। ପୁଲିସ ଝିଅର ଫୋନ ଟ୍ରାକ୍ କରିବାରୁ ପଶ୍ଚିମବଙ୍ଗ କୁଚ୍‌ବିହାରରେ ଥିବା ଜଣାପଡ଼ିଥିଲା। ପୁରୀ ପୁଲିସ୍ ସହ ଅଞ୍ଜଳି ସେଠାକୁ ଯାଇ ଝିଅକୁ ଖୋଜାଖୋଜି କରିଥିଲା। ମାତ୍ର ପୁଅର ପରିବାର ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଅଭିଯୁକ୍ତ ଯୁବକଜଣଙ୍କ ସେଠାକାର ଜଣେ ପୁଲିସ ଅଧିକାରୀଙ୍କର ସମ୍ପର୍କୀୟ ହୋଇଥିବାରୁ ତାକୁ ଖସାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି ଅଞ୍ଜଳି।

ଅଞ୍ଜଳି କହିଛନ୍ତି, ଏହାର ୪ ମାସ ପରେ ଝିଅର କଲ୍ ଆସିଥିଲା। ତାକୁ ବେଙ୍ଗଲୀ ବୋଲି ପରିଚୟ ଦେଇଥିବା ଯୁବକଜଣଙ୍କ ବାଂଲାଦେଶ ନେଇଯାଇଛି। ସେଠାରେ ଧର୍ମ ପରିବର୍ତ୍ତନ ପାଇଁ ଜୋର୍ କରିବା ସହ ମାନସିକ ଓ ପାଶବିକ ନିର୍ଯାତନା ଦେଉଛି। କୌଣସି କଥାରେ ପ୍ରତିବାଦ କଲେ ଝିଅକୁ ମାଡ଼ ମରାଯାଉଛି। କେବେ କେମିତି ସୁଯୋଗ ପାଇଲେ, କାହାଠୁ ଫୋନ୍ ମାଗି ସେ ତାଙ୍କ ପାଖକୁ ଫୋନ୍ କରୁଛି। ମା' ମତେ ଏଠୁ ନେଇଯା, ନ ହେଲେ ମାରିଦେବେ। ଏସ୍‌ପି ସାରଙ୍କୁ କହ, ମତେ ଏଠୁ ଉଦ୍ଧାର କରିବେ' ବୋଲି ଝିଅ ଅଙ୍କିତା ବିକଳ ହୋଇ ଏଭଳି କହୁଥିବା ଅଞ୍ଜଳି କହିଛନ୍ତି। ଶେଷଥର ପାଇଁ ଗତ ମାର୍ଚ୍ଚ ୨ ତାରିଖରେ ଝିଅ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରିଥିଲା। ଉଦ୍ଧାର କରିବା ପାଇଁ ନିବେଦନ କରିଥିଲା। ହେଲେ ଅସହାୟ ମାଆ ଥାନା, ରାଜନେତାଙ୍କ ଘର ଦଉଡି ଦଉଡି ନିରାଶ ହୋଇପଡ଼ିଲେଣି। ଏପରିକି, ଝିଅ ରହୁଥିବା ଜାଗାର ଠିକଣା ପାଇ ସେ ପୁଲିସ୍‌କୁ ଜଣାଇବା ସହ ସେଠାକୁ ଯିବା ଲାଗି ନିଜେ ପାସ୍‌ପୋର୍ଟ ଓ ଭିସା କରି ଅଣ୍ଟା ଭିଡ଼ିଛନ୍ତି। ହେଲେ ସାହସ ପାଉନି। ଏଭଳି ସ୍ଥିତିରେ ନା ଝିଅ ଉଦ୍ଧାର ହୋଇପାରୁଛି ନା ମାଆ ଅଞ୍ଜଳିଙ୍କ ଆଖିର ଲୁହ ଶୁଖୁଛି।

ପୁନଶ୍ଚ ଝିଅକୁ ଫେରାଇ ଆଣିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ସରକାରୀସ୍ତରରେ କିଭଳି ପ୍ରୟାସ କରାଯିବ ସେ ନେଇ ଅନୁରୋଧ କରିଛନ୍ତି ଅଞ୍ଜଳି। ଏ ସମ୍ପର୍କରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏହାକୁ ଗୁରୁତର ସହ ଗ୍ରହଣ କରାଯାଇଛି। ସ୍ପେଶାଲ ବ୍ରାଞ୍ଚ ମାଧ୍ୟମରେ ହାଇ କମିଶନରଙ୍କ ସହଯୋଗରେ ପୀଡ଼ିତାଙ୍କୁ ଉଦ୍ଧାର ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଏସ୍‌ପି କହିଛନ୍ତି।




**ଶିକ୍ଷକ ଅଭାବକୁ ନେଇ ଅସନ୍ତୋଷ**

# ପରୀକ୍ଷା ଦେଇପାରିଲେନି ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ

ଥୁଆମୂଳରାମପୁର, ୧୦ ।୩(ସମିସ)

ବର୍ତ୍ତମାନ ସମୟରେ ସମସ୍ତ ଶିକ୍ଷାନୁଷ୍ଠାନରେ ବାର୍ଷିକ ପରୀକ୍ଷା ରତୁ ଚାଲିଛି ।କିନ୍ତୁ ସରକାରୀ ବିଦ୍ୟାଳୟଗୁଡିକ ବିଭିନ୍ନ ସମସ୍ୟା ମଧ୍ୟରେ ଚାଲିଥିବା ଦୃଶ୍ୟ ପୁଣିଥରେ ସାମ୍ନାକୁ ଆସିଛି । କେଉଁଠି ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନାହାଁନ୍ତି ତ କେଉଁଠି ଶ୍ରେଣୀ କକ୍ଷର ଅଭାବ ଶିକ୍ଷା ପ୍ରଣାଳୀକୁ ପ୍ରଭାବିତ କରୁଛି । ଉନ୍ନତ ଶିକ୍ଷା ସାଧନ ସହ ଯଥାର୍ଥ ପାଠପଢ଼ା ପରିବେଶ ନଥିବାରୁ ଛାତ୍ରଛାତ୍ରୀମାନେ ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି ।ଏଭଳି ଏକ ଚିତ୍ର କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ବିରିକୋଟ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ମଙ୍ଗଳବାର ଠାରୁ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ, ଶିକ୍ଷକ ଅଭାବକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ଅସନ୍ତୋଷ ଫଳରେ ଛାତ୍ରଛାତ୍ରୀ ପରୀକ୍ଷା ବର୍ଜନ କରିଥିବା ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁସାରେ, ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୧୫ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ମାତ୍ର ଦୁଇଜଣ ଶିକ୍ଷକ, ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି । ଏତେ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ପାଇଁ ପର୍ଯ୍ୟାପ୍ତ ଶିକ୍ଷକ ନଥିବାରୁ ପାଠପଢ଼ା ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି ।ଏହା ସହିତ ବିଦ୍ୟାଳୟରେ ଆବଶ୍ୟକ ଭୂମିକା ସୁବିଧାର ମଧ୍ୟ ଅଭାବ ରହିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୫ ଜଣ ଛାତ୍ରଛାତ୍ରୀଙ୍କୁ ମାତ୍ର ତିନୋଟି ଶ୍ରେଣୀ କକ୍ଷରେ ପଢ଼ାଯାଉଥିବାରୁ ଶିକ୍ଷା ପାଇଁ ଉପଯୁକ୍ତ ପରିବେଶ ଗଠିତ ହୋଇପାରୁନାହିଁ । ଫଳରେ ଗୋଟିଏ କକ୍ଷରେ ଅନେକ ଶ୍ରେଣୀର ଛାତ୍ରଛାତ୍ରୀ ପଢୁଥିବା ଦୃଶ୍ୟ ସାଧାରଣ ଘଟଣା ହୋଇପଡ଼ିଛି ।ଏହି





**ବିଦ୍ୟାଳୟ ବନ୍ଦ କଲେ ଅଭିଭାବକ**

ସମସ୍ୟା ଦୀର୍ଘଦିନ ଧରି ରହିଥିବା ସତ୍ତ୍ୱେ ସମ୍ବନ୍ଧିତ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଏହାକୁ ନେଇ ମଙ୍ଗଳବାର ଦିନ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟକୁ ବନ୍ଦ କରି ପ୍ରତିବାଦ ଜଣାଇଥିଲେ । ଫଳରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇପାରିନଥିବା ବେଳେ ବିଦ୍ୟାଳୟରୁ ଫେରିଯାଇଥିବା ଦେଖିବାକୁ ମିଳିଥିଲା ।ଏହି ଆନ୍ଦୋଳନରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଧାକାନ୍ତ ନାଏକଙ୍କ ସମେତ କମିଟି ସଦସ୍ୟ ଶ୍ରୀରାମ ନାଏକ, ଯୌବନ ନାଏକ, ହରେରାମ ନାଏକ, ନବୀନ ନାଏକ, ଅହଲ୍ୟା ସାହୁ, ହିର ସାହୁ, ବିଳାସ ଗୌଡ ଓ ସୁନା ଗୌଡ ଉପସ୍ଥିତ ଥିଲେ । ସେଥିପାଇଁ ସ୍ଥାନୀୟ ୱାର୍ଡ ମେମ୍ବର ଚନ୍ଦ୍ରକେତୁ ନାଏକ, ଦିବ୍ୟସିନୀ ନାଏକ, ସଞ୍ଜୀବ କୁମାର ବାଗେଲ ଓ ଯଶୋବନ୍ତୀ ନାଏକଙ୍କ ସହ ଅନେକ ଅଭିଭାବକ ପ୍ରତିବାଦରେ ସାମିଲ ହୋଇଥିଲେ ।ଘଟଣା ସମ୍ପର୍କରେ ଖବର ପାଇ ସିଆର୍‌ସିସି ବିଦ୍ୟାଳୟକୁ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିବା ସହ ପରୀକ୍ଷା ପ୍ରଶ୍ନପତ୍ର ଫେରାଇ ନେଇଥିବା ସୂଚନା ମିଳିଛି । ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ କହିବା ଅନୁସାରେ, ତୁରନ୍ତ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି ସହ ଯଥାର୍ଥ ଶିକ୍ଷା ପରିବେଶ ସୃଷ୍ଟି ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ । ସ୍ଥାନୀୟ ଲୋକମାନେ ଶିକ୍ଷା ବିଭାଗ ଓ ପ୍ରଶାସନଙ୍କୁ ସମସ୍ୟା ଉପରେ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ମହୁଲପଡ଼ା ଗାଁ ରାସ୍ତାରେ ନର୍ଦ୍ଦମା ପାଣି

**ସିନାପାଲି, ୧୦ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ମହୁଲପଡ଼ା ଗ୍ରାମର ମୁଖ୍ୟରାସ୍ତା ଉପରେ ନର୍ଦ୍ଦମା ପାଣି ଅନବରତ ବହି ଚାଲିଥିବା ବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମହୁଲପଡ଼ା ଗାଁର ଜନସାଧାରଣ ପଞ୍ଚାୟତ କର୍ତ୍ତୃପକ୍ଷ ତଥା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି । ରାସ୍ତା ଦେଇ ପ୍ରତିଦିନ ଯାନବାହାନ ଚଳାଚଳ କରୁଥିବା ବେଳେ ବୋଡ଼େନ ବ୍ଲକ ଅଞ୍ଚଳକୁ ଯୋଗାଯୋଗର ମୁଖ୍ୟ ରାସ୍ତା ହୋଇ ଥିବାରୁ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଲୋକେ ନାକ ଟେକି ଚାଲୁଛନ୍ତି ।ଉକ୍ତ



ରାସ୍ତା ଦେଇ ସିନାପାଲି ଓ ବୋଡ଼େନ ଅଞ୍ଚଳର ଅନେକ ଗାଁ ଗଣ୍ଡା ଗୁଡ଼ିକୁ ଯିବାକୁ ପଡ଼ିଥାଏ ।ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ନର୍ଦ୍ଦମା ପାଣି ବହି ଚାଲିଥିବା ବେଳେ ଅପରିଷ୍କାର ହୋଇ ଦୁର୍ଗନ୍ଧ ସୃଷ୍ଟି ହେଉଛି । ରାସ୍ତା କଡ଼ରେ ଥିବା ଲୋକେ ଅନେକ ଅସୁବିଧାର ଶୀକାର ହେବା ସହିତ ମଶାମାଛି ପ୍ରାଦୁର୍ଭାବ ଦେଖାଦେଇଛି ।ଦୁର୍ଗନ୍ଧ ଯୋଗୁଁ ନାକ ଟେକି ଯିବା ଆସିବା କରୁଛନ୍ତି । ଏପରିକି ରାସ୍ତାରେ ଯାନବାହାନ ଚଳାଚଳ ସମୟରେ ଦୁର୍ଗନ୍ଧଯୁକ୍ତ ଆବର୍ଜନା ପାଣି ଗୃହରେ ଛିଟିକି ପଡ଼ିବା ଭଳି ପରିସ୍ଥିତି ଦେଖା ଦେଇଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ପ୍ରଶାସନ ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି ।

**● ଶାସ୍ତ୍ରୀଜୀ ସ୍କୁଲରେ ଛାତ୍ର ମୃତ୍ୟୁ ଘଟଣା**

# ତଦନ୍ତ ଦାବି କଲା ଦକ୍ଷିଣୀ ଶୌଣ୍ଡିକ ମହାସଂଘ

**ଭବାନୀପାଟଣା, ୧୦ ।୩(ସମିସ):** ସ୍ଥାନୀୟ ଶାସ୍ତ୍ରୀଜୀ ଶିକ୍ଷା ନିକେତନ ସ୍କୁଲରେ ଛାତ୍ର ମୃତ୍ୟୁ ଘଟଣାର ୬ଦିନ ପରେ ବି ରହସ୍ୟ ଉନ୍ମୋଚନ ହୋଇପାରିନି ।ମଙ୍ଗଳବାର ଦିନ ଦକ୍ଷିଣୀ ଶୌଣ୍ଡିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ଼ ସବ ଡିଭିଜନର ଜିଲ୍ଲା ସଭାପତି ଥବିର ପ୍ରସାଦ ସାହୁଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଜୁନାଗଡ଼ ଓ ଧର୍ମଗଡ଼ ଆଞ୍ଚଳିକ କମିଟିର ସଭାପତି ବିଦ୍ୟାଧର ସାହୁ, ଜିଲ୍ଲା କମିଟିର ଆଇନ ପରାମର୍ଶ ଦାତା ସଚ୍ଚିଦାନନ୍ଦ ସାହୁ, ସଦର କମିଟିର ସଭାପତି କୁଳମଣି ସାହୁ, ସହର କମିଟି ସମ୍ପାଦକ ସୁବୋଧ ସାହୁ, କେସିଙ୍ଗା ବ୍ଲକ କମିଟିର ବରିଷ୍ଠ ସଦସ୍ୟ ମିତ୍ର ସେନ ସାହୁ କଳାହାଣ୍ଡି ଏସ୍‌ପି ନାଗ ରାଜ ଦେବରକୋଣ୍ଡାଙ୍କୁ ଭେଟି ଭବାନୀପାଟଣା ଶାସ୍ତ୍ରୀଜୀ ସ୍କୁଲ୍‌ର ଛାତ୍ର ସୌମ୍ୟ ରଞ୍ଜନ ସାହୁଙ୍କ ମୃତ୍ୟୁ ଘଟଣାର ଉଚିତ ତଦନ୍ତ ପାଇଁ ଦାବି କରିଛନ୍ତି ।ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଛାତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ମାମଲା ସଦର ଥାନାରେ କେଶ ନମ୍ବର ୯୧/୪.୩.୨୦୨୬ରେ ମାମଲା ରୁଜୁ ହୋଇଛି । କିନ୍ତୁ ମୃତ ଛାତ୍ରର ବାପା-ମାଆ ଏହା ଏକ ହତ୍ୟା ଘଟଣା ବୋଲି ଅଭିଯୋଗ କରିଛନ୍ତି । ଦକ୍ଷିଣୀ ଶୌଣ୍ଡିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ଼ ସବ ଡିଭିଜନର କର୍ମକର୍ତ୍ତା ଘଟଣାର ସଠିକ୍ ତଦନ୍ତ ପାଇଁ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି । ଶାସ୍ତ୍ରିଜୀ ଶିକ୍ଷା ନିକେତନ ରେ ବାରମ୍ବାର ଛାତ୍ରଛାତ୍ରୀଙ୍କୁ ଅବହେଳା ଓ ନିର୍ଯାତନା ଅଭିଯୋଗ ପରେ ମଧ୍ୟ ଜିଲ୍ଲା ପ୍ରଶାସନ ସ୍କୁଲ ବିରୋଧରେ କୌଣସି ପଦକ୍ଷେପ ନ ନେବା ସାଧାରଣ ଓ ଅବିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି ।



# ଭୂର୍କାଧୋଡ଼ାରେ ପ୍ରବାସୀ ଶ୍ରମିକ ସଚେତନତା ସଭା

**ନୂଆପଡ଼ା/କୋମନା, ୧୦ ।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସମରସିଂ ପଞ୍ଚାୟତର ଭୂର୍କାଧୋଡ଼ା ଗ୍ରାମରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସଭାରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମ୍‌ଓ ଡ.ଧନେଶ୍ୱର ସେଠୀ, ବିଡ଼ିଓ ପବିତ୍ର କୁମାର ସାମଲ, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ । ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟା କ୍ରିତିକାଂଶି ଦାସ ଓ ଧନେଶ୍ୱରୀ ସାହୁଙ୍କୁ କୋଳରେ ଧରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦୁଇ ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଚାରି ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥିମାନେ ଭେଟି ଦେଇଥିଲେ ।ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାଲା ମାଧ୍ୟମରେ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ, ୮ ଜଣ ହିତାଧିକାରୀ ଶ୍ରମିକଙ୍କୁ ମନରେଗାରେ ୧୦୦ ଦିନରୁ ଅଧିକ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଦୁଇଟି ପରିବାରକୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଗିରିଧାରି ମାଝୀ, ହୀରାକାନ୍ତି ନାଗ ଓ ସୁଲୋଚନା ଶବରଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ମୃତ୍ୟୁକାଳୀନ ସହାୟତା ଓ ଯାଇମଣୀଙ୍କୁ ୧୦ହଜାର ଟଙ୍କା ମାତୃତ୍ୱ ସହାୟତା ପ୍ରଦାନ କରାଯାଇଥିଲା ।ଜିଲ୍ଲାପାଳ ଓ ଅଧିକାରୀମାନେ ପ୍ରବାସୀ ଶ୍ରମିକ ଦେବର୍ଷି ମାଝୀଙ୍କ ଘରକୁ ପରିଦର୍ଶନ କରି ତାଙ୍କ ପରିବାର ସହ ଆଲୋଚନା କରିଥିଲେ । ଶିବିରକୁ କୋମନା ବିଡ଼ିଓ ପବିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ ଗୀତା, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ ।




# ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**କେସିଙ୍ଗା, ୧୦ ।୩(ସମିସ):** ଆସନ୍ତା ୧୪ ତାରିଖ ମାସର ଦ୍ୱିତୀୟ ଶନିବାର ଦିନ ଚଳିତ ବର୍ଷ ର ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ପରିପେକ୍ଷିରେ ପ୍ରସ୍ତୁତି ବୈଠକ କେସିଙ୍ଗା କୋର୍ଟ ପରିସରରେ କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା କେସିଙ୍ଗା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ।ଶିବିରକୁ ସଫଳ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ ସହକାରୀ ସରକାରୀ ଓକିଲ ସନ୍ତୋଷ କୁମାର ଦାସଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ ।ଉକ୍ତ ଲୋକଅଦାଲତରେ ରଫା ଯୁକ୍ତ ଫୌଜଦାରୀ ମାମଲା, ଚେକ୍ ବାଉନସ, ବ୍ୟାଙ୍କ ଋଣ ଅନାଦେୟ, ବୈବାହିକ ମାମଲା, ରାଜସ୍ୱ ଓଜମିଜମା ମାମଲାର ବିଚାର କରାଯିବ ।ଉକ୍ତ ଲୋକ ଅଦାଲତରେ ମାମଲାର ଫଇସଲା ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଓ ଲୋକ ଅଦାଲତର ରାୟ ଚୂଡାନ୍ତ ଓ ବୈଧ ନିଜ ନିଜ ମଧ୍ୟରେ ବିବାଦର ପ୍ରାକ୍ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ସୁଯୋଗର ସଦୁପଯୋଗ କରିବାକୁ ବିଚାରପତି ଦୀପ୍ତା ସେଠୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

# ସିସିରୋଡ୍ ଭାଙ୍ଗିବାକୁ ନେଇ ଅସନ୍ତୋଷ

**● ଛାତ୍ରଛାତ୍ରୀଙ୍କ ଯାତାୟାତରେ ସମସ୍ୟା**

**କୋମନା, ୧୦ ।୩(ସମିସ):** ନୂଆପଡ଼ା ଜିଲ୍ଲାର କଲୋନୀପଡ଼ା ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଥିବା ପକ୍କା ସିସି ରାସ୍ତାକୁ ଜେସିବି ସାହାଯ୍ୟରେ ତାଡ଼ି ଦିଆଯାଇଥିବା ନେଇ କୋମନାରେ ଚାଲିଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ୨୦୨୦-୨୧ ବର୍ଷରେ କଲୋନୀ ପଡ଼ା ବିଦ୍ୟାଳୟକୁ ସଂଯୋଗ କରୁଥିବା ସିସି ରାସ୍ତାଟି ନିର୍ମିତ ହୋଇଥିଲା । ରାସ୍ତାଟି ବିଦ୍ୟାଳୟକୁ ଯିବା ଆସିବା ପାଇଁ ଏକମାତ୍ର ଭଲ ମାଧ୍ୟମ ଥିଲା । ମାତ୍ର ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ସରପଞ୍ଚ ନୂତନ ଭାବେ ରାସ୍ତା ନିର୍ମାଣ କରିବା ଆଳରେ ପୂର୍ବରୁ ଥିବା ସୁଦୃଢ଼ ସିସିରୋଡ୍‌କୁ ଜେସିବି ଲଗାଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛନ୍ତି ।ପୂର୍ବରୁ ଥିବା ଭଲ ରାସ୍ତାକୁ ଭାଙ୍ଗି ପୁଣି ଥରେ ରାସ୍ତା ନିର୍ମାଣ କରିବା ସରକାରୀ ପାଣ୍ଠିର ଅପବ୍ୟବହାର ବୋଲି ସ୍ଥାନୀୟଲୋକେ ମତ ପ୍ରକାଶ କରିଛନ୍ତି ।ରାସ୍ତାକୁ ଖୋଳି ଦିଆଯାଇଥିବାରୁ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଯିବା ଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଘଟଣାର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମର ଡକ୍ଟର ବାଗ ଜୟନ୍ତ ଖମାରୀ, ଟଗରେଶ୍ୱର ଖମାରୀ, ମୁନି ରାମ ମଲ୍ଲିକ, ପାରେଶ୍ୱର ଖମାରୀ, ଗଲା ଶବର ପ୍ରମୁଖ ଅଭିଯୋଗ କରିଛନ୍ତି । ପୂର୍ବ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକଳାପ ପ୍ରତି ଗ୍ରାମବାସୀ ଅଭିଯୋଗ କରିଥିଲେ । ପ୍ରଶାସନ ଅଭିଯୋଗ ଉପରେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ।



# ମହୁଲ ପୋଚ ଓ ମଦ ଜବତ

**କୋକସରା, ୧୦ ।୩(ସମିସ):** କୋକସରା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର କୁଲେରେଗୁଡାସ୍ଥିତ ଏକ ନାଲାରେ ଚଢ଼ାଉ କରାଯାଇଛି । ଚଢ଼ାଉରେ ୮ ଶହ କେ.ଜି ମହୁଲ ପୋଚ ଓ ୫୦ ଲିଟର ହାତରନ୍ଧା ମଦ ଜବତ କରିବା ସହ ମଦ ରନ୍ଧା ସାମଗ୍ରୀ ନଷ୍ଟ କରାଯାଇଛି । କୌଣସି ପ୍ରକାରରେ ଚଢ଼ାଉର ଖବର ପାଇ ବେଆଇନ୍ ଦେଶୀ ମଦ ରାନ୍ଧୁଥିବା ଲୋକେମାନେ ଫେରାର ହୋଇଥିବା ବେଳେ କାହାରିକୁ ଧରା ଯାଇ ପାରିନାହିଁ । କୋକସରା ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ନେତୃତ୍ୱରେ କନେଷ୍ଟବଳ ମହାଦେବ ମାଝୀ, ଖୁସିଦେବ କଟା ପ୍ରମୁଖ ସାମିଲ ହୋଇଥିଲେ ।



# ଯୋଗ ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୦ ।୩ (ସମିସ):** ସ୍ଥାନୀୟ ମା’ ମାଣିକେଶ୍ୱରୀ ମନ୍ଦିର ସମ୍ମୁଖରେ ପତଞ୍ଜଳି ଯୋଗ ସମିତି କଳାହାଣ୍ଡି ପକ୍ଷରୁ ଯୋଗ ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଭାରୀ ଡ଼.ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ଯୋଗୀ ଭାଇ ଓ ଭଉଣୀ ଯୋଗ ଦେଇଥିଲେ । ଏଥିରେ ବିଶ୍ୱର ସାମୂହିକ କଲ୍ୟାଣ ପାଇଁ ସମସ୍ତେ କାର୍ଯ୍ୟକ୍ରମକୁ ସମର୍ପିତ କରିଥିଲେ । ଏ ଅବସରରେ ସକାଳ ୬ ଘଣ୍ଟା ସମୟରୁ ୭ ଘଣ୍ଟା ଯାଏଁ ଘଣ୍ଟାଏ ଧରି ସମସ୍ତେ ଯୋଗର ବିଭିନ୍ନ ଶୈଳୀକୁ ପ୍ରଦର୍ଶନ କରିଥିଲେ । ଏହାଦ୍ୱାରା ସାଧାରଣ ଲୋକେ ଯୋଗର ଭୂମିକା ଓ ଗୁରୁତ୍ୱ ବିଷୟରେ ଅବଗତ ହୋଇପାରିଥିଲେ । ଯୋଗ କିପରି ଆମର ଜୀବନକୁ ସହଜ, ସରଳ ଓ ସୁନ୍ଦର କରିବାରେ ସହାୟକ ହୋଇପାରୁଛି, ତାହାର ମହତ୍ତ୍ୱକୁ ପ୍ରତିପାଦିତ କରିବା ଏହି ପ୍ରଦର୍ଶନର ଲକ୍ଷ୍ୟ ବୋଲି ଆୟୋଜକ ମାନେ ପ୍ରକାଶ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ମହାମନ୍ତ୍ରୀ ଗଜେନ୍ଦ୍ର ପାଢ଼ୀ ସଂଯୋଜନା କରିଥିଲେ । ଚୈତ୍ର ମାସ ସପ୍ତମୀ ତିଥିରେ ମା’ ମାଣିକେଶ୍ୱରୀଙ୍କ ମନ୍ଦିର ସମ୍ମୁଖରେ ଏଭଳି ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନକୁ ସାଧାରଣ ମହଲରେ ପ୍ରଶଂସା କରାଯାଉଛି ।



# ପେଟ ପାଇଁ ଶ୍ରମିକ ସାଜିଛନ୍ତି ଅସୁସ୍ଥ ଝସକେତନ

**କୋମନା, ୧୦ ।୩(ସମିସ):** ନିୟତିର କ୍ରୁର ପରିହାସ ଆଗରେ ହାର ମାନିନି ସଂଘର୍ଷ । ଗୋଟିଏ ପଟେ ଦୁରାରୋଗ୍ୟ ବ୍ୟାଧି ଓ ଅନ୍ୟପଟେ ଦାରିଦ୍ର୍ୟର କଷାଘାତ ।ନୂଆପଡ଼ା ଜିଲ୍ଲା କୋମନା ଥାନା ଜଗନ୍ନାଥପାଲି ଗ୍ରାମରେ ଏଭଳି ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି । ଗ୍ରାମର କ୍ଷୀର ହଂସଙ୍କ ୨୧ ବର୍ଷୀୟ ପୁଅ ଝସକେତନ ହଂସ ଆଜି ନିଜ ପାଇଁ ନୁହେଁ, ବରଂ ବୃଦ୍ଧ ବାପା-ମା’ଙ୍କ ମୁହଁରେ ଦୁଇ ମୁଠା ଦାନା ଦେବା ପାଇଁ ଶ୍ରମିକ ଭାବେ କାମ କରୁଛନ୍ତି । ଝସକେତନଙ୍କ ପିଲାବେଳୁ ତାଙ୍କ ପେଟ ଅସ୍ୱାଭାବିକ ଭାବେ ବଢ଼ିବାରେ ଲାଗିଥିଲା । ଗରିବ ବାପା-ମା’ ପୁଅର ଚିକିତ୍ସା ପାଇଁ ସମ୍ବଳ ଅନୁସାରେ ଅନେକ ହସ୍ପିଟାଲ ଧାଇଁଥିଲେ ମଧ୍ୟ ସବୁଠୁ ନିରାଶ ହୋଇ ଫେରିଛନ୍ତି । ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା କରାଇବା ସେମାନଙ୍କ ପାଇଁ ସାତସପନ ପାଲଟିଛି । ବର୍ତ୍ତମାନ ଝସକେତନଙ୍କୁ ୨୧ ବର୍ଷ ବୟସ । ଏହି ଅସୁସ୍ଥତା ସତ୍ତ୍ୱେ ସେ କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରୁଛନ୍ତି । ସରକାରୀ ସହାୟତା କହିଲେ କେବଳ ମାସିକ ୫ କେଜି ଚାଉଳ ମିଳୁଥିବା ବେଳେ, ଅନ୍ୟ କୌଣସି ଆର୍ଥିକ ସହାୟତା କିମ୍ବା ସ୍ୱାସ୍ଥ୍ୟ ସେବା ସୁବିଧା ଏପର୍ଯ୍ୟନ୍ତ ମିଳିପାରି ନାହିଁ । ବୟସ ସାଙ୍ଗକୁ ଦେହର ଅସୁସ୍ଥତା ବଢୁଥିଲେ ମଧ୍ୟ ବାପା-ମା’ଙ୍କ ସେବା ପାଇଁ ସେ କଠିନ ପରିଶ୍ରମ ଜାରି ରଖିଛନ୍ତି । ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଝସକେତନଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ସହ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



**କୁଆଡେ ଗଲେ ଡ୍ରଗ୍ସ ଇନ୍ସପେକ୍ଟର**

# ୬ ମାସରୁ ଊର୍ଦ୍ଧ୍ୱ ହେଲାଣି କେସିଙ୍ଗା ଆସିନାହାନ୍ତି ଅଧିକାରୀ

କେସିଙ୍ଗା, ୧୦ ।୩(ସମିସ)

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ଜିଲ୍ଲାର ପ୍ରମୁଖ ଔଷଧର ହୋଲସେଲ ବଜାର ।କେସିଙ୍ଗାରେ ଅନେକ ଛୋଟବଡ଼ ଔଷଧ ହୋଲସେଲ ଦୋକାନ ଅଛି ସେମାନେ କେବଳ କଳାହାଣ୍ଡି ଜିଲ୍ଲା ନୁହେଁ ବରଂ ପଡୋଶୀ ନୂଆପଡ଼ା, ବଲାଙ୍ଗିର, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାକୁ ଔଷଧ ସପ୍ଲାଏ କରୁଛନ୍ତି । ସୂଚନା ଅନୁଯାୟୀ କେସିଙ୍ଗାକୁ ବଲାଙ୍ଗିରରୁ ବଡ଼ଭାଗ ଔଷଧ ଆସିଥାଏ । କେସିଙ୍ଗାରେ କେତେବେଳେ ନକଲି ପୁଲିସ ଧରା ପଡୁଛନ୍ତି ତ କେତେବେଳେ ନକଲି ମଦ ତିଆରି କରି ଖୋଦ୍ ବିଦେଶୀ ମଦ ଦୋକାନୀ ଧରାପଡ଼ିଛନ୍ତି ।କିନ୍ତୁ ଆଜି ପର୍ଯ୍ୟନ୍ତ କେସିଙ୍ଗାରେ ନକଲି ଔଷଧ ଧରାପଡ଼ିନି ହେଲେ ନକଲି ଔଷଧର ସଜ୍ଞା କଣ ଓ କେମିତି ଅସଲି ନକଲିର ପାର୍ଥକ୍ୟ ଲୋକେ ଜାଣିବେ ସେଇଟା ଜନସାଧାରଣ ଜାଣି ନାହାନ୍ତି । ଅସଲି ନକଲି ଔଷଧ କିପରି ଉପଭୋକ୍ତା ଜାଣି ପାରିବେ ସେ ବିଷୟ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କାର୍ଯ୍ୟକ୍ରମ କରାଯାଉନାହିଁ ।ଅସଲି ନକଲିର ସତ୍ୟାସତ୍ୟ ଜାଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣେ ଲେଖାଏଁ ଡ୍ରଗ ଇନ୍ସପେକ୍ଟର ରଖାଯାଇଛି ।ହେଲେ ବାବୁମାନେ କେବେ ଆସୁଛନ୍ତି କେତେବେଳେ ଆସୁଛନ୍ତି କୋଉ ଦୋକାନରେ ଅସଲି ନକଲି ଚେକ୍ କରୁଛନ୍ତି ଜାଣି ହେଉନାହିଁ ।ଶୁଣିବାକୁ ମିଳୁଛି କରୋନା ଆଗରୁ କୁଆଡେ ବାବୁମାନେ ଔଷଧ ଦୋକାନକୁ ଆସି ଚା ପାଣିର ମଜା ନେଇ କିଛି ସମୟ ବସି ନିଜର ଖର୍ଚ୍ଚ ନେଉଥିବା କିଛି ଦୋକାନୀ କହୁଥିଲେ ମଧ୍ୟ କ୍ୟାମେରା ଆଗରେ କେହି ସତ କଥା କହୁନାହାନ୍ତି ।ବର୍ତ୍ତମାନ ଶୁଣିବାକୁ ମିଳୁଛି ଯେ କେସିଙ୍ଗା କୁ ଡ୍ରଗ ଇନ୍ସପେକ୍ଟର ଗତ ସେପ୍ଟେମ୍ବର ମାସର ଶେଷ ସପ୍ତାହରେ ଆସିଥିଲେ ହେଲେ ଆଜକୁ ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେଲାଣି କେସିଙ୍ଗାରେ ଇନ୍ସପେକ୍ଟରଙ୍କୁ ଦେଖିବାକୁ ମିଳୁନି ।କିଛି ଦିନ ତଳେ କେସିଙ୍ଗା ସହରରେ ଥିବା ଏକ ମେଡିକାଲ ଷ୍ଟୋରରେ ଜଣେ ରୋଗୀଙ୍କୁ ଏକ୍ସପାୟରି ଔଷଧ ଦେଇ ହଟହଟା ହୋଇଥିଲେ । ପରେ ଅଭିଯୋଗ କରିଥିବା ଲୋକକୁ ପଇସା ଲୋଭ ଦେଖାଇ କଥାକୁ ଚପାଇ ଦେବା ପାଇଁ ଉଦ୍ୟମ ହୋଇଥିବା ସହରରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଜିଲ୍ଲା ଡ୍ରଗ ଇନ୍ସପେକ୍ଟରଙ୍କ ସହିତ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲୁ ହେଲେ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା ।



## ଅଧପନ୍ତରିଆ ଖୁଣ୍ଟଗାଁ-ମିଟକୁନ୍ଦୁରି ରାସ୍ତା

# ବାଧକ ରେଳ କର୍ତ୍ତୃପକ୍ଷଙ୍କ ଅସହଯୋଗ

ରାଉରକେଲା, ୧୦।୩(ସମିସ)



ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ - ବାଗଡ଼େଗା ଭାୟା ବିରଙ୍ଗାଟୋଲୀ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରେ ରହିଯାଇଛି। ରେଳବାଇ କର୍ତ୍ତୃପକ୍ଷଙ୍କ ଅସହଯୋଗ ଯୋଗୁଁ ଖୁଣ୍ଟଗାଁ-ମିଟକୁନ୍ଦୁରି ରାସ୍ତା ସମସ୍ୟାର ସମାଧାନ ନେଇ ଅନିଶ୍ଚିତତା ଲାଗିରହିଛି। ଯାହାକୁ ନେଇ ଉକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନାନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ଖୁଣ୍ଟଗାଁ - ବାଗଡ଼େଗା ଭାୟା ବିରଙ୍ଗାଟୋଲୀ ରାସ୍ତା ଅର୍ଥାତ ଖୁଣ୍ଟଗାଁ ରେଳଫାଟକରୁ ମାତ୍ର ୩ ଶହ ମିଟର ରାସ୍ତା ଅବସ୍ଥା ଅତିଶୋଚନୀୟ ହୋଇପଡ଼ିଥିଲା। ଏହି ୩ ଶହ ମିଟର ରାସ୍ତା ରେଳବିଭାଗର ହୋଇଥିବାରୁ ରେଳ କର୍ତ୍ତୃପକ୍ଷଙ୍କ ଅସହଯୋଗ ଯୋଗୁଁ ଏହି ରାସ୍ତା ମରାମତି ହୋଇ ପାରି ନ ଥିବା କୁହାଯାଉଛି। ଯାହାଫଳରେ ଦୀର୍ଘ ୧୦ ବର୍ଷ ହେବ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଏହି ରାସ୍ତା ଦେଇ ଯାତାୟାତ କରିବା କଷ୍ଟକର ହୋଇପଡ଼ିଥିଲା। ଲୋକେ ସେହି ୩ ଶହ ମିଟର ରାସ୍ତା ପାଇଁ ୫ରୁ ୬ କିଲୋମିଟର ରାସ୍ତା ବୁଲି ଖୁଣ୍ଟଗାଁ ଆସି ସେଠାରୁ ପୁଣି ରାଉରକେଲାକୁ ଆସୁଥିଲେ। ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଖୁଟଗାଁ-ବାଗଡ଼େଗା ରାସ୍ତା ନିର୍ମାଣ ସମୟରେ ରେଳ କର୍ତ୍ତୃପକ୍ଷ ନିର୍ମାଣରେ ବାଧକ ସାଜିଥିଲେ। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଖୁଟଗାଁ-ବାଗଡ଼େଗା ରାସ୍ତା ନିର୍ମାଣ କରିଥିଲେ ମଧ୍ୟ ଏହି ୩ ଶହ ମିଟର ବିଶିଷ୍ଟ ରାସ୍ତାକୁ ନିର୍ମାଣ କରି ପାରିନଥିଲେ। ଫଳରେ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀଙ୍କ ସମସ୍ୟା ଯଥା ପୂର୍ବଂ ତଥା ପରଂ ସଦୃଶ ହୋଇଯାଇଥିଲା। ଏଥିପାଇଁ ନୂଆଗାଁ ବ୍ଲକର ୫ ରୁ ୬ଟି ପଞ୍ଚାୟତର ହଜାର ହଜାର ଲୋକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନିକଟରେ ଏହି ରାସ୍ତାର ମରାମତି ପାଇଁ ଖୁଣ୍ଟଗାଁ ସରପଞ୍ଚ ଓ ନୂଆଗାଁ ବିଡ଼ିଓଙ୍କୁ ଅନୁରୋଧ କରାଯାଇଥିଲା। ପରେ ଏ ନେଇ ନୂଆଗାଁ ବ୍ଲକର ଯୁବନେତା ପ୍ରକାଶ ସାହୁ ଓ ହିମାଂଶୁ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକର ଅନେକ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ଅନେକ ଲୋକଙ୍କ ମିଳିତ ସ୍ୱାକ୍ଷରରେ ଏକ ଅଭିଯୋଗ ପତ୍ର ନୂଆଗାଁରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦିଆଯାଇଥିଲା। ଏହି ଅଭିଯୋଗ ପତ୍ରରେ ଖୁଣ୍ଟଗାଁ - ବାଗଡ଼େଗା ରାସ୍ତା ମରାମତି ସହ ଖୁଣ୍ଟଗାଁ - ମିଟକୁନ୍ଦୁରି ରାସ୍ତା ନିର୍ମାଣରେ ଜମି ଅଧିଗ୍ରହଣ ବିବାଦ ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଏଥିରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଖୁଣ୍ଟଗାଁ - ବାଗଡ଼େଗା ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା କାମ ଆରମ୍ଭ ହୋଇଥିଲା। ମାତ୍ର ପିଚୁ ହେବା ପୂର୍ବରୁ କାମ ପୁଣି ବନ୍ଦ ହୋଇଗଲା। ତେବେ କାର୍ଯ୍ୟ ବନ୍ଦକୁ ନେଇ ବିଭାଗର ଅଧିକାରୀମାନେ ମୁହଁ ଖୋଲୁ ନ ଥିବା ବେଳେ ଜଣେ ଠିକାଦାରଙ୍କ କହିବାନୁଯାୟୀ, ରେଳବିଭାଗ ଏହି ପିଚୁ କାମ ନିଜେ କରିବ ବୋଲି କହି କାମଟିକୁ ବନ୍ଦ କରି ଦେଇଥିବା ଜଣାପଡ଼ିଛି। ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯିବାରୁ ବର୍ତ୍ତମାନ ରାସ୍ତାଟି ପୁଣି ପୂର୍ବଭଳି ଖାଲ ଢିପ ହେବାକୁ ବସିଲାଣି। ଅନ୍ୟ ପକ୍ଷରେ ବିଗତ ୨ ବର୍ଷ ହେବ ଖୁଣ୍ଟଗାଁ - ମିଟକୁନ୍ଦୁରି ରାସ୍ତା ନିର୍ମାଣ କାର୍ଯ୍ୟରେ କିଛି ଲୋକଙ୍କ ଜମି ଯାଉ ଥିବାରୁ ସେମାନେ ରାସ୍ତା ନିର୍ମାଣରେ ବାଧକ ସାଜିଛନ୍ତି। ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ପ୍ରାୟ ୧୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହେଇଯାଇଥିଲା। ହେଲେ ମାତ୍ର ୧୮ ଶହ ମିଟର ରାସ୍ତା ହିଁ ଜମି ସମସ୍ୟା ପାଇଁ କାମ ସମ୍ପୂର୍ଣ୍ଣ ହୋଇ ପାରୁନ ଥିବା ଜଣାପଡ଼ିଛି। ଉକ୍ତ ରାସ୍ତା ବର୍ତ୍ତମାନ ନୂଆଗାଁ ବ୍ଲକ ସହ ରାଉରକେଲାକୁ ସିଧାସଳଖ ସଂଯୋଗ କରୁଥିବା ବେଳେ ପଡୋଶୀ ରାଜ୍ୟ ଝାଡଖଣ୍ଡ ସହ ମଧ୍ୟ ଏହି ରାସ୍ତା ସଂଯୋଗ କରୁଛି।

ମିଳିଥିବା ସୂଚନା ମୁତାବକ, ଖୁଣ୍ଟଗାଁ - ମିଟକୁନ୍ଦୁରି ରାସ୍ତାରେ ଯେଉଁ କେତେ ଜଣ ଲୋକଙ୍କ ଜମି ଯାଉଛି ସେମାନଙ୍କୁ ପ୍ରଶାସନ ସରକାରୀ ମୂଲ୍ୟରେ ଜମିର ମୂଲ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଜମି ମାଲିକମାନେ ବର୍ତ୍ତମାନ ନିଜ ଇଚ୍ଛା ମୁତାବକ ମୂଲ୍ୟ ଦାବି କରୁଥିବାରୁ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା ବର୍ତ୍ତମାନ କାମ କରୁଥିବା ଠିକାଦାର ମଧ୍ୟ ଯେତିକି କାମ ହେଇଛି ସେତିକି ଟଙ୍କାର ବିଲ ନେଇ ଯାଇଥିବା ବେଳେ ବର୍ତ୍ତମାନ ଏହି କାମର ଫାଇଲ ବନ୍ଦ ହୋଇଯାଇଛି। ଫାଇଲ ବନ୍ଦ ହୋଇଥିବାରୁ ପୂର୍ତ୍ତବିଭାଗ ମଧ୍ୟ ଏହି କାମର ସମ୍ପୂର୍ଣ୍ଣ ହେବା ଉପରେ ମୁଣ୍ଡ ଖେଳାଉ ନ ଥିବା ଜଣାପଡ଼ିଛି। ତେବେ ସବୁଠୁ ଉଦବେଗର ବିଷୟ ମିଟକୁନ୍ଦୁରି-ଖୁଣ୍ଟଗାଁ ରାସ୍ତାର ଅନେକ ଅସମ୍ପୂର୍ଣ୍ଣ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଜିଲ୍ଲାପାଳ ତୁରନ୍ତ ଏହି ଦୁଇଟି ରାସ୍ତା ଉପରେ ଦୃଷ୍ଟି ଦେଇ କାମ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହୋଇଛି।

**ନିର୍ମାଣରେ ବାଧକ ରେଳ କର୍ତ୍ତୃପକ୍ଷଙ୍କ ଅସହଯୋଗ**

## ଓଡ଼ିଶୀ ସଙ୍ଗୀତ ମହୋତ୍ସବ ପାଇଁ ପ୍ରସ୍ତୁତି



**ରାଉରକେଲା, ୧୦।୩(ସମିସ):** ଜଗଦା ସ୍ଥିତ ଜୟଦେବ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ହେବାକୁ ଥିବା 'ଓଡ଼ିଶୀ ସଙ୍ଗୀତ ମହୋତ୍ସବ - ୨୦୨୬' ପାଇଁ ପ୍ରସ୍ତୁତି ବୈଠକ ସଭାପତି ନରେନ୍ ଦାସଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ଜଗଦା ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ କୁମାର ମହାନ୍ତି ବୈଠକରେ ଉପସ୍ଥିତ ରହି ଉତ୍ସବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଉତ୍ସବର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବ ଚଳିତ ମାସ ଆସନ୍ତା ୧୪ ଓ ୧୫ ତାରିଖ ୨ ଦିନ ଧରି ସିଭିକ ସେଣ୍ଟର୍‌ଠାରେ ଅନୁଷ୍ଠିତ ହେବ। ୧୪ ତାରିଖ ସକାଳ ୯ଟା୩୦ ଠାରୁ ସର୍ବ କନିଷ୍ଠ ବର୍ଗ (୭ ରୁ ୧୨ ବର୍ଷ) ଓ କନିଷ୍ଠ ବର୍ଗରେ(୧୩ ରୁ ୧୭ ବର୍ଷ) ସଙ୍ଗୀତ ଶିକ୍ଷାର୍ଥୀଙ୍କ ମଧ୍ୟରେ ଓଡ଼ିଶୀ ସଙ୍ଗୀତ ପ୍ରତିଯୋଗିତା ହେବ। ଅପରାହ୍ନ ୨ଟା ୩୦ରୁ କନିଷ୍ଠ ବର୍ଗ (୫ ରୁ ୯ ବର୍ଷ) ଓ କନିଷ୍ଠ ବର୍ଗ (୧୦ରୁ ୧୪ ବର୍ଷ) ମଧ୍ୟରେ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ହେବ। ସନ୍ଧ୍ୟାରେ ଓଡ଼ିଆ ଅସ୍ମିତା ଆଧାରିତ ସଙ୍ଗୀତ ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ସେହିପରି ରବିବାର ଅର୍ଥାତ୍ ୧୫ ତାରିଖ ସକାଳ ୧୦ଟା୩୦ରୁ ଓଡ଼ିଶୀ ସଙ୍ଗୀତ ସମ୍ପର୍କିତ ଆଲୋଚନା ଚକ୍ର ଆୟୋଜିତ ହେବ। ଅପରାହ୍ନ ୩ଟା ଠାରୁ ରାଉରକେଲାର ବିଶିଷ୍ଟ ସଙ୍ଗୀତ ଗୁରୁ ଓ ପ୍ରଖ୍ୟାତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ ହେବ। ସନ୍ଧ୍ୟାରେ ରାଜ୍ୟସ୍ତରୀୟ ପ୍ରଖ୍ୟାତ ସଙ୍ଗୀତ ଗୁରୁ, ପଣ୍ଡିତ, କଳାକାରଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ ହେବ। ଶେଷରେ ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ। ଏହି କାର୍ଯ୍ୟକ୍ରମଟି ନିଃଶୁଳ୍କ ପ୍ରବେଶ ଓ ପ୍ରତିଯୋଗିତା ପାଇଁ ନିଃଶୁଳ୍କ ପଞ୍ଜିକରଣ ରଖାଯାଇଛି ବୋଲି ସୂଚାଯାଇଛି। ବୈଠକରେ ବ୍ରଜେନ୍ଦ୍ର ଦାସ, ହରିହର ପଣ୍ଡା, ଜଟାଧାରୀ ମାଝୀ, ସୁରେନ୍ଦ୍ରନାଥ ଦାଶ, ଗକୁଳ ଚନ୍ଦ୍ର ସାମଲ, ପ୍ରଦୀପ ପତି, ମଧୁସୂଦନ ମହାପାତ୍ର, ପ୍ରଭାତ ମହାନ୍ତି, ଭୋଳନଥ ମାଝୀ, ହୃଷୀକେଶ ନାୟକ, ତ୍ରିଲୋଚନ ପରିଡ଼ା, ସୌମ୍ୟରଞ୍ଜନ କର ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

## ଜାହାଜର ଇସ୍ପାତ ପ୍ଲେଟ୍ ନିର୍ମାଣ ପାଇଁ ଆର୍‌ଏସ୍‌ପିକୁ ୩ ପ୍ରମାଣପତ୍ର ହାସଲ



**ରାଉରକେଲା, ୧୦।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜାହାଜ ନିର୍ମାଣ ପାଇଁ ଉନ୍ନତମାନର ଇସ୍ପାତ ପ୍ଲେଟ୍ ନିର୍ମାଣ କରି ଭାରତୀୟ ମାନକ ବ୍ୟୁରୋ(ବିଆଇଏସ)ରୁ ଲାଇସେନ୍ସ ସହିତ ଡେଟ ନୋର୍ସ୍କେ ବେରିଟସ (ଡିଏନଭି) ଏବଂ ଭାରତୀୟ ପରିବହନ ରେଜିଷ୍ଟର (ଆଇଆରଏସ)ରୁ ପ୍ରମାଣପତ୍ର ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଆର୍‌ଏସ୍‌ପି ଏକକାଳୀନ ତିନୋଟି ପ୍ରମାଣପତ୍ର ହାସଲ କରି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ)ର ପ୍ରଥମ କାରଖାନା ଭାବେ ଖ୍ୟାତି ଅର୍ଜନ କରିଛି। ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଏହି ପ୍ରମାଣପତ୍ର ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନଚାର୍ଜ ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ବହୁ ସିଜିଏମ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେବା ବିଭାଗର ସିଜିଏମ୍ ଇନଚାର୍ଜ ଅତିଶ ଚନ୍ଦ୍ର ସରକାରଙ୍କ ସହିତ ଆରସିଏଲ ବିଭାଗର ଜିଏମ ଆର ଏସ୍ ଶର୍ମା ଏବଂ ବିଭାଗୀୟ ଦଳ ଡିଆଇସିଙ୍କୁ ଏହି ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ। ଏହି ପ୍ରମାଣପତ୍ର ଗୁଡ଼ିକ ଆରଏସପିକୁ ଏଆର, ଏନଆର, ଏନ ଏବଂ ଟିଏମସିପି ଭଳି ଏନପିଏମ (୧୨-୫୦ ଏମ ଏମ) ଏବଂ ଏଚ ଏସ ଏମ-୨ (୩-୨୦ ଏମ ଏମ)ରୁ ସାଧାରଣ ଶକ୍ତି ସମ୍ପନ୍ନ ଗ୍ରେଡ୍ (ଏ, ବି ଏବଂ ଡି) ଯୋଗାଣ କରିବାକୁ ସକ୍ଷମ କରିଛି। ଜାହାଜ ନିର୍ମାଣରେ ବ୍ୟବହୃତ ଏପରି ଉନ୍ନତ ଧରଣର ଇସ୍ପାତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବର୍ଗୀକରଣରୁ ବାଧ୍ୟତାମୂଳକ ଅନୁମୋଦନ ଆବଶ୍ୟକ, କାରଣ ଏହା ବାଣିଜ୍ୟିକ ଏବଂ ନୌସେନା ଜାହାଜରେ ବ୍ୟବହାର ପାଇଁ ଦୃଢ଼ ଗୁଣବତ୍ତା ଏବଂ ସୁରକ୍ଷା ମାନଦଣ୍ଡ ପୂରଣ କରିଛି। ଏହି ଅନୁମୋଦନଗୁଡ଼ିକ ସାମୁଦ୍ରିକ କ୍ଷେତ୍ରରେ ସ୍ୱତନ୍ତ୍ର ଇସ୍ପାତର ବର୍ଦ୍ଧିତ ଚାହିଦା ପୂରଣ କରିବା ସହିତ ଆମଦାନୀ ହେଉଥିବା ଜାହାଜ ନିର୍ମାଣ ଇସ୍ପାତ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବ। ଏହା ବିକାଶଶୀଳ ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧୀନରେ ଘରୋଇ ଜାହାଜ ନିର୍ମାଣ ଇକୋସିଷ୍ଟମକୁ ସୁଦୃଢ଼ କରିବା ସହିତ ଆତ୍ମନିର୍ଭରତାକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତ ସରକାରଙ୍କ ଦୃଷ୍ଟିକୋଣକୁ ମଜଭୁତ କରିଛି। ଏହି ପ୍ରମାଣିକରଣ ପ୍ରକ୍ରିୟାରେ କଠୋର ଅଡିଟ୍, ପରୀକ୍ଷଣ ଏବଂ ପ୍ରକ୍ରିୟା ବୈଧତା ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ସିଏମଓ ଏବଂ ଅପରେସନ୍ ଦଳ ସହିତ ଘନିଷ୍ଠ ସମନ୍ୱୟରେ ଆରଏସପିର ଅନୁସନ୍ଧାନ ଏବଂ ନିୟନ୍ତ୍ରଣ ପ୍ରୟୋଗଶାଳା ଦ୍ୱାରା ବୈଷୟିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ପ୍ରମାଣପତ୍ର ସହିତ ଆରଏସପି ଜାହାଜ ନିର୍ମାଣ ଶିଳ୍ପ ପାଇଁ ଉଚ୍ଚମାନର ଇସ୍ପାତର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଣକାରୀ ସଂସ୍ଥା ଭାବେ ଉଭା ହେବାକୁ ପ୍ରସ୍ତୁତ ହୋଇଛି। ଏହା ବିଶ୍ୱ ସାମୁଦ୍ରିକ ଯୋଗାଣ ଶୃଙ୍ଖଳାରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରିଛି।

## ସରସ ସ୍ୱଦେଶୀ ମେଳା ଉଦ୍‌ଯାପିତ



**ରାଉରକେଲା, ୧୦।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଓରମାସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୧୧ ଦିବସୀୟ ସରସ ସ୍ୱଦେଶୀ ମେଳା ଆଜି ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ବାଧିକ ବିକ୍ରୟ କରିଥିବା ଷ୍ଟଲମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାରୁ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରୁ ମହାଲକ୍ଷ୍ମୀ ଏସଏଚଜି ସୋନପୁର ସର୍ବାଧିକ ବିକ୍ରୟ କରି ପ୍ରଥମ, କେନ୍ଦ୍ରାପଡ଼ାର ସୃଜନୀ ପିଜି ଦ୍ୱିତୀୟ ଓ ଝାରସୁଗୁଡାର ସମ୍ବଲପୁରୀ ଟାଇଏଣ୍ଡ ଡାଇଭର୍ସ କୋଅପରେଟିଭ ସୋସାଇଟି ତୃତୀୟ ପୁରସ୍କାର ପ୍ରାପ୍ତ କରିଛନ୍ତି। ସେହିପରି ଓଡ଼ିଶା ବାହାରୁ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ କେରଳର ଆରାଧନା ଏସଏଚଜି ପ୍ରଥମ, ଗୋଆ ରାସ୍ତୋଲି ଏସଏଚଜି ଦ୍ୱିତୀୟ, ଗୁଜୁରାଟର ଶ୍ରୀଶକ୍ତି ମିଶନ ମଙ୍ଗଳମ ୩ୟ ପୁରସ୍କାର ହାସଲ କରିଥିଲେ। ଏହି ମେଳାରେ ୮ ମାର୍ଚ୍ଚ ପର୍ଯ୍ୟନ୍ତ ୬.୫୦ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି। ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ଭଲ ପ୍ରଦର୍ଶନ କରିଥିବାରୁ କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ ପାନପୋଷକୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱଦେଶୀ ଉଦ୍ୟମୀତା ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ରଘୁନାଥ ବେହେରା ଓ ମିତା ପଣ୍ଡା ଉପସ୍ଥିତ ଥିଲେ। ଶେଷ ସଂଧ୍ୟାରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ମ୍ୟୁନିସିପାଲ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ଶିବିର ଉଦ୍‌ଯାପିତ



**ରାଉରକେଲା, ୧୦।୩(ସମିସ):** ଗତ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଆଠ ଦିନ ଧରି ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ଠାରେ ଯୁକ୍ତ ତିନି ପ୍ରଥମ ବର୍ଷ କଳା, ବାଣିଜ୍ୟ ତଥା ବିଜ୍ଞାନ ଛାତ୍ରୀମାନଙ୍କୁ ନେଇ ଆୟୋଜିତ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ବରିଷ୍ଠ ପ୍ରଫେସର ରୁମା ସାହୁ ଅତିଥିମାନେ ଯୋଗଦେଇଥିଲେ। ଶିବିରକୁ ସୁଶ୍ରୀ ନିକ୍କୀ କୁମାରୀ କୁଶ୍ୱାହା, ଅଶ୍ୱନୀ ମିଂଜ, ଗାୟତ୍ରୀ ସାହୁ, ତୁଳସୀ ସାହୁ, ସ୍ୱାଗତିକା ସାହୁ, ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ୟାପଟେନ ସତ୍ୟ ନାରାୟଣ ରାଉତ ଏବଂ ବୈଦେହୀ ମାଝୀଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଶେଷରେ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**କୁତ୍ରା, ୧୦।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟାପିକ ଡ. ଟି ବାନୋ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁତ୍ରା ଥାନାର ସବଇନ୍ସପେକ୍ଟର ସରୋଜିନୀ କୁନ୍ଦଲିଆ ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ା ସହିତ ନିଜର ଆତ୍ମରକ୍ଷା କରିବା ବିଷୟରେ ଉପଦେଶ ଦେଇଥିଲେ। ପୁରାତନ ଛାତ୍ରୀ ମାଷ୍ଟର ଟ୍ରେନର ଆସିମା କୁଜୁର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପରିଶେଷରେ ଅଧ୍ୟାପିକା ପଙ୍କଜିନୀ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଜିଏଚ୍ ଶୌଚାଳୟରୁ ନବଜାତର ମୃତଦେହ ଉଦ୍ଧାର

ରାଉରକେଲା, ୧୦।୩(ସମିସ): ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ରେ ଏମରଜେନ୍ସି ମହିଳା ଶୌଚାଳୟ ଭିତରୁ ଏକ ନବଜାତ ଶିଶୁର ମୃତଦେହକୁ ଉଦ୍ଧାର କରାଯାଇଛି। ସେକ୍ଟର-୧୯ ଥାନା ପୁଲିସ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାମୁତାବକ, ଆଇଜିଏଚରେ ଏମରଜେନ୍ସି ମହିଳା ଶୌଚାଳୟ ଭିତରକୁ ଜଣେ ଆସନ୍ନ ପ୍ରସବା ମହିଳା ଯାଇଥିବା ବେଳେ ସେ ଏକ ନବଜାତ ଶିଶୁକୁ ଜନ୍ମ ଦେଇଥିଲେ। ନବଜାତ ଶିଶୁଟି ଶୌଚାଳୟର ପ୍ୟାନ ଭିତରେ ଖସି ପଡ଼ିବାରୁ ନବଜାତ ଶିଶୁର ମୃତ୍ୟୁ ହୋଇଥିବା କୁହାଯାଉଛି। ସେକ୍ଟର - ୧୯ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ହସ୍ପିଟାଲର ସିସିଟିଭି ଫୁଟେଜକୁ ଯାଞ୍ଚ କରି ଘଟଣାର କାରଣ ଖୋଜୁଛି ପୁଲିସ।

## କଚାରୁ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର

**ରାଉରକେଲା, ୧୦।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) କର୍ପୋରେଟ ସାମାଜିକ ଦାୟିତ୍ୱ ପଦକ୍ଷେପର ଅଂଶ ସ୍ୱରୂପ ଦୀପିକା ମହିଳା ସଂଘତି ଦ୍ୱାରା କୁଆଁରମୁଣ୍ଡା ବ୍ଲକ କଚାରୁ ଗ୍ରାମ ପଞ୍ଚାୟତରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜନ କରଯାଇଥିଲା। ଏହି ଶିବିର ଦ୍ୱାରା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହୋଇଥିଲେ। ଏହି ଶିବିରକୁ ଦୀପିକା ମହିଳା ସଂଘତିର ସଭାପତି ନମ୍ରତା ବର୍ମା ଉଦ୍‌ଘାଟନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଏମ୍‌ଏସ୍‌ର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ ଏବଂ ରୀତା ରାଣୀଙ୍କ ସହ ସିଏସ୍‌ଆର୍ ବିଭାଗର ଜିଏମ୍ ମୁନମୁନ ମିତ୍ରାଙ୍କ ସହ ବିଏମ୍‌ଏସ୍‌ର ସମ୍ପାଦିକା ସାରିକା କୁମାର ଏବଂ ପରିଚାଳନା ପରିଷଦ ସଦସ୍ୟ, ସ୍ୱେଚ୍ଛାସେବକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଡାକ୍ତର ଉଷା ନାୟକ ରୋଗୀଙ୍କୁ ପରୀକ୍ଷା କରିବା ସହ ଡାକ୍ତରୀ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ମୌଳିକ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରିବା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ଏହି ଶିବିରର ଲକ୍ଷ୍ୟ ଥିଲା।

## ବେପାରୀଙ୍କ କବ୍‌ଜାରେ ମହୁଲ ଫୁଲ

# ଶୋଷିତ ହେଉଛନ୍ତି ଆଦିବାସୀ; ମିଳୁନି ପରିଶ୍ରମର ମୂଲ

ବଣାଇ, ୧୦।୩(ସମିସ)



ବଣାଇଁ, ଲହୁଣୀପଡ଼ା ଓ ଗୁରୁଣ୍ଡିଆ ବ୍ଲକର ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ମହୁଲ ଫୁଲ, ଫଳ ଏବଂ ମଞ୍ଜି ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ଏହି ମହୁଲ ଫୁଲର ବଜାରୀକରଣ ଦିଗରେ ସ୍ଥାନୀୟ ପଞ୍ଚାୟତ କି ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ଆଦିବାସୀ ସଂଗ୍ରହ କରିଥିବା ମହୁଲଫୁଲ ବେପାରୀଙ୍କ କବ୍‌ଜାକୁ ଚାଲିଯାଉଛି। ଆଦିବାସୀ ସଂଗ୍ରହକାରୀମାନେ ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ମହୁଲ ଫୁଲ ବିକ୍ରି କରି ଶୋଷିତ ହେଉଥିବା ଅଭିଯୋଗ ହୋଇଛି। ସରକାର ମହୁଲ ଫୁଲ ସହ ସମୁଦାୟ ୧୬୯ ପ୍ରକାର ବନଜାତ ଦ୍ରବ୍ୟକୁ ପଞ୍ଚାୟତ ହାତରେ ନ୍ୟସ୍ତ କରି ତାର ଦର ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପଞ୍ଚାୟତମାନଙ୍କ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂଗ୍ରହକାରୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ପରିଶ୍ରମ ଅନୁସାରେ ସେମାନେ ମହୁଲ ଫୁଲର ଉଚିତ୍ ମୂଲ୍ୟ ପାଉନାହାନ୍ତି। ସରକାରୀ ନିୟମ ହିସାବରେ ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହେଲାପରେ ପ୍ରତି ପଞ୍ଚାୟତରେ ବୈଠକ ମାଧ୍ୟମରେ ମହୁଲ ଫୁଲର ଦର ନିର୍ଦ୍ଧାରଣ କରି ଉପଜିଲ୍ଲାପାଳଙ୍କୁ ଦେବା କଥା। ଆଉ ସେହି ଦର ହିସାବରେ ବ୍ୟବସାୟୀମାନେ ସଂଗ୍ରହକାରୀଙ୍କଠାରୁ ଉଚିତ ମୂଲ୍ୟ ଦେଇ ଫୁଲ କିଣିବା କଥା। ହେଲେ ଏଠାରେ ତାର ଓଲଟା ନୀତି ଯୋଗୁଁ ବ୍ୟବସାୟୀମାନେ ଗାଁ ଗାଁରେ ପହଞ୍ଚି ସଂଗ୍ରହକାରୀଙ୍କଠାରୁ ୧୫ରୁ ୨୦ ଟଙ୍କା ଦରରେ ମହୁଲ ଫୁଲ କିଣୁଛନ୍ତି। କିଣିବା ବେଳେ ମାପରେ ଗଡ଼ବଡ କରି ସଂଗ୍ରହକାରୀଙ୍କ ଠାରୁ ଏକ ପ୍ରକାର ବ୍ୟବସାୟୀମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ସଂଗ୍ରହକାରୀ କିନ୍ତୁ ହତାଶ ହେଉଛନ୍ତି। ସଂଗ୍ରହକାରୀମାନେ ଦୀର୍ଘ ୩ରୁ ୪ ମାସ ହାଡଭଙ୍ଗା ପରିଶ୍ରମ କରି ସପରିବାର ଫୁଲ ସଂଗ୍ରହ କରୁଥିଲେ ମଧ୍ୟ ସବୁ ପରିଶ୍ରମର ଫଳକୁ ବେପାରୀ ମାଡି ବସି ଲାଭବାନ ହେଉଛନ୍ତି। ଅପରପକ୍ଷରେ ଅବକାରୀ ବିଭାଗ ଜରିଆରେ ଲାଇସେନ୍ସ ପାଇଥିବା ବ୍ୟବସାୟୀ ହିଁ ମହୁଲ ଫୁଲ କିଣି ପାରିବେ। ହେଲେ ଅଞ୍ଚଳରେ ମାଳମାଳ ବ୍ୟବସାୟୀ ଗାଁ ଗାଁରେ ପହଞ୍ଚି ଫୁଲ କିଣୁଥିଲେ ମଧ୍ୟ ସେ ଦିଗରେ ପ୍ରଶାସନ ଅଙ୍କୁଶ ଲଗାଇବାରେ ବିଫଳ ହେଉଥିବା ନଜିର ରହିଛି। ପ୍ରତିବର୍ଷ ଫୁଲ କାରବାର ବଢ଼ି ଚାଲିଥିବା ବେଳେ ତା' ପ୍ରତି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବଡ ବ୍ୟବସାୟୀମାନେ ମାଲେ ମାଲ ହେଉଥିବା ବେଳେ ସଂଗ୍ରହକାରୀମାନେ ଶୋଷଣର ଶିକାର ହେଉଛନ୍ତି। ଏଥିରେ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଫୁଲ ସଂଗ୍ରହର ପ୍ରଥମ ମାସରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କଲେ ସଂଗ୍ରହକାରୀ ଶୋଷଣରୁ ମୁକ୍ତି ପାଇ ପାରିବେ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।

**ମହୁଲ ଫୁଲ ମଣ୍ଡି ଖୋଲିବାକୁ ଦାବି**

ସକାଳ
THE SAKALA

## ସମ୍ପାଦକୀୟ



ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ।
-ସ୍ୱାମୀ ବିବେକାନନ୍ଦ

# ନେପାଳ : ବ୍ୟବସ୍ଥା ପରିବର୍ତ୍ତନର ଶୁଭାରମ୍ଭ

ନବେ ଦଶକ ଆରମ୍ଭରୁ ବହୁଜାତୀୟ ରାଜନୈତିକ ବ୍ୟବସ୍ଥାର ସମସ୍ତ ବିଲକ୍ଷଣ ନେପାଳରେ ଅନୁଭୂତ ହୋଇଥିଲା। କ୍ଷମତା ରାଜନୀତିରେ କ୍ରମାଗତ ପ୍ରତିଷ୍ଠା ବା ପ୍ରଭୁତ୍ୱ ଜାହିର କରିଆସିଥିବା କିଛି ରାଜନେତା ଦଳବଦଳ ଓ ଦୁର୍ନୀତିରେ ଲିପ୍ତ ରହି ମତଦାତାଙ୍କ ସମସ୍ତ ଆଶା ଆକାଂକ୍ଷାକୁ ଧୂଳିସାତ କରିଚାଲିଥିଲେ। ଦେଶରେ ନିୟମିତ ବ୍ୟବଧାନରେ ନିର୍ବାଚନ ହେଉଥିଲେ ମଧ୍ୟ ବ୍ୟବସ୍ଥା ଅପରିବର୍ତ୍ତିତ ରହିଥିଲା। ତେଣୁ ପରିବର୍ତ୍ତନ ପ୍ରୟାସୀ ନେପାଳର ଯୁବ ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ସକାଶେ ଯେଉଁ ଆନ୍ଦୋଳନର ନେତୃତ୍ୱ ନେଲେ ସେଥିରେ କ୍ଷମତାସୀନ ଓଲି ସରକାର ଭୁଷୁଡ଼ି ପଡିଲା। ପ୍ରଧାନ ବିଚାରପତି ଦେଶରେ ଶୃଙ୍ଖଳା ଫେରାଇ ଆଣିବା ଓ ଶାନ୍ତି ଶୃଙ୍ଖଳା ମଧ୍ୟରେ ନିର୍ବାଚନ ପରିଚାଳନା ସକାଶେ ରାଷ୍ଟ୍ରର ଅସ୍ଥାୟୀ ନେତୃତ୍ୱ ନେଲେ। ସେ ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମାର୍ଚ୍ଚ ୫ ରେ ନିର୍ବାଚନ କରାଇଲେ। ଫଳାଫଳରୁ ସ୍ପଷ୍ଟ ହୋଇଛି ଯେ 'ଜେନ-ଜି' ଆନ୍ଦୋଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାକୁଯାଉଛି। ପ୍ରଚଣ୍ଡଙ୍କୁ ବାଦ୍‌ଦେଲେ ପୁରୁଣା ପିଢ଼ିର ଅଧିକାଂଶ ନେତାଙ୍କୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ମାତ୍ର ୪ ବର୍ଷ ତଳେ ଜନ୍ମ ନେଇଥିବା ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ନିର୍ବାଚନରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିବା ୩୫ ବର୍ଷ ବୟସର ବାଲେନ୍ଦ୍ର ଶାହା (ବାଲେନ୍) ହିଁ ଦେଶର ପ୍ରଧାନମନ୍ତ୍ରୀ ହେବେ।

ନେପାଳ ସମ୍ବିଧାନ ଅନୁଯାୟୀ ସଂସଦର ୧୬୫ ଆସନ ପାଇଁ ପ୍ରତ୍ୟକ୍ଷ ମତଦାନ ଓ ୨୭୫ ଆସନରେ ଅଧିମାନ୍ୟତା ପ୍ରାପ୍ତ ପ୍ରତିନିଧି (ପ୍ରୋପରସାନଲ ରିପ୍ରେଜେଣ୍ଟଟିଭ) ନିର୍ବାଚନ ହୋଇଥାଏ। ରାଷ୍ଟ୍ରୀୟ ସ୍ୱତନ୍ତ୍ର ଦଳ (ଆର୍‌ଏସ୍‌ପି) ୧୬୫ ଆସନରୁ ୧୨୫ରୁ ବିଜୟୀ ହୋଇଛି। ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ପ୍ରତ୍ୟକ୍ଷ ମତଦାନ ହୋଇଥିବା ଆସନରେ ଭୋଟ ଗଣତି ଶେଷ ହୋଇଛି। ଏବେ 'ପ୍ରୋପରସାନଲ' ଭୋଟ ଗଣତି ଚାଲିଛି। ଏହି ଫଳାଫଳ ବୁଧବାର ସ୍ପଷ୍ଟ ହୋଇଯିବ। ଆରଏମ୍‌ପି ମଧ୍ୟ ୫୦ରୁ ଉର୍ଦ୍ଧ୍ୱ ଆସନରେ ସ୍ପଷ୍ଟ ବହୁମତ ପାଉଥିବାର ଜଣାପଡିଛି। ତେଣୁ ୨୭୫ ସଂସଦୀୟ ଆସନ ମଧ୍ୟରୁ ୧୭୫ଟିରେ ଆର୍‌ଏସ୍‌ପି ନିର୍ବାଚିତ ହୋଇଥିବାରୁ ଦଳ ପକ୍ଷରୁ ଉପସ୍ଥାପିତ ପ୍ରାଧାନମନ୍ତ୍ରୀ ପ୍ରାର୍ଥୀ ବାଲେନ୍ ହିଁ ନେପାଳର ପରବର୍ତ୍ତୀ ଶାସନ ମୁଖ୍ୟ ହେବେ। ବାଲେନ୍ ଜଣେ ଇଂଜିନିୟର ଓ ଲୋକପ୍ରିୟ ର୍‌ୟାପ୍ ସଂଗୀତ ଗାୟକ। ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ କାଠମାଣ୍ଡୁ ସହରର ମେୟର ଥିଲେ। ନେପାଳ କ୍ଷମତା ରାଜନୀତିରେ ଆରଏସ୍‌ପିର ସେଭଳି ପ୍ରାଧାନ୍ୟ ନଥିଲା। ୨୦୨୨ରେ ରବି ଲାମିସାନି ଏହି ଦଳ ଗଠନ କରିଥିଲେ। ଗତ ସଂସଦରେ ଦଳ ମାତ୍ର ୭ଟି ଆସନରୁ ପ୍ରତିନିଧିତ୍ୱ କରୁଥିଲା। ବାଲେନ୍ ୨୦୨୫ରେ ହିଁ ଏହି ଦଳରେ ଯୋଗ ଦେଇଥିଲେ। ନେପାଳ ଯୁବବର୍ଗଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲା। ଏଠାରେ ସୂଚାଇ ଦିଆଯାଇପାରେ କି ନେପାଳ 'ଜେନ-ଜି' ଆନ୍ଦୋଳନକୁ ପ୍ରେରଣା ଓ ଉତ୍ସାହ ଦେଇଥିଲା ବାଲେନ୍‌ଙ୍କ ର୍‌ୟାପ୍ ସଂଗୀତ।

ଯେଉଁ ସାମାଜିକ ଗଣମାଧ୍ୟମ ଉପରେ କଟକଣା ପ୍ରୟୋଗରୁ 'ଜେନ-ଜି' ଆନ୍ଦୋଳନରେ ସୂତ୍ରପାତ ହୋଇଥିଲା ତାହା ହିଁ ଥିଲା ଆର୍‌ଏସ୍‌ପି ନିର୍ବାଚନ ପ୍ରଚାରର ମୁଖ୍ୟ ମାଧ୍ୟମ। ନେପାଳର ପାର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ସମତଳ ଓ ଗ୍ରାମାଞ୍ଚଳରେ ସ୍ମାର୍ଟ ଫୋନ ବ୍ୟବହାର ଏତେ ଅଧିକ ଯେ ନିର୍ବାଚନ ପ୍ରଚାର ଓ ରାଜନୈତିକ ବାର୍ତ୍ତା ପ୍ରଦାନରେ ଦଳ ତାହାକୁ ହିଁ ପ୍ରମୁଖ ମାଧ୍ୟମ ରୂପେ ଗ୍ରହଣ କରିଥିଲା। ଆର୍‌ଏସ୍‌ପିକୁ ନେତୃତ୍ୱ ଦେଉଥିବା ବାଲେନ୍ ନିଜର ଆଇଟି କ୍ଷେତ୍ରରେ ଥିବା ଦକ୍ଷତା ଏ କ୍ଷେତ୍ରରେ ପ୍ରୟୋଗ କରି ସଫଳତା ହାସଲ କରିଥିଲା। ନିର୍ବାଚନ ରାଜନୀତି ସହ ସଂପର୍କ ନଥିବା ବହୁ ଯୁବନେତୃତ୍ୱ ଶେଷ ମୁହୂର୍ତ୍ତରେ ଦଳ ସହ ଯୋଡି ହୋଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେମାନେ ହିଁ ଚଳିତ ନିର୍ବାଚନରେ ବିଜୟପ୍ରାପ୍ତ କରିଛନ୍ତି। ନେପାଳ କ୍ଷମତା ରାଜନୀତିକୁ ବିଭିନ୍ନ ଉପାୟରେ ନିୟନ୍ତ୍ରଣ କରିଆସିଥିବା ପୁରୁଖା ନେତା ଓ ସେମାନଙ୍କ ଦଳ ବିପୁଳ ଅର୍ଥ ବ୍ୟୟ କରିଥିଲେ ମଧ୍ୟ ସେଥିରୁ କୌଣସି ସଫଳତା ମିଳିନଥିଲା। ସେମାନଙ୍କ ମଧ୍ୟରେ ନେପାଳ କଂଗ୍ରେସ ପାର୍ଟି ସର୍ବାଧିକ ୧୮ ଆସନରୁ ବିଜୟୀ ହୋଇଛି। ଏହି ନେପାଳ ନିର୍ବାଚନ ରାଜନୀତି ଆମକୁ ମନେ ପକାଇ ଦେଇଛି ୧୯୭୭ରେ ହୋଇଥିବା ସାଧାରଣ ନିର୍ବାଚନ ସଂପର୍କରେ। ଇନ୍ଦିରା ଗାନ୍ଧୀଙ୍କ ୧୯୭୫ ଜରୁରୀ ପରିସ୍ଥିତି ପରେ ପରେ ହିଁ ହୋଇଥିଲା। ସମଗ୍ର ବିରୋଧୀ ଦଳ ନେତା ସେତେବେଳେ ସଦ୍ୟ ଜେଲରୁ ଫେରିଥାନ୍ତି। ସେମାନଙ୍କ ପକ୍ଷରେ ନିର୍ବାଚନ ପ୍ରସ୍ତୁତି ଏକ ପ୍ରକାର ଅସମ୍ଭବ ହୋଇପଡିଥିଲା। ଏପରି କି ନିର୍ବାଚନ ରାଜନୀତି ସହ ସଂପର୍କ ନଥିବା ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଜନତାପାର୍ଟି ପ୍ରାର୍ଥୀ କରିଥିଲା। ଜରୁରୀ ପରିସ୍ଥିତି ବିରୋଧରେ ସମଗ୍ର ଦେଶରେ ଏଭଳି ହାୱା ବୋହୁଥିଲା ଯେ ଜନସାଧାରଣଙ୍କ ଚାନ୍ଦାରେ ନିର୍ବାଚନ ଲଢୁଥିବା ଜନତାପାର୍ଟିର ପ୍ରାର୍ଥୀ ବିପୁଳ ବିଜୟ ଲାଭ କଲେ। ସ୍ୱାଧୀନ ଭାରତ ନିର୍ବାଚନ ରାଜନୀତିରେ ଏହା ଥିଲା କଂଗ୍ରେସର ସବୁଠାରୁ ବଡ ବିପର୍ଯ୍ୟୟ। 'ଜେନ-ଜି' ଆନ୍ଦୋଳନ ପରେ ବ୍ୟବସ୍ଥା ପରିବର୍ତ୍ତନର ହାୱାରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ଦଳ ଅନୁରୂପ ବିଜୟ ହାସଲ କରିଛି ନେପାଳରେ।

ଗତ ଦଶନ୍ଧିରେ ନେପାଳ ରାଜନୀତି ଓ କ୍ଷମତା ପରିବର୍ତ୍ତନ ବାରମ୍ବାର ହେଉଥିବାରୁ ଅସ୍ଥିରତା ଲାଗିରହିଥିଲା। ଏହାର ପୃଷ୍ଠଭାଗରେ ଥିଲା ନେତୃତ୍ୱ କନ୍ଦଳ ଓ ଅସ୍ପଷ୍ଟ ବହୁମତ। ଏହାକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ନିର୍ବାଚନ ରାଜନୀତିରେ ଶେଷକଥା ରୂପେ ଗ୍ରହଣ କରାଯାଇନପାରେ। ଏପରିକି ସ୍ଥିର ସରକାର ମାଧ୍ୟମରେ କ୍ରମାଗତ କ୍ଷମତାରେ ରହିଆସିଥିବା ଦଳ ମଧ୍ୟ ନେତୃତ୍ୱର ତାନାସାହି ଆଚରଣ ଏବଂ ସାମ୍ବିଧାନିକ ସ୍ତମ୍ଭଗୁଡ଼ିକୁ ଦୁର୍ବଳ କରି କଠୋର ଶୃଙ୍ଖଳା ପ୍ରୟୋଗ ଲୋକପ୍ରିୟତା ହରାଇଥାନ୍ତି। ନେପାଳର 'ଜେନ-ଜି' ଆନ୍ଦୋଳନ ଯେଉଁ ପରିବର୍ତ୍ତନର ବାର୍ତ୍ତାବହ ପାଲଟିଛି ତାହାକୁ ଗୌଣ ଦୃଷ୍ଟିରେ ବିଚାର କରିବା ଆଦୌ ଉଚିତ ହେବନି। ବାଲେନ୍‌ଙ୍କ ନୂଆ ନେତୃତ୍ୱ ନେପାଳବାସୀଙ୍କ ମନରେ ଯେଉଁ ଆଶା ଓ ଭରସା ସୃଷ୍ଟି କରିଛି ତାହା କେତେଦୂର ସାକାର ହେଉଛି ପରିବର୍ତ୍ତନ ପ୍ରାୟାସୀଙ୍କ ଦୃଷ୍ଟି ନିଶ୍ଚୟ ତାହା ଉପରେ ରହିବ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

**କାର୍ଯ୍ୟନିର୍ବାହୀ ସମ୍ପାଦକ**

# ଦ୍ୱିତୀୟ ସବୁଜ ବିପ୍ଳବର ଆବଶ୍ୟକତା

ଡକ୍ଟର ମାନସ ରଞ୍ଜନ ଶତପଥୀ



ଭାରତୀୟ କୃଷି କ୍ଷେତ୍ର ଆଜି ଏକ ଐତିହାସିକ ସନ୍ଧିକ୍ଷଣରେ ଦଣ୍ଡାୟମାନ। ୧୯୦୦ ଦଶକର ପାରମ୍ପରିକ କୃଷି ପଦ୍ଧତିରୁ ଆରମ୍ଭ କରି ୧୯୬୦ ଦଶକର ଯାନ୍ତ୍ରିକିକରଣ ଏବଂ ପରବର୍ତ୍ତୀ ସମୟରେ ବିଜ୍ଞାନ-ଭିତ୍ତିକ ବିପ୍ଳବ ପର୍ଯ୍ୟନ୍ତ ଭାରତର ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟୀ। ବିଂଶ ଶତାବ୍ଦୀର ମଧ୍ୟଭାଗରେ 'ଭିକ୍ଷା ପାତ୍ର' ଭାବେ ପରିଚିତ ଭାରତ ଆଜି ବିଶ୍ୱର 'ଅନ୍ନ ପାତ୍ର'ରେ ପରିଣତ ହୋଇଛି। ତଥାପି, ଆମେ ଆମର ଏହି ସଫଳତାକୁ ନେଇ ଆତ୍ମସନ୍ତୋଷ ପ୍ରକାଶ କରାଯାଇପାରିବ ନାହିଁ। ୨୦୫୦ ମସିହା ସୁଦ୍ଧା ଭାରତର ଜନସଂଖ୍ୟା ୧.୭ ବିଲିୟନ୍‌ରେ ପହଞ୍ଚିବାକୁ ଥିବାବେଳେ, ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ପାଇଁ ଆମକୁ ବର୍ତ୍ତମାନର 'ଗଣ-ଉତ୍ପାଦନ' ମଡେଲରୁ ବାହାରି 'ଜନସାଧାରଣଙ୍କ ଦ୍ୱାରା ଉତ୍ପାଦନ' ରଣନୀତି ଆପଣାଇବାକୁ ହେବ। ଏହି ନୂତନ ଦିଗନ୍ତ ହିଁ ହେଉଛି ଭାରତର 'ଦ୍ୱିତୀୟ ସବୁଜ ବିପ୍ଳବ', ଯାହା କେବଳ ପରିମାଣାତ୍ମକ ନୁହେଁ, ବରଂ ଏକ ଗୁଣାତ୍ମକ ଏବଂ ପରିବେଶ ଅନୁକୂଳ ପରିବର୍ତ୍ତନର ଆହ୍ୱାନ ଦିଏ।

୧୯୬୭ ରୁ ୧୯୭୮ ମଧ୍ୟରେ ଡକ୍ଟର ଏମ୍. ଏସ୍. ସ୍ୱାମୀନାଥନଙ୍କ ନେତୃତ୍ୱରେ ପରିଚାଳିତ ପ୍ରଥମ ସବୁଜ ବିପ୍ଳବ ଭାରତକୁ କ୍ଷୁଧାରୁ ମୁକ୍ତି ଦେଇଥିଲା। ଏହି ବିପ୍ଳବ ମୁଖ୍ୟତଃ ତିନୋଟି ସ୍ତମ୍ଭ ଉପରେ ଆଧାରିତ ଥିଲା: ଚାଷ ଜମିର ସମ୍ପ୍ରସାରଣ, ଦ୍ୱି-ଫସଲୀ ପଦ୍ଧତି ଏବଂ ଜେନେଟିକ୍ସ ବା ଆନୁବଂଶିକ ପରିବର୍ତ୍ତନ ମାଧ୍ୟମରେ ଉନ୍ନତ ବିହନର ବ୍ୟବହାର। ଯଦିଓ ଏହା ଦେଶକୁ ଆତ୍ମନିର୍ଭରଶୀଳ କରିଥିଲା, ଏହାର ଏକ ଗାଢ଼ କଳା ପାର୍ଶ୍ୱ ମଧ୍ୟ ରହିଛି ଯାହାକୁ ଆମେ 'ଦ୍ୱିତୀୟ ପିଢ଼ିର ସମସ୍ୟା' ଭାବେ ଆଖ୍ୟା ଦେଇଥାଏ। ପ୍ରଥମ ସବୁଜ ବିପ୍ଳବ ମୁଖ୍ୟତଃ ପଞ୍ଜାବ, ହରିୟାଣା ଏବଂ ପଶ୍ଚିମ ଉତ୍ତର ପ୍ରଦେଶର ଜଳସେଚିତ ଅଞ୍ଚଳରେ ଧାନ ଏବଂ ଗହମ ମଧ୍ୟରେ ସୀମିତ ଥିଲା। ଏହି ଏକକ ଫସଲ ଚକ୍ର (ମନୋକଲଚର) ମୃତ୍ତିକାର ପ୍ରାକୃତିକ ସନ୍ତୁଳନକୁ ବିଗାଡ଼ି ଦେଇଛି। ଜାତୀୟ ମୃତ୍ତିକା ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁଯାୟୀ, ଦେଶର ପ୍ରାୟ ୩.୭ ମିଲିୟନ ହେକ୍ଟର ଜମି ଆଜି ପୋଷକ ତତ୍ତ୍ୱର ଅଭାବ ଏବଂ ମୃତ୍ତିକା ଜୈବିକ ପଦାର୍ଥ ହ୍ରାସ ଜନିତ ସମସ୍ୟା ଦେଇ ଗତି କରୁଛି। ସେହିପରି ଅତ୍ୟଧିକ ରାସାୟନିକ ପ୍ରୟୋଗ ଯୋଗୁଁ ପଞ୍ଜାବର ମାଲୱା ଅଞ୍ଚଳରେ ପ୍ରାୟ ୬୦ ପ୍ରତିଶତ ଜଳ ସମ୍ପଦ ପ୍ରଦୂଷିତ ହୋଇସାରିଛି। ଭୂତଳ ଜଳର ଅହେତୁକ ଶୋଷଣ ଯୋଗୁଁ ଜଳସ୍ତର ହ୍ରାସ ପାଇବା ଆମର ଖାଦ୍ୟ ନିରାପତ୍ତା ପାଇଁ ଏକ ଜାତୀୟ ସୁରକ୍ଷା ସଙ୍କଟ ଭାବେ ଉଭା ହୋଇଛି। ଏହି 'ସ୍ଥାୟୀତ୍ୱ ବ୍ୟବଧାନ'କୁ ଦୂର କରିବା ପାଇଁ ଦ୍ୱିତୀୟ ସବୁଜ ବିପ୍ଳବ କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ଅପରିହାର୍ଯ୍ୟ ଆବଶ୍ୟକତା।

ଦ୍ୱିତୀୟ ସବୁଜ ବିପ୍ଳବ ଏକ ସାମଗ୍ରିକ ଏବଂ ଜ୍ଞାନ-କୈନ୍ଦ୍ରିକ ପରିକଳ୍ପନା। ଏହାର ଲକ୍ଷ୍ୟ ହେଉଛି ପରିବେଶକୁ କ୍ଷତି ନପହଞ୍ଚାଇ ଉତ୍ପାଦନ ବୃଦ୍ଧି କରିବା, ଯାହାକୁ ଆମେ 'ସବୁଦିନିଆ ସବୁଜ ବିପ୍ଳବ' ବୋଲି କହିପାରିବା। ପ୍ରଥମ ଓ ଦ୍ୱିତୀୟ ମଧ୍ୟରେ ତୁଳନାତ୍ମକ ଆଲୋଚନା କଲେ ଦେଖାଯାଏ, ପ୍ରଥମ ବିପ୍ଳବ କେବଳ ଜଳସେଚିତ ଅଞ୍ଚଳରେ ସୀମିତ ଥିବାବେଳେ, ଦ୍ୱିତୀୟ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ବୃଷ୍ଟିପୁଷ୍ଟ ଅଞ୍ଚଳ ଉପରେ କେନ୍ଦ୍ରିତ ହେବ। ଏହା ସେହି କ୍ଷୁଦ୍ର ଚାଷୀମାନଙ୍କୁ ସଶକ୍ତ କରିବ ଯେଉଁମାନେ ଦୀର୍ଘ ଦଶନ୍ଧି ଧରି ଅବହେଳିତ ଥିଲେ। କେବଳ ଅଧିକ ଉତ୍ପାଦନ କରିବା ଦ୍ୱିତୀୟର ଲକ୍ଷ୍ୟ ନୁହେଁ। ଏହା ଚାଷୀଙ୍କ ନିଟ୍ ଲାଭ ବୃଦ୍ଧି ଏବଂ ଜଳବାୟୁ ସହନଶୀଳତା ଉପରେ ଗୁରୁତ୍ୱ ଦିଏ। କେବଳ ଧାନ-ଗହମରେ ସୀମିତ ନରହି ଦ୍ୱିତୀୟ ବିପ୍ଳବ ଡାଲି, ତୈଳବୀଜ, ଫଳ ଏବଂ ପନିପରିବା ସମେତ ଏକ ସମ୍ପୂର୍ଣ୍ଣ 'ଖାଦ୍ୟ ଟୋକେଇ' ମଡେଲ ଅନୁସରଣ କରିବ। ଏହା ଇନ୍‌ପୁଟ୍-ସଘନ ବା ଇନ୍‌ପୁଟ୍ ଇଣ୍ଟେନ୍‌ସିଭ୍ ବଦଳରେ ସମ୍ପଦ-ସଂରକ୍ଷଣକାରୀ ପଦ୍ଧତି ଆପଣାଇବ। ଏହି ସାମୂହିକ ଅଭିବୃଦ୍ଧି ହାସଲ କରିବା ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଏକ ବୈପ୍ଳବିକ ସମନ୍ୱୟ ବର୍ତ୍ତମାନର ମୁଖ୍ୟ ଦାବି।

ଦ୍ୱିତୀୟ ବିପ୍ଳବର ମୂଳଦୁଆ ହେଉଛି 'ବିଜ୍ଞାନ-ଚାଳିତ କୃଷି'। ପ୍ରଯୁକ୍ତିବିଦ୍ୟା ପ୍ରାକୃତିକ ସମ୍ପଦକୁ କେବଳ ଉପଭୋଗ କରିବା ପାଇଁ ନୁହେଁ, ବରଂ ବୁଦ୍ଧିମତାପୂର୍ଣ୍ଣ ଭାବେ ପରିଚାଳନା କରିବାର କ୍ଷମତା ଦିଏ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ଆଇ.ସି.ଏ.ଆର୍. ର ଜି.ଆଇ.ଏସ୍. ସଏଲ ଫର୍ଟିଲିଟି ମ୍ୟାପିଙ୍ଗ୍ ବ୍ୟବହାର କରି ଚାଷୀମାନେ ବର୍ତ୍ତମାନ ମାଟିର ଆବଶ୍ୟକତା ଅନୁଯାୟୀ 'ସନ୍ତୁଳିତ ସାର' ପ୍ରୟୋଗ କରୁଛନ୍ତି। ଏହା ସହିତ ନିମ୍-କୋଟେଡ୍ ୟୁରିଆ ଏବଂ ଜୈବ ସାରର ପ୍ରୟୋଗ ମାଟିର ପ୍ରାକୃତିକ ଉର୍ବରତା ଫେରାଇ ଆଣିବାରେ ସାହାଯ୍ୟ କରୁଛି। 'ଲେଜର ଲ୍ୟାଣ୍ଡ ଲେଭେଲିଂ' ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଜମିକୁ ସମତୁଳ କରି ବାର୍ଷିକ ପ୍ରାୟ ୩୦-୪୦ ପ୍ରତିଶତ ଜଳ ସଞ୍ଚୟ କରାଯାଇପାରୁଛି। ଏହା ବ୍ୟତୀତ ସ୍ମାର୍ଟ ଆଇ.ସି.ଟି. ପ୍ରକଳ୍ପ ମାଧ୍ୟମରେ ଉପଗ୍ରହ ଚିତ୍ର ଏବଂ ଜଳବାୟୁ ମଡେଲକୁ ବ୍ୟବହାର କରି ଚାଷୀଙ୍କୁ ପ୍ରତି ସପ୍ତାହରେ କ୍ଷେତ-ଭିତ୍ତିକ ସୂଚନା ଏବଂ ପରାମର୍ଶ ଦିଆଯାଉଛି। ଶୁଷ୍କ ଅଞ୍ଚଳ ପାଇଁ ହାଇଡ୍ରୋଜେଲ ଏକ ବୈଜ୍ଞାନିକ ଚମତ୍କାର। ଏହା ନିଜ ଓଜନର ୩୦୦ ରୁ ୪୦୦ ଗୁଣ ଜଳ ଶୋଷି ରଖିପାରେ, ଯାହା ମରୁଡ଼ି ସମୟରେ ଫସଲକୁ ବଞ୍ଚାଇବା ସହ ଅମଳରେ ୧୦ ରୁ ୨୫ ପ୍ରତିଶତ ବୃଦ୍ଧି କରିଥାଏ। ଏହି ସମ୍ପଦ ପରିଚାଳନାର ପରିଧି କେବଳ ଶସ୍ୟ କ୍ଷେତ୍ରରେ ସୀମିତ ନରହି ଆମର ଗ୍ରାମୀଣ ଅର୍ଥନୀତିର ଅନ୍ୟତମ ପ୍ରମୁଖ ସ୍ତମ୍ଭ ଦୁଗ୍ଧ ଶିଳ୍ପ ପର୍ଯ୍ୟନ୍ତ ସମ୍ପ୍ରସାରିତ।

ଦୁଗ୍ଧ ଚାଷ ଏବଂ କୃଷି ମଧ୍ୟରେ ଥିବା ସହଜୀବୀ ସମ୍ପର୍କ ଭାରତର ଗ୍ରାମୀଣ ସ୍ଥିରତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। 'ଶ୍ୱେତ ବିପ୍ଳବ ୨.୦' କେବଳ ମହିଳା ସଶକ୍ତିକରଣ ନୁହେଁ, ବରଂ ଗ୍ରାମୀଣ ନିଯୁକ୍ତିର ଏକ ବିରାଟ ଉତ୍ସ। ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ଦେଶ ହୋଇଥିଲେ ସୁଦ୍ଧା, ଏବେ ମଧ୍ୟ ଆଞ୍ଚଳିକ ସ୍ତରରେ ବୃହତ୍ ବ୍ୟବଧାନ ରହିଛି। ଉଦାହରଣ ସ୍ୱରୂପ, ପଞ୍ଜାବରେ ଗୋଟିଏ ଗାଈର ଦୈନିକ ହାରାହାରି ଦୁଗ୍ଧ ଉତ୍ପାଦନ ୧୩.୪୯ କିଗ୍ରା ଥିବାବେଳେ ପଶ୍ଚିମବଙ୍ଗରେ ଏହା ମାତ୍ର ୬.୩୦ କିଗ୍ରା। ଏହି ବ୍ୟବଧାନକୁ ଦୂର କରିବା ପାଇଁ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ୨୦୨୮-୨୯ ସୁଦ୍ଧା ୫୬,୦୦୦ ନୂତନ ସମବାୟ ସମିତି ଗଠନ କରିବାକୁ ଲକ୍ଷ୍ୟ ରଖିଛି। ଦ୍ୱିତୀୟ ସବୁଜ ବିପ୍ଳବର ସଫଳତା ପାଇଁ ଆମକୁ ପାରମ୍ପରିକ ପଦ୍ଧତିରୁ ବାହାରି ଏକ 'ସୁଗଠିତ ନୀତିଗତ ଢାଞ୍ଚା' ପ୍ରସ୍ତୁତ କରିବାକୁ ହେବ।

ଭାରତର ଦ୍ୱିତୀୟ ସବୁଜ ବିପ୍ଳବ କେବଳ ଏକ କୃଷି ଭିତ୍ତିକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ପରିବେଶଗତ ପୁନରୁଦ୍ଧାରର ଯଜ୍ଞ। ଯଦି ଆମେ ସଠିକ୍ ରଣନୀତି ଏବଂ ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜି ନିବେଶ କରିବା, ତେବେ ଭାରତ କେବଳ ଖାଦ୍ୟ ସୁରକ୍ଷା ହାସଲ କରିବ ନାହିଁ, ବରଂ ନିଜର ପ୍ରାକୃତିକ ସମ୍ପଦକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିପାରିବ। ବିଲ୍ ଗେଟ୍ସଙ୍କ ଭାଷାରେ, 'ଯଦି ଆମେ କ୍ଷୁଦ୍ର ଚାଷୀଙ୍କୁ ଅଧିକ ଉତ୍ପାଦନକ୍ଷମ ଏବଂ ଲାଭବାନ କରିପାରିବା, ତେବେ କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଆମେ ଏକ ବିରାଟ ପରିବର୍ତ୍ତନ ଆଣିପାରିବା ଭାରତ ପାଇଁ ଏହା ହିଁ ଉପଯୋଗୀ ବିକଳ୍ପ। ଆମକୁ ଏକ ସ୍ଥାୟୀ, ଅନ୍ତର୍ଭୁକ୍ତିକାରୀ ଏବଂ ଜ୍ଞାନ-ଭିତ୍ତିକ କୃଷି ବ୍ୟବସ୍ଥା ଆଡ଼କୁ ଗତି କରିବାକୁ ହେବ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ କ୍ଷୁଧାର୍ତ୍ତ ଜନତାଙ୍କୁ ଦୃଷ୍ଟିରେ ରଖି ପ୍ରଯୁକ୍ତିବିଦ୍ୟାକୁ ସାରଥୀ କରି ଏକ ସମୃଦ୍ଧ ଓ 'ସବୁଦିନିଆ ସବୁଜ' ଭବିଷ୍ୟତ ଗଠନ ପାଇଁ ସଙ୍କଳ୍ପବଦ୍ଧ ହେବା ସମୟପୋଯୋଗୀ।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ,
ନୟାଗଡ଼-୭୫୨୦୬୯.
୯୪୩୭୪୭୯୦୪୫

# ବିଜ୍ଞାନ : କେବଳ ପାଠ୍ୟପୁସ୍ତକ ନୁହେଁ, ଏକ ଅନୁଭୂତି

ବିଶ୍ୱନାଥ ପାଢୀ

'ବିଜ୍ଞାନକୁ ପଢ଼ିବା' ଏବଂ "ବିଜ୍ଞାନକୁ ଅନୁଭବ କରିବା" ମଧ୍ୟରେ ଥିବା ପାର୍ଥକ୍ୟ ହିଁ ଜଣେ ଶିକ୍ଷାର୍ଥୀର ବୌଦ୍ଧିକ ବିକାଶ ନିର୍ଦ୍ଧାରଣ କରେ। ଆଜିର ସମୟରେ ତଥ୍ୟ ଅପେକ୍ଷା ତତ୍ତ୍ୱକୁ ବୁଝିବା ଅଧିକ ଜରୁରୀ।



ବର୍ତ୍ତମାନ ଦଶମ ଶ୍ରେଣୀ ପରୀକ୍ଷା ନିକଟରେ ଶେଷ ହେଇଛି। ଦଶମ ଶ୍ରେଣୀ ପରୀକ୍ଷା ଶେଷ ହେବା ପରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମନରେ ଏକ ବଡ଼ ପ୍ରଶ୍ନବାଚୀ ଥାଏ - "ଏବେ କଣ ?" ଅନେକ ସମୟରେ ପରିବାରର ଚାପ ବା ସାଙ୍ଗସାଥୀଙ୍କୁ ଦେଖି ପିଲାମାନେ 'ବିଜ୍ଞାନ'କୁ ନିଜର ବିଷୟ ଭାବେ ବାଛି ନିଅନ୍ତି। କିନ୍ତୁ ବିଜ୍ଞାନ କେବଳ ଡାକ୍ତର ବା ଇଞ୍ଜିନିୟର ହେବାର ଏକ ମାଧ୍ୟମ ନୁହେଁ, ବରଂ ଏହା ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣାବଳୀକୁ ଏକ ନୂତନ ଦୃଷ୍ଟିକୋଣରେ ଦେଖିବାର କଳା। ଯଦି ଆପଣଙ୍କ ଭିତରେ ଜିଜ୍ଞାସା ଅଛି, ତେବେ ବିଜ୍ଞାନ ଆପଣଙ୍କ ପାଇଁ ଶ୍ରେଷ୍ଠ ବିକଳ୍ପ।

ଆଜିର ବାସ୍ତବତା ହେଉଛି, ପିଲାମାନେ ପରୀକ୍ଷାରେ ନମ୍ବର ରଖିବା ପାଇଁ ବିଜ୍ଞାନ ପଢୁଛନ୍ତି, କିନ୍ତୁ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ବିଷୟରେ ଅଜ୍ଞ। ଏଥିପାଇଁ କେବଳ ଶିକ୍ଷକ ବା ଛାତ୍ରଛାତ୍ରୀ ଦାୟୀ ନୁହନ୍ତି। ପାଠ୍ୟକ୍ରମର ବୋଝ ଏବଂ ସ୍ମୃତି ଶକ୍ତି ଉପରେ ଆଧାରିତ ପରୀକ୍ଷା ପ୍ରଣାଳୀ ଆମକୁ ବାସ୍ତବତାଠାରୁ ଦୂରେଇ ନେଉଛି। ଜଣେ ଶିକ୍ଷକ ଯେତେବେଳେ ବହି ବାହାରକୁ ଯାଇ ପ୍ରୟୋଗଶାଳା ବା ପ୍ରକୃତି ସହ ପିଲାକୁ ଯୋଡ଼ନ୍ତି, ସେତେବେଳେ ଯାଇ ବିଜ୍ଞାନ ଜୀବନ୍ତ ହୋଇଉଠେ।

ଆମେ ଗୋଟିଏ ଦୁଇଟି ଉଦାହରଣରୁ ଏ ବିଷୟରେ ବୁଝି ପାରିବା। ସାଧାରଣତଃ ଅତି କ୍ଷୁଦ୍ର ଓ ଅତି ବିଶାଳର ଅନୁଭବ ଜଣେ ଛାତ୍ର ପକ୍ଷେ ସମ୍ଭବ ନୁହେଁ। ବିଜ୍ଞାନରେ ଏମିତି କିଛି ସଂଖ୍ୟା ଅଛି ଯାହାକୁ କଳ୍ପନା କରିବା ସାଧାରଣ ପିଲା ପାଇଁ କଷ୍ଟକର ବା ସ୍ଥଳ ବିଶେଷରେ ଅସମ୍ଭବ ଲାଗୁଥିଲେ ହେଁ ଜଣେ ଦକ୍ଷ ଶିକ୍ଷକ ଏହାକୁ ସରଳ ଉଦାହରଣ ମାଧ୍ୟମରେ ବୁଝାଇ ପାରିବେ:

(୧) ଆଲୋକର ବେଗ (୩୦୦୦୦୦୦୦୦ ମିଟର/ସେକେଣ୍ଡ): ଏହାକୁ ବୁଝାଇବା ପାଇଁ ଆମେ କହିପାରିବା, ଯଦି ଆମେ ଆଲୋକର ବେଗରେ ଗତି କରିବା, ତେବେ ମାତ୍ର ଏକ ସେକେଣ୍ଡ ମଧ୍ୟରେ ପୃଥିବୀକୁ ପ୍ରାୟ ସାଢେ ସାତ ଥର ବୁଲି ଆସିପାରିବା। ଆମେ ଆଖି ପିଛୁଳାକେ ଚନ୍ଦ୍ରରେ ପହଞ୍ଚି ଯାଇପାରିବା। ଏମିତିବି ହୋଇପାରେ, ପିଲାଟି ପୃଥିବୀର ଆକାରକୁ ମଧ୍ୟ କଳ୍ପନା କରିବାରେ ଅସମର୍ଥ, ତେବେ ସେ କ୍ଷେତ୍ରରେ କଣ କରିବା?

ମନେକର ପିଲାଟିର ମାମୁଁ ଘର ତାଙ୍କ ଘରଠାରୁ ଷାଠିଏ କିଲୋମିଟର, ଯେହେତୁ ସେ ମାମୁଁ ଘରକୁ ଯାଏ, ସେ ଦୂରତାର ଅନୁଭବ ପିଲାଟିର ଅଛି। ଆମେ କହିପାରିବା ତମେ ମାମୁଁଘରକୁ ଆଖି ପିଛୁଳାକେ ୫୦୦୦ ଥର ଯିବା ଆସିବା କରିବା ପାଇଁ ଯେଉଁ ବେଗରେ ଯିବାକୁ ପଡ଼ିବ, ସେଇଟା ଆଲୋକର ବେଗ।

(୨) ପରମାଣୁର ଆକାର (୦.୧ ନାନୋମିଟର): ଏହାକୁ ବୁଝିବା ପାଇଁ ଭାବନ୍ତୁ, ଗୋଟିଏ ସାଧାରଣ ପେନ୍‌ସିଲ୍‌ରେ ଅଙ୍କାଯାଇଥିବା ଏକ କ୍ଷୁଦ୍ର ବିନ୍ଦୁରେ କୋଟି କୋଟି ପରମାଣୁ ଥାଆନ୍ତି। ପିଲାଙ୍କୁ ବୁଝେଇବା ପାଇଁ ଆମେ କହି ପାରିବା, ଯଦି ଏକ ସେଓକୁ ପୃଥିବୀ ଆକାରର ଧରାଯାଏ, ତେବେ ସେଥିରେ ଥିବା ଏକ ପରମାଣୁର ଆକାର ଗୋଟିଏ ସେଓ ସହ ସମାନ ହେବ।

ଏହି ପରିପ୍ରେକ୍ଷୀରେ ମୁଁ ଦଶମ ଶ୍ରେଣୀରେ ପଢ଼ିବା ସମୟର ଏକ ଘଟଣା ଉପସ୍ଥାପନ କରୁଛି। ଜାତୀୟ କୃମି ନାଶକ ଦିବସ ଦିନ ଆମମାନଙ୍କୁ ଆଲବେଣ୍ଡାଜୋଲ୍ ଖାଇବାକୁ ଦିଆଗଲା, ସେଇ ସମୟରେ ଆମ ବିଜ୍ଞାନ ସାର୍ କ୍ଲାସରେ ଥିଲେ। ସାର୍ ପଚାରିଲେ ଏ ବଟିକାରେ ଏମିତି କଣ ଅଛି ଯେ ସବୁ କୃମି ମରିଯାଉଛନ୍ତି। ଆମେ କେହି କହିପାରିଲୁ ନାହିଁ। ତା'ପରେ ସାର୍ ତାଙ୍କ ଉତ୍ତରରେ ଯାହା କହିଲେ ତାହା ଏହିପରି : ଆଲବେଣ୍ଡାଜୋଲ୍ ଏକ ଚୟନକର୍ତ୍ତା ବା 'ଷ୍ଟାରଭେସନ୍' ଏଜେଣ୍ଟ ଭାବରେ କାମ କରେ, ଯାହା କୃମିମାନଙ୍କର ପୋଷକ ତତ୍ତ୍ୱ ଗ୍ରହଣ କରିବାର କ୍ଷମତାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଏ।

କଳ୍ପନା କର ଯେ ଆମ ଶରୀର ଭିତରେ ଥିବା କୃମିମାନେ ଏକ ଘରେ ରହୁଛନ୍ତି ଏବଂ ଆମ ଅନ୍ତନଳୀ ହେଉଛି ଏକ 'ପାୱାର ଗ୍ରିଡ୍'। ସାଧାରଣତଃ, କୃମିମାନେ ବଞ୍ଚିବା ଏବଂ ବଂଶ ବୃଦ୍ଧି କରିବା ପାଇଁ ଆମ ଖାଦ୍ୟରୁ ଚିନି (ଗ୍ଲୁକୋଜ୍) ଏବଂ ପୋଷକ ତତ୍ତ୍ୱ ଗ୍ରହଣ କରିବାକୁ ସେମାନଙ୍କର ଉପକରଣ(କୋଷ)ଗୁଡ଼ିକୁ ସେହି ଗ୍ରିଡ୍‌ରେ ପ୍ଲଗ୍ କରନ୍ତି।

ଆଲବେଣ୍ଡାଜୋଲ୍ କୃମିର ବିଦ୍ୟୁତ୍ ସଂଯୋଗ ସ୍ଥାନଗୁଡ଼ିକରେ ଏକ ସ୍ଥାୟୀ ତାଲା ଭଳି କାମ କରେ। ଏହା କୃମି ଶରୀରରେ ଥିବା ଏକ ନିର୍ଦ୍ଦିଷ୍ଟ ପ୍ରୋଟିନ୍ (ଟ୍ୟୁବୁଲିନ୍) ସହିତ ଯୋଡ଼ି ହୋଇଯାଏ, ଯାହା ଫଳରେ କୃମିଟି ଖାଦ୍ୟ ଗ୍ରହଣ କରିବା ପାଇଁ ଆବଶ୍ୟକ କରୁଥିବା ଶାରୀରିକ ସଂରଚନା ଗଠନ କରିପାରେ ନାହିଁ। ଫଳରେ କୃମିଟି ଆଉ ଖାଦ୍ୟ ଖାଇପାରେ ନାହିଁ। ସେ ଶକ୍ତି (ATP) ତିଆରି କରିପାରେ ନାହିଁ ଏବଂ ତା'ର ସଞ୍ଚିତ ଶକ୍ତି (Glycogen) ମଧ୍ୟ ଶେଷ ହୋଇଯାଏ। ଫଳରେ କୃମିଟି ଭୋକରେ ମରିଯାଏ, ଗତିହୀନ ହୋଇପଡ଼େ ଏବଂ ଶରୀରରୁ ମଳ ମାଧ୍ୟମରେ ବାହାରିଯାଏ।

ଶେଷରେ ଏତିକି କୁହାଯାଇପାରେ, ଭୟ ନକରି ଉପଭୋଗ କରିବା ବିଜ୍ଞାନ ଆମକୁ ଶିଖାଏ। ଯେତେବେଳେ ଆମେ ପଢୁଥିବା ସୂତ୍ରକୁ ରୋଷେଇ ଘରେ, ବଗିଚାରେ କିମ୍ବା ଆକାଶର ତାରାମାନଙ୍କ ମଧ୍ୟରେ ଖୋଜିବାକୁ ଚେଷ୍ଟା କରିବା, ସେତେବେଳେ ପାଠପଢ଼ା ଆମକୁ ଆଉ ବୋଝ ଲାଗିବ ନାହିଁ।

ବିଜ୍ଞାନ କେବଳ ଏକ ବିଷୟ ନୁହେଁ, ଏହା ଏକ ସଂସ୍କାର। ଏହା ଆମକୁ ପ୍ରଶ୍ନ ପଚାରିବାକୁ ଶିଖାଏ ଏବଂ ଅନ୍ଧବିଶ୍ୱାସରୁ ଦୂରେଇ ରଖେ। ଯଦି ଆପଣ ପୃଥିବୀର ରହସ୍ୟ ଖୋଲିବାକୁ ଚାହାଁନ୍ତି ଏବଂ ନିଜର ଚିନ୍ତାଧାରାକୁ ଯୁକ୍ତିଯୁକ୍ତ କରିବାକୁ ଚାହାଁନ୍ତି, ତେବେ ନିଶ୍ଚିତ ଭାବେ ବିଜ୍ଞାନକୁ ଆପଣାନ୍ତୁ। ପରୀକ୍ଷା ଖାତାରେ ଲେଖାଯାଇଥିବା ବିଜ୍ଞାନ ଆପଣଙ୍କୁ ଚାକିରି ଦେଇପାରେ, କିନ୍ତୁ ହୃଦୟରେ ଅନୁଭବ କରାଯାଇଥିବା ବିଜ୍ଞାନ ଆପଣଙ୍କୁ ଏକ ସୃଜନଶୀଳ ମଣିଷ ଭାବେ ଗଢ଼ିତୋଳିବ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ, ପୁରୀ
୯୨୩୮୮୩୧୬୫୮



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଧାନସଭାରେ ବିଜୁଳି ତାତି: ଶାସକ-ବିରୋଧୀ ମୁହାଁମୁହିଁ

## ବିତରକ କମ୍ପାନୀକୁ ସରକାର ଦେଖାଇଛନ୍ତି ଅହେତୁକ ଅନୁକମ୍ପା

- ସ୍ମାର୍ଟ ମିଟର ପାଇଁ ୭୩୫ କୋଟିର ସହାୟତା କାହା ସ୍ୱାର୍ଥରେ
- ବିଜୁଳି ବଳକା ରାଜ୍ୟରେ କାହିଁକି ଆଦାୟ ହେଉଛି ଉଚ୍ଚ ଟାରିଫ
- ସ୍ମାର୍ଟ ମିଟର ପ୍ରସଙ୍ଗରେ ଲୋକଙ୍କୁ ଭୁଆଁ ବୁଲାଯାଉଛି: ସରକାର

ଭୁବନେଶ୍ୱର,୧୦।୩(ସମିସ): ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିଲେ ହେଁ ଏକାଧିକ ରାଜ୍ୟ ତୁଳନାରେ ରାଜ୍ୟର ଉପଭୋକ୍ତା ଅଧିକ ବିଦ୍ୟୁତ ଦେୟ ଦେଉଛନ୍ତି। ଓଡ଼ିଶାର କୃଷି କ୍ଷେତ୍ରକୁ ମଧ୍ୟ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଟାଟା ପାୱାର ରାଜ୍ୟରେ ସ୍ମାର୍ଟ ଲୁଟ୍ କରୁଛି। ବିନା କାରଣରେ ରାଜ୍ୟ ସରକାର ଟାଟା ପାୱାରକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଚାଲିଛନ୍ତି ବୋଲି ବିଧାନସଭାର ମୁଲତବୀ ଆଲୋଚନାରେ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ। ମାତ୍ର ବିରୋଧୀଙ୍କ ଅଭିଯୋଗକୁ ଶାସକ ଦଳ ଖଣ୍ଡନ କରିଛି ଏବଂ ସ୍ମାର୍ଟ ମିଟର ପ୍ରସଙ୍ଗରେ ବିରୋଧୀ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଶାସକ ପାଲଟା ଜବାବ ଦେଇଛନ୍ତି । ସ୍ମାର୍ଟ ମିଟର ଲାଗିବା ପରେ ବିଜୁଳି ବିଲିଂ ପ୍ରକ୍ରିୟା ତ୍ରୁଟି ଶୂନ୍ୟ ହୋଇପାରିଛି ବୋଲି ସରକାର କହିଛନ୍ତି ।

କଂଗ୍ରେସ ପକ୍ଷରୁ ଆଗତ ମୂଳତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ପବିତ୍ର ସାଉନ୍ତା କହିଥିଲେ ଯେ ବିଜୁଳି ବିଲ୍ ବୋଝ, ଅଘୋଷିତ ବିଦ୍ୟୁତ୍ କାଟ ବର୍ତ୍ତମାନ ଜନସାଧାରଣଙ୍କୁ ବିଚଳିତ କରୁଛି। ଏପଟେ ଟାଟା ପାୱାର ଲୋକଙ୍କ ନିକଟରୁ ଜୋର ଜବରଦସ୍ତ ଜରିମାନା ଆଦାୟ ଉଦ୍ୟମ କରୁଛି। ରାଜ୍ୟବ୍ୟାପୀ ଏଥିପାଇଁ ପ୍ରାୟ ୫୦୦୦ କୋଟି ଟଙ୍କାର ନୋଟିସ୍ ଜାରି ହେଲାଣି। ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ବଳକା ରାଜ୍ୟ, ମାତ୍ର ଓଡ଼ିଶାବାସୀଙ୍କୁ ଏହାର ଲାଭ ମିଳୁନାହିଁ। ରାଜ୍ୟର ଶିଳ୍ପ ସଂସ୍ଥାଙ୍କୁ ୮୦ ହଜାର କୋଟିରୁ ଅଧିକ ରିଆତି ଦିଆଯାଇଥିବା ବେଳେ କୃଷି କ୍ଷେତ୍ରକବିଜୁଳି ରିଆତି ମିଳୁନାହିଁ। କଂଗ୍ରେସ ବିଧାୟକ ଡାକ୍ତର ସିଏସ ରାଜନ୍ ଏକ୍କା କହିଥିଲେ ଯେ ଝାଡ଼ଖଣ୍ଡ ସରକାର ୨୦୦ ୟୁନିଟ୍, ହିମାଚଳ ପ୍ରଦେଶ ୧୨୫ ୟୁନିଟ୍, ପଞ୍ଜାବ ୩୦୦ ୟୁନିଟ୍, ଦିଲ୍ଲୀ ସରକାର ୨୦୦ ମାଗଣା ବିଜୁଳି ଦେଉଛନ୍ତି। ବିଜେପି ସରକାର ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇ ଆସିଲେ, ଦେଲେ ନାହିଁ । ଆମ ରାଜ୍ୟ ବିଜୁଳି ବଳକା ରାଜ୍ୟ ହେବା ସତ୍ତ୍ୱେ ମାଗଣା ବିଜୁଳି ଦିଆଯାଇନାହିଁ। ଶିଳ୍ପ ସଂସ୍ଥାକୁ ମହାରାଷ୍ଟ୍ର ସରକାର ୟୁନିଟ୍ ପିଛା ୯ ଟଙ୍କା, କର୍ଣ୍ଣାଟକ ସରକାର ୭ ଟଙ୍କାରେ ଦେଉଛନ୍ତି। ହେଲେ ଓଡ଼ିଶାରେ ୬ ଟଙ୍କାରେ ଦିଆଯାଉଛି । ଶିଳ୍ପ ସଂସ୍ଥା ଉପରେ ୟୁନିଟ ପିଛା ଅତିକମରେ ୧ ଟଙ୍କା ବୃଦ୍ଧି କରାଗଲେ, ସାଧାରଣ ଉପଭୋକ୍ତାଙ୍କୁ ରିଆତିରେ ବିଜୁଳି ଦିଆଯାଇପାରନ୍ତା ବୋଲି ସେ କହିଥିଲେ।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ ଯେ କର୍ଣ୍ଣାଟକ ସରକାର ପୁରୁଣା ମିଟରରେ ଅତିରିକ୍ତ ଉପକରଣ ବ୍ୟବହାର କରି ମିଟର ପିଛା ୮୦୦ ଟଙ୍କା ଖର୍ଚ୍ଚ କରି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ହେଲେ ଓଡ଼ିଶାରେ ୫୦୦୦ ଟଙ୍କା ବ୍ୟୟରେ ସ୍ମାର୍ଟ ମିଟର ବ୍ୟବସ୍ଥା ଲାଗୁ କରାଯାଉଛି। ସରକାର ବଜେଟରେ ଏଥିପାଇଁ ୭୩୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ବିତରଣ କମ୍ପାନୀ ଏହି ବାବଦରେ ଅର୍ଥ ସହାୟତା ଲାଗି ଅନୁଦାନ ଦାବି କରିନଥିଲେ ମଧ୍ୟ ସରକାର ଅହେତୁକ ଅନୁକମ୍ପା ଦେଖାଇ ସ୍ମାର୍ଟ ମିଟର ଲାଗୁ ଅର୍ଥ ବ୍ୟୟ ବରାଦ କରିଛନ୍ତି। ଏ ସରକାର ଲୋକଙ୍କ ସରକାର ବୋଲି କହି ବୁଲୁଛନ୍ତି। ହେଲେ ସାଧାରଣ ଜନତାଙ୍କ ପ୍ରତି ଦରଦ ନାହିଁ ବୋଲି କହି ସରକାରଙ୍କୁ ସମାଲୋଚନା କରିଛନ୍ତି। ବିଜେଡି ବିଧାୟକ ରମେଶ ବେହେରା କହିଥିଲେ ଯେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ଉପଭୋକ୍ତା ସର୍ବାଧିକ ଦର ଦେଉଛନ୍ତି। ତଥାପି ଲୋ ଭୋଲ୍ଟେଜ ସମସ୍ୟାର ସମାଧାନ ହେଉନାହିଁ। ଏବେ ବି ଅନେକ ଗାଁ ବିଦ୍ୟୁତ୍ ସେବା ଅପହଞ୍ଚ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାଏକ, ପ୍ରକାଶ ସେଠୀ, ବିଭୂତି ଭୂଷଣ ପ୍ରଧାନ, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ବିରୋଧୀ ଅସତ୍ୟ ତଥ୍ୟ ଗୃହରେ ରଖି ବିଭ୍ରାନ୍ତ କରୁଛନ୍ତି ବୋଲି କହିଥିଲେ। ସ୍ମାର୍ଟ ମିଟର ପାଇଁ କାହାକୁ ବାଧ୍ୟ କରାଯାଉନାହିଁ। ଆଧୁନିକ ଯୁଗରେ ବିଦ୍ୟୁତ୍ ବିଲରେ ସ୍ୱଚ୍ଛତା ପାଇଁ ସ୍ମାର୍ଟ ମିଟର ଆବଶ୍ୟକତା ରହିଛି। କଂଗ୍ରେସ ସରକାର ସମୟରେ ବିଭ୍ରାଟ ବିଦ୍ୟୁତ୍ ସେବା ଥିଲା। ନୂଆ ସରକାର ଆସିବା ପରେ ବିଦ୍ୟୁତ୍ ବ୍ୟବସ୍ଥାରେ ସଂସ୍କାର ଆଣିଛନ୍ତି । ବିଗତ ଦିନରେ ମନ ଇଚ୍ଛା ଦେୟ ଆଦାୟ ହେଉଥିଲା। ଗାଁ ଗହଳିରେ ବିଜୁଳି ଚୋରି ହେଉଥିଲା। ସେହିପରି ଲୋକେ ବିଜୁଳି ଦେୟ ମଧ୍ୟ ଦେଉନଥିଲେ। ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ ବୋଲି ଶାସକ ଦଳର ବିଧାୟକମାନେ ଯୁକ୍ତି ବାଢ଼ିଥିଲେ।

# ଟାଟା ପାୱାରକୁ ସରକାରଙ୍କ କ୍ଲିନଚିଟ୍

- କମିଛି ବୈଷୟିକ ଓ ବାଣିଜ୍ୟିକ କ୍ଷତି
- ତ୍ରୁଟିଶୂନ୍ୟ ହୋଇଛି ବିଜୁଳି ବିଲିଂ ପ୍ରକ୍ରିୟା

ଭୁବନେଶ୍ୱର,୧୦।୩(ସମିସ): ୨୦୨୦ ମସିହାରେ ବିତରଣ ସଂସ୍ଥାମାନଙ୍କ ଘରୋଇକରଣ ମାଧ୍ୟମରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ସଂସ୍କାର ଆରମ୍ଭ ହୋଇଥିଲା। ଏହି ୫ ବର୍ଷ ମଧ୍ୟରେ ଏହାର ସୁଫଳ ବେଶ୍ ସନ୍ତୋଷଜନକ ରହିଛି। ବିରୋଧୀ କଂଗ୍ରେସ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖି ବିତରକ୍ କମ୍ପାନୀ ଟାଟା ପାୱାରକୁ ଏମିତି ଢଙ୍ଗରେ କ୍ଲିନଚିଟ ଦେଇଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଏହି ୫ ବର୍ଷରେ ବୈଷୟିକ ଓ ବାଣିଜ୍ୟିକ କ୍ଷତି କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି। ଦୈନିକ ବିଦ୍ୟୁତ୍ ଯୋଗାଣ ଅବଧି ମଧ୍ୟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଲୋ ଭୋଲ୍‌ଟେଜ ସମସ୍ୟାର ସମାଧାନ ମଧ୍ୟ ଅନେକାଂଶରେ ହୋଇପାରିଛି ବୋଲି ମନ୍ତ୍ରୀ କହିଥିଲେ।

ସ୍ମାର୍ଟ ମିଟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ଏକ ନୂତନ ଜ୍ଞାନ କୌଶଳ। ସ୍ଥାପନ କରାଯାଉଥିବା ସ୍ମାର୍ଟ ମିଟର ଆବଶ୍ୟକୀୟ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଦେଇ ଆସିଥାଏ। ୨୦୨୬ ଫେବୃଆରୀ ସୁଦ୍ଧା ସମଗ୍ର ଦେଶରେ ମୋଟ ୫.୮୦ କୋଟି ସ୍ମାର୍ଟ ମିଟର ସ୍ଥାପନ ହୋଇସାରିଛି। ମହାରାଷ୍ଟ୍ର, ବିହାର, ଉତ୍ତର ପ୍ରଦେଶ ଓ ଆସାମ ପରି ରାଜ୍ୟ ଅଗ୍ରାଧିକାର ଭିତ୍ତିରେ ସ୍ମାର୍ଟ ମିଟର ସ୍ଥାପନ କରିଛନ୍ତି। ସ୍ମାର୍ଟ ମିଟର ଲାଗିବା ପରେ ବିଜୁଳି ବିଲିଂ ପ୍ରକ୍ରିୟା ତ୍ରୁଟି ଶୂନ୍ୟ ହୋଇପାରିଛି। ରାଜ୍ୟରେ ଟାଟା ପାୱାର ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ପ୍ରାଇମେରୀ ସବ୍ ଷ୍ଟେସନ ସଂଖ୍ୟା ୧୦୧୭ରୁ ୧୧୯୫କୁ ବୃଦ୍ଧି ପାଇଛି। ବୈଷୟିକ ଓ ବାଣିଜ୍ୟିକ କ୍ଷତି ୨୯.୪୮ ପ୍ରତିଶତରୁ ୧୬.୫୫ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାହକ ସଂଖ୍ୟା ୭୬ ଲକ୍ଷରୁ ୯୭.୪ ଲକ୍ଷକୁ ବୃଦ୍ଧି ପାଇଛି। ପାୱାର ଟ୍ରାନ୍ସଫର୍ମର ସଂଖ୍ୟା ୨୬୫୯କୁ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୟଙ୍କର ହେଉଛି...

ମାତ୍ର ଏହାକୁ ନେଇ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଛନ୍ତି। ଏପରି କଲେ ଆକ୍ରମଣ ୨୦ ଗୁଣ ବୃଦ୍ଧି ପାଇବ ବୋଲି କହିଛନ୍ତି।

ଇସ୍ରାଏଲ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, କିଛି ନିର୍ଦ୍ଦିଷ୍ଟ ଦେଶର ଜାହାଜକୁ ଏହି ପଥ ଦେଇ ଯିବାକୁ ଅନୁମତି ଦିଆଯାଇପାରେ ବୋଲି ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) କହିଛି। ମାତ୍ର ଏଥିପାଇଁ ସେହି ଦେଶଗୁଡ଼ିକୁ ପ୍ରଥମେ ନିଜ ଦେଶରୁ ଇସ୍ରାଏଲ୍ ଏବଂ ଆମେରିକାର ରାଷ୍ଟ୍ରଦୂତମାନଙ୍କୁ ବାହାର କରିବାକୁ ପଡ଼ିବ। ଅନ୍ୟପଟେ ଏହି ପଥ ଦେଇ ଯାଉଥିବା ତୈଳ ଟ୍ୟାଙ୍କର ଏବଂ ବାଣିଜ୍ୟିକ ଜାହାଜ ଉପରେ ଇରାନ ସୁରକ୍ଷା ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ଆମେରିକାର ସହଯୋଗୀ ଦେଶଗୁଡ଼ିକର ଜାହାଜ ଉପରେ ଏହା ଲାଗୁ କରାଯାଇପାରେ। ଅନ୍ୟପଟେ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ ତୈଳ ପ୍ରବାହକୁ ରୋକିବା ପାଇଁ କୌଣସି ପଦକ୍ଷେପ ନିଏ, ତେବେ ଆମେରିକା ଏଭଳି ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରିବ ଯାହାକୁ ସହଜରେ ଧ୍ୱଂସ କରାଯାଇପାରିବ। ଏହା ଦ୍ୱାରା ନିଜ ଦେଶକୁ ପୁଣି ଥରେ ଠିଆ କରିବା ଇରାନ ପାଇଁ ଅସମ୍ଭବ ହୋଇପଡ଼ିବ। ଏଭଳି ସ୍ଥିତିରେ 'ମୃତ୍ୟୁ ଏବଂ ବିନାଶ' ଦେଖିବାକୁ ମିଳିବ। ମାତ୍ର ଏଭଳି ସ୍ଥିତି ନ ଆସୁ ବୋଲି ଟ୍ରମ୍ପ ଚାହୁଁଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଏଭଳି ଧମକରେ ଇରାନ ଡରି ଯାଇ ନାହିଁ। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ କହିଛନ୍ତି ଯେ ଦେଶ ବର୍ତ୍ତମାନ ଯୁଦ୍ଧବିରତି ଚାହୁଁନାହିଁ। ଇରାନ ଉପରେ ଆକ୍ରମଣ କରୁଥିବା ଦେଶଙ୍କୁ କଠୋର ଜବାବ ଦିଆଯିବ। ଏପରି ସ୍ଥିତି କରାଯିବ ଯେ ସେମାନେ ପୁଣି ଥରେ ଆକ୍ରମଣ ପାଇଁ ସାହସ କରିବେ ନାହିଁ। ଆମେରିକା ଏବଂ ଇସ୍ରାଏଲ୍ ସହ ଆଲୋଚନା ଦ୍ୱାରା ଏହି ଯୁଦ୍ଧ ଶେଷ ହେବ ବୋଲି ଇରାନ ଭାବୁନି। ଇରାନ ସେଭଳି ସ୍ଥିତିର ଅନ୍ତ କରିବାକୁ ଚାହୁଁଛି, ଯେଉଁଠି ପ୍ରଥମେ ଯୁଦ୍ଧ, ପରେ ଆଲୋଚନା ଏବଂ ଅସ୍ତ୍ରବିରତି ହୁଏ। ମାତ୍ର ଏହାର କିଛି ସମୟ ପରେ ପୁଣି ଯୁଦ୍ଧ ଆରମ୍ଭ ହୋଇଯାଏ।

ଅନ୍ୟପଟେ ଆଜି ପୁଣି ଇରାନର ରାଜଧାନୀ ତେହେରାନ୍‌ରେ ଅବସ୍ଥିତ କିଛି ପରମାଣୁ ପରୀକ୍ଷାଗାରକୁ ଲକ୍ଷ୍ୟ କରି ଇସ୍ରାଏଲ ଏୟାର ଷ୍ଟ୍ରାଇକ କହିଛି। ଏଗୁଡ଼ିକ ଇରାନର ପରମାଣୁ କାର୍ଯ୍ୟକ୍ରମ ସହିତ ଜଡ଼ିତ ରହିଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଇରାନ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଗତ କିଛି ଦିନ ହେବ ଆମେରିକା ଏବଂ ଇସ୍ରାଏଲ୍ ଇରାନର ପରମାଣୁ ଭିତ୍ତିଭୂମି ସହ ଜଡ଼ିତ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରୁଛନ୍ତି। ଇରାନର ନତାଞ୍ଜ ପରମାଣୁ କେନ୍ଦ୍ରର କିଛି ଅଂଶ ନିକଟରେ ହୋଇଥିବା ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ଏହା ମଧ୍ୟରେ ଇରାନ ଉପରେ ଆକ୍ରମଣ ପାଇଁ ଦେଶର ଭୂମି ଏବଂ ବାୟୁସୀମାକୁ ବ୍ୟବହାର ନ କରିବା ପାଇଁ ଇରାକ ପ୍ରଧାନମନ୍ତ୍ରୀ ମହମ୍ମଦ ସିଆ ଅଲ-ସୁଦାନୀ ଆମେରିକାକୁ କହିଛନ୍ତି। ସେ ଫୋନ କରି ଆମରିକା ବିଦେଶମନ୍ତ୍ରୀ ମାର୍କ ରୁବିଓକୁ ଏହା ଜଣାଇଛନ୍ତି। କାରଣ ଇରାନ ଯୁଦ୍ଧରେ ଇରାକ ସାମିଲ ହେବାକୁ ଚାହୁଁନାହିଁ।

### ଟ୍ରମ୍ପ-ପୁଟିନ...

କ୍ରେମଲିନ ପକ୍ଷରୁ କୁହାଯାଇଛି। ସେହିପରି ଟ୍ରମ୍ପ ଏହାକୁ ସକରାତ୍ମକ ଦର୍ଶାଇଛନ୍ତି। ୟୁକ୍ରେନରେ ଶୀଘ୍ର ଅସ୍ତ୍ରବିରତି ହେବ ବୋଲି କହିଛନ୍ତି। ୟୁକ୍ରେନରେ ଆକ୍ରମଣ କରିଥିବା ରୁଷ ରାଷ୍ଟ୍ରପତି ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ପାଇଁ ସହଯୋଗ ଦେବାକୁ ଟ୍ରମ୍ପଙ୍କୁ କହିଛନ୍ତି। ପୁଟିନଙ୍କ କୂଟନୈତିକ ପରାମର୍ଶଦାତା ୟୁରି ଉସାକୋଭ କହିଛନ୍ତି ଯେ ଇରାନ ସହ ଚାଲିଥିବା ସଂଘର୍ଷ ଏବଂ ୟୁକ୍ରେନ ପ୍ରସଙ୍ଗର ସମାଧାନ ପାଇଁ ଆମେରିକା ପ୍ରତିନିଧିଙ୍କ ସହ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଚଳାଇଥିବା ଯୁଦ୍ଧର ଶୀଘ୍ର ରାଜନୈତିକ ଏବଂ କୂଟନୈତିକ ସମାଧାନ ପାଇଁ ପୁଟିନ ଆହ୍ୱାନ ଦେଇଛନ୍ତି। ୟୁକ୍ରେନ ଯୁଦ୍ଧକୁ ନେଇ ସେ ଟ୍ରମ୍ପଙ୍କୁ ବର୍ତ୍ତମାନର ସ୍ଥିତି ଅବଗତ କରାଇ ଥିଲେ। ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ଦେଇଥିବା ମଧ୍ୟସ୍ଥତା ପ୍ରସ୍ତାବକୁ ପୁଟିନ ସକରାତ୍ମକ କହିଛନ୍ତି। ମାତ୍ର ଅନେକ ପର୍ଯ୍ୟାୟ ଆଲଚୋନା ସତ୍ତ୍ୱେ ଯୁଦ୍ଧବିରତି ପାଇଁ କୌଣସି ବଡ଼ ସଫଳତା ମିଳିନାହିଁ। ଉସାକୋଭ କହିଛନ୍ତି ଯେ ଏହି ଆଲୋଚନା ଗମ୍ଭୀର ଏବଂ ଗଠନମୂଳକ ଥିଲା।

### ଅଧା ବିଶ୍ୱରେ...

ଦେଶର ଆବଶ୍ୟକତାକୁ ମେଣ୍ଟାଇ ପାରିବ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଇରାନ ଏବଂ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଯୋଗୁଁ ହରମୁଜ୍ ପ୍ରଣାଳୀ ବନ୍ଦ ରହିଛି। ପ୍ରତିବର୍ଷ ବିଶ୍ୱର ପ୍ରାୟ ୨୦% ତୈଳ ଯୋଗାଣ ଏହି ରୁଟ୍ ଜରିଆରେ ହୋଇଥାଏ। ଇରାନ୍ ଏହି ସାମୁଦ୍ରିକ ପଥ ବନ୍ଦ କରି ଦେଇଥିବାରୁ ସାରା ବିଶ୍ୱ ଏକ ନୂଆ ବିପଦର ସମ୍ମୁଖୀନ ହେବାକୁ ଯାଉଛି। ଭାରତ ପରି ବଡ଼ ଦେଶ ଏଥିରେ ବେଶୀ ପ୍ରଭାବିତ ହୋଇଛି । ବାଂଲାଦେଶରେ ବିଦ୍ୟୁତ ଏବଂ ଇନ୍ଧନ ବ୍ୟବହାର ହ୍ରାସ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟ ବନ୍ଦ କରାଯାଇଛି। ଏହି ସମୟରେ ପାକିସ୍ତାନ ସରକାର ଇନ୍ଧନ ବ୍ୟବହାର ହ୍ରାସ ପାଇଁ ପଦକ୍ଷେପ ନେଇଛନ୍ତି । କର୍ମଚାରୀଙ୍କୁ ଘରୁ କାମ କରିବାକୁ ପରାମର୍ଶ ଦିଆଯାଇଛି ଏବଂ ଅତି ଆବଶ୍ୟକ ନ ଥିଲେ ଶକ୍ତି ବ୍ୟୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଇନ୍ଧନ ବ୍ୟୟଭାରକୁ ଭରଣା ନିମନ୍ତେ ଦେଶର ମନ୍ତ୍ରୀଙ୍କ ଦରମା ଏବଂ ବିଦେଶ ଯାତ୍ରାକୁ ସ୍ଥଗିତ ରଖାଯାଇଛି । ସରକାରୀ କାର୍ଯ୍ୟାଳୟ ସପ୍ତାହରେ କେବଳ ଚାରି ଦିନ ଖୋଲା ରହିବ ଓ ଅଧା କର୍ମଚାରୀ ଘରୁ କାମ କରିବେ। ଚଳିତ ସପ୍ତାହାନ୍ତରୁ ସ୍କୁଲଗୁଡ଼ିକ ଦୁଇ ସପ୍ତାହ ପାଇଁ ବନ୍ଦ ରହିବ। ସରକାରୀ ଯାନବାହନକୁ ଏବେ ଦୁଇ ମାସ ପାଇଁ ୫୦% କମ୍ ଇନ୍ଧନ ମିଳିବ। ଫଳରେ ଦେଶରେ ୬୦% ସରକାରୀ ଯାନବାହନ ଚାଲିବନାହିଁ। ଥାଇଲାଣ୍ଡ ସରକାର ସରକାରୀ କାର୍ଯ୍ୟାଳୟରେ ଶକ୍ତି ସଂରକ୍ଷଣ ପାଇଁ କର୍ମଚାରୀଙ୍କୁ ଲିଫ୍ଟ ବଦଳରେ ସିଡ଼ି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇନ୍ଧନ ବ୍ୟୟଭାର ବୃଦ୍ଧିକୁ ଭରଣା ସହ ଶକ୍ତି ସଂରକ୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଶକ୍ତି ସଂରକ୍ଷଣ ପାଇଁ ଏୟାର କଣ୍ଡିସନରଗୁଡ଼ିକୁ ୨୬ରୁ ୨୭ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଆମେରିକା, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରୁ ଅତିରିକ୍ତ ଏଲଏନଜି କିଣିବାକୁ ଚେଷ୍ଟା କରୁଛନ୍ତି। ଯଦି ସଙ୍କଟ ଗମ୍ଭୀର ହୁଏ, ତେବେ ଦେଶ ଅଧିକ କଠୋର ପଦକ୍ଷେପ ଗ୍ରହଣ କରାଯାଇପାରେ ବୋଲି ସେଠାକାର ସରକାର କହିଛନ୍ତି ।

ସେହିପରି ଭିଏତନାମ୍‌ରେ ସରକାର କମ୍ପାନୀଗୁଡ଼ିକୁ ଶକ୍ତି ସଂରକ୍ଷଣ ପାଇଁ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଦକ୍ଷିଣ କୋରିଆ ପ୍ରାୟ ତିନି ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ମୂଲ୍ୟ ସୀମା ଲାଗୁ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଜାପାନ୍ ସରକାର ଆବଶ୍ୟକ ହେଲେ ଜାତୀୟ ତୈଳ ଭଣ୍ଡାରରୁ ତେଲ ଛାଡିବାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଇଣ୍ଡୋନେସିଆ ସରକାର ଇନ୍ଧନ ଏବଂ ବିଦ୍ୟୁତ ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ ଜାତୀୟ ବଜେଟରେ ଇନ୍ଧନ ସବସିଡି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ଗ୍ରାହକଙ୍କ ଉପରେ ବିଶ୍ୱ ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛି। ତେବେ ସାରା ବିଶ୍ୱରେ ତୈଳ ସଙ୍କଟ ଚୀନକୁ ବିଶେଷ ପ୍ରଭାବିତ କରିପାରି ନାହିଁ । ସମ୍ଭାବ୍ୟ ଶକ୍ତି ସଙ୍କଟର ଆଶଙ୍କାରେ ବହୁ ପୂର୍ବରୁ ଚୀନ୍ ବିପୁଳ ଅଶୋଧିତ ତୈଳ ସଂଗ୍ରହ କରିଥିଲା। ଇରାନରୁ ଉତ୍ପାଦିତ କଞ୍ଚାତେଲରୁ ଚୀନ ୯୦ ପ୍ରତିଶତ କ୍ରୟ କରି ନିଜ ତୈଳ ଭଣ୍ଡାରରେ ଗଚ୍ଛିତ ରଖିଥିଲା। ଯାହା ଏବେ ଚୀନକୁ ଆଶ୍ୱସ୍ତ ରଖିଛି । ଏହା ସତ୍ତ୍ୱେ ଅନ୍ୟ ଦେଶ ଓ ରୁଷରୁ ଅଧିକ କଞ୍ଚାତେଲ କିଣିବାକୁ ଚୀନ୍ ଯୋଜନା ଚଳାଇଛି।

### ସରକାର-ବିରୋଧୀ...

କରି ଦିଅନ୍ତି। ଅନ୍ୟପକ୍ଷରେ ବିବାଦୀୟ ମନ୍ତବ୍ୟ ଦେବାଲାଗି ସେ ବିରୋଧୀ ସଭ୍ୟଙ୍କୁ ଅନୁମତି ଦେଉଛନ୍ତି। ସେ କହିଲେ ଯେ ଏ ହେଉଛନ୍ତି ସେହି ବାଚସ୍ପତି ଯାହାଙ୍କ ଅମଳରେ ତାଙ୍କୁ ସଂସଦରୁ ବହିଷ୍କାର କରାଯାଇଥିଲା। ଏବଂ ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ କଥା ହେଲା ଯେ ତାଙ୍କୁ ନିଜ ସପକ୍ଷରେ କହିବାକୁ ମଧ୍ୟ ବିର୍ଲା ଅନୁମତି ଦେଇନଥିଲେ। ଆଲୋଚନା ଆରମ୍ଭ କରି ମନ୍ତ୍ରୀ ରିଜିଜୁ ବାଚସ୍ପତି ପଦ ହିସାବରେ ବିର୍ଲାଙ୍କ ଗୃହ ପରିଚାଳନାର ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ତାଙ୍କର ବିନା ଅନୁମତିରେ ଗୃହରେ କେହି କହିପାରିବେ ନାହିଁ, ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ବିରୋଧୀ ଦଳର ନେତା ହୁଅନ୍ତୁ। ତାଙ୍କୁ କହିବା ଲାଗି କାହାରି ଅନୁମତିର ଦରକାର ନାହିଁ ବୋଲି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସେ ସମାଲୋଚନା କରିଥିଲେ। ରାହୁଲଙ୍କ ସମାଲୋଚନା ବେଳେ ସେ ପ୍ରିୟଙ୍କାଙ୍କର ପ୍ରଶଂସା କରିଥିଲେ ରିଜିଜୁ। ଏହାର ଜବାବ ଦେବାକୁ ଯାଇ ପ୍ରିୟଙ୍କା କହିଥିଲେ ଯେ ରାହୁଲଙ୍କ ଉପରେ ସରକାରୀ ଦଳ କ୍ଷୁବ୍ଧ ହେବା ସ୍ୱାଭାବିକ। କାରଣ ଗତ ୧୨ ବର୍ଷ ହେଲା ରାହୁଲ ହିଁ ବିନା ଭୟରେ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଛନ୍ତି। ସେ କେବେହେଲେ ସରକାରଙ୍କ ଆଗରେ ମୁଣ୍ଡ ନୁଆଁଇ ନାହାନ୍ତି।

ଏହାପୂର୍ବରୁ ଆଜି କଂଗ୍ରେସ ସାଂସଦ ମହମ୍ମଦ ଜାୱେଦ୍ ବାଚସ୍ପତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ୫୦ ଜଣ ସାଂସଦ ଠିଆ ହୋଇ ସମର୍ଥନ କରିଥିଲେ। ଏହି ସମୟରେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ଆଲୋଚନା ପାଇଁ ଅନୁମତି ଦେଇଥିଲେ। ସେ କହିଥିଲେ ଯେ ଏହି ପ୍ରସ୍ତାବ ଉପରେ ଆଲୋଚନା ପାଇଁ ୧୦ ଘଣ୍ଟାର ସମୟ ଦିଆଯାଇଛି। ଏହି ପ୍ରସ୍ତାବରେ ବିରୋଧୀ ଦଳର ୧୧୮ ଜଣ ସାଂସଦ ଦସ୍ତଖତ କରିଛନ୍ତି।

### ନବୀନଙ୍କ ଉଦ୍‌ବେଗ...

ଓଡ଼ିଶାରେ ଥିବା ସେମାନଙ୍କ ପରିବାର, ପ୍ରିୟଜନ ସେମାନଙ୍କ ଫେରିବା ବାଟକୁ ଅନାଇ ବସିଛନ୍ତି। ଆକାଶ ପଥ ବନ୍ଦ ଥିବାବେଳେ ବିମାନ ବାତିଲ ହେଉଛି। ସେହିପରି ବିଭିନ୍ନ ଦେଶ ସେମାନଙ୍କ ସୀମାକୁ ମଧ୍ୟ ବନ୍ଦ କରିଛନ୍ତି। ଏପରି ଅସମୟରେ ସମସ୍ତ ଓଡ଼ିଆଙ୍କୁ ସୁରକ୍ଷିତ ଫେରାଇ ଆଣିବା ଓଡ଼ିଶା ସରକାରଙ୍କ କର୍ତ୍ତବ୍ୟ। ହେଲେ ସରକାର ସେମିତି କୌଣସି ତତ୍ପରତା ନ ଦେଖାଇବା, ତ୍ୱରିତ ପଦକ୍ଷେପ ନ ନେବା ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି କଠିନ କରିଦେଉଛି। ସରକାର କ'ଣ ପାଇଁ ଚୁପ ବସିଛନ୍ତି ବୋଲି ନବୀନ ଉଦବେଗ ପ୍ରକାଶ ସହ 'ଓଡ଼ିଆ ଅସ୍ମିତା'ର ସେ ଫମ୍ପା ଭାଷଣ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଶା ସରକାର ବଡ଼ ବଡ଼ କଥା ନ କହି ତୁରନ୍ତ ସମସ୍ତ ଓଡ଼ିଆଙ୍କୁ ଯୁଦ୍ଧ ଅଞ୍ଚଳରୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ। ତ୍ୱରିତ ଓ ସମୟୋଚିତ ପଦକ୍ଷେପ ପ୍ରତିଟି ଓଡ଼ିଆଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ, ଅନେକ ଜୀବନ ସୁରକ୍ଷିତ କରିବ ବୋଲି ନବୀନ କହିଛନ୍ତି ।

### ନୂଆ ସରକାରରେ...

ରାଜ୍ୟକୁ ଯାଇଛନ୍ତି। ଯାହାକି ମୋଟ୍ ଦାଦନ ସଂଖ୍ୟାର ସବୁଠୁ ଅଧିକ ୭୧ ପ୍ରତିଶତ । ବଲାଙ୍ଗିର ତଳକୁ ନୂଆପଡ଼ା ଜିଲ୍ଲା ରହିଛି। ଏହି ଜିଲ୍ଲାରୁ ୧୧ ହଜାର ୬୭୮ ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇଛନ୍ତି। ତେବେ ଦାଦନ ଶ୍ରମିକଙ୍କୁ ନେବା ପାଇଁ ଯେଉଁ ଠିକାଦାରମାନେ ରହିଛନ୍ତି, ସେମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। କାରଣ ଏ ବାବଦକୁ ୨୦୨୫ରେ ମୋଟ୍ ୧୪୬୫ ଟି ଲାଇସେନ୍ସ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ୨୦୨୪ରେ ଏହି ସଂଖ୍ୟା ୧୦୩୭ ରହିଥିଲା।

ରାଜ୍ୟର ଦାଦନ ଜନିତ ସମସ୍ୟାକୁ ନେଇ ସରକାର ଯେଉଁ ତଥ୍ୟ ଦେଇଛନ୍ତି ଏଥିରେ ବଲାଙ୍ଗିର ଜିଲ୍ଲାରେ ଅଧାରୁ ଅଧିକ ଶ୍ରମିକ ରହିଛନ୍ତି। ଅର୍ଥାତ ଏଠାରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ ପଞ୍ଜୀକରଣ ବ୍ୟବସ୍ଥା ଲାଗୁ ହୋଇଛି। ଗଞ୍ଜାମ ଜିଲ୍ଲାରୁ ସୁରତରେ ଦେଢ଼ ଲକ୍ଷରୁ ଅଧିକ ଶ୍ରମିକ ରହିଥିବା ବେଳେ ସରକାରୀ ଭାବେ ଏହି ଜିଲ୍ଲାରୁ ୩୮୦୮ ଜଣ ଶ୍ରମିକ ବାହାର ରାଜ୍ୟରେ ଥିବା ସରକାର ଦର୍ଶାଇଛନ୍ତି। କୋଭିଡ୍ ସମୟରେ ରାଜ୍ୟକୁ ୧୦ ଲକ୍ଷ ପ୍ରବାସୀ ଶ୍ରମିକ ଫେରିଥିଲେ। ସେ ସମୟରେ ସରକାର ଜିଲ୍ଲାୱାରୀ ତାଲିକା ଜାରି କରିଥିଲେ। ମାତ୍ର ବର୍ତ୍ତମାନ କେବଳ ପଞ୍ଜିକୃତ ତଥ୍ୟ ଜାରି କରାଯାଉଛି। ରାଜ୍ୟ ସରକାର ଦାଦନ ସମସ୍ୟା ରୋକିବାକୁ ଏକ କମିଟି କରିଛନ୍ତି। ଏହା ସହ ଏକ ବଡ଼ପଦକ୍ଷେପ ଭାବେ କିଛି ଜିଲ୍ଲାରେ 'ଏମ୍‌ଜିଏନ୍‌ଆରଇଜିଏସ୍' କାମ ୩୦୦ ଦିନ ପାଇଁ ଘୋଷଣା କରାଯାଇଥିଲା। ମାତ୍ର କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରି ଭିବିଜି-ରାମଜୀ ଯୋଜନା ଆଣିବା ପରେ ଏହାର କାର୍ଯ୍ୟକାରିତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅନ୍ୟପଟେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇ ଅନେକ ଶ୍ରମିକ ନିର୍ଯ୍ୟାତନାର ମଧ୍ୟ ଶିକାର ହେଉଛନ୍ତି। ଅନେକ ସମୟରେ ଏହି ଶ୍ରମିକମାନଙ୍କୁ ବାହାର ରାଜ୍ୟରୁ ଉଦ୍ଧାର କରାଯାଉଛି। ଏହି କ୍ରମରେ ଗତ ୨୦୨୫ରେ ୧୦୭୮ ଜଣ ଦାଦନ ଶ୍ରମିକଙ୍କୁ ବିଭିନ୍ନ ରାଜ୍ୟରୁ ଉଦ୍ଧାର କରାଯାଇଛି।

### ଦୁର୍ଘଟଣାରେ...

ନିଜର ଦୁଇ ଭଉଣୀଙ୍କୁ ଦୋଳଯାତ୍ରା ଦେଖାଇ କୁମ୍ଭାରଧାମୁନି ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମରେ ଛାଡ଼ି ଘରକୁ ଫେରୁଥିଲେ। ଏହି ସମୟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଆକାଶ, ବୀରସିଂ ଓ ରବିଙ୍କ ମୃତ୍ୟୁ ହୋଇଯାଇଥିଲା। ବିଷମ କଟକ ଥାନା ଅଧିକାର ସମର୍ପିତା ସ୍ୱାଇଁ ଅଧିକ ତଦନ୍ତ ଚଳାଇଛନ୍ତି।

**VEHICLE FOR SALE**

1 MARUTI DZIRE ZXi+, Model - 2025, Registration No-OD-33-AT-2902, in as is where is condition, Contact M/S Sundaram Finance Limited, BHUBANESWAR BRANCH, Ph:0674-2544772, within 7 days

**FOR SALE**

1 Number of Tractor – NEW HOLAND 4710 4WD TRACTOR, Registration No.-OD-01-AX – 4928, Model-2024, ENGINE NO – 436781DX, CHASSIS NO – NHN47100ZRC688280, For Details, contact – 9437055763, 7656852396, SUNDARAM FINANCE LTD. First floor, Choudhury Nivas, SAHADEVKHUNTA, BALASORE, 756001, PH.NO-06782-266658

**FOR SALE**

1 Number of HARVESTER - KUBOTA - DC 68G HARVESKING, Registration No.- NA, Model 2021, - ENGINE NO – 8ME0481, CHASIS NO – KBH60300 JMTC05808, For Details, contact – 9437577742, SUNDARAM FINANCE LTD., NAIK BHAWAN, 1ST FLOOR, INFRONT FRONT OF BANK OF BARODA, BARGARH, PO- BARGARH, DIST-BARGARH-768028

**Odisha State Health & Family Welfare Society**

Dept. of Health & Family Welfare, Govt. of Odisha

**EXPRESSION OF INTEREST FOR CON-CURRENT AUDIT**

The Odisha State Health & Family Welfare Society invites Expression of Interest (EoI) from the firms of Chartered Accountants and Cost Accountants ... of the District Health Societies (DHSs) of Angul, Balasore, Bargarh, Dhenkanal, Ganjam, Jagatsinghpur, Jharsuguda, Kalahandi, Kandhamal, Kendrapara, Nayagarh, Rayagada and Sundargarh ... Department of Health & Family Welfare, Government of Odisha for the financial year 2026-27.

Important Dates:

Sd/- Mission Director, NHM, Odisha

OIPR-10001/10884/1/25-26/0036

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

13001/561/2526

**ସୂଚନା**

... (15) ଦିନ ...

OIPR-13001/13037/1/25-26/0067

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM(R&B)DIVISION NO.I BERHAMPUR**

34001/179/2526

e-Procurement Notice

| | |
|---|---|
| Name of work | Building works |
| No.of works | |
| Estimated Cost | |
| Period of completion | |
| Date and time of Availability of bid document in the portal | |
| Last date / time for receipt of bids in the portal | |
| Name & address of the Officer inviting Bid | Superintending Engineer, Ganjam(R&B) Division No.I, Berhampur |

Further details can be seen from the e-Procurement portal

Superintending Engineer, Ganjam(R&B) Division No.I, Berhampur

OIPR-34001/34109/1/25-26/0031

OHPC

**NOTICE INVITING TENDER**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / channel partners / reputed supplier / service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/25-26/0043

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 09.03.2026, I Sasmita Behera resident At-Patharagadia, Chandaka, Po-Daruthenga, Dist-Khurdha, Pin-754005, Odisha, declare that I have changed the name of my son from Son behera to Ashutosh Behera. Henceforth, He shall be known as Ashutosh Behera for all purposes.

Sasmita Behera

**AFFIDAVIT**

By virtue of an affidavit No. 544, before the Executive Magistrate, Phulbani, Kandhamal on dtd 10.03.2026, I, Bibatsa Malik, D/o Anama Mallick, resident of At-Tetakapadar, Po- Bhrungijodi, P.S. - Phiringia, Dist.- Kandhamal-762011, do hereby declare that I have changed my name from Bibatsa Malik to Bibastcha Mallick. Henceforth, I shall be known and called as Bibastcha Mallick for all purposes.

Sd/- Bibastcha Mallick

**AFFIDAVIT**

By virtue of an affidavit sworn before Executive Magistrate, Kanas, no-798, dtd-6/3/2026, I, Dukhishyam Pradhan, resident of At-Telangapada, Po- Gadakharad, PS-Gadisagoda, Block-Kanas, Dist- Puri, Odisha, Pin-752019, declare that I have changed my name from Duhkhisyam Pradhan to Dukhishyam Pradhan. Henceforth, I shall be known as Dukhishyam Pradhan for all purposes.

Dukhishyam Pradhan

**AFFIDAVIT**

I, Sanjukta Manik, aged about 35 years, W/o- Hrushikanta Sahoo, resident of At-Brahmanjharilo, Kothapatana, PS-Cuttack Sadar, Dist-Cuttack, Odisha, PIN-754001 declared by this affidavit No. 149, dtd-13/02/2026 that now onwards I shall be known as SANJUKTA SAHOO for all future purposes.

**AFFIDAVIT**

I, Prakash Kumar Agrawalla, aged about 48 years, S/o- Sanwar Mal Agrawalla, resident of At-Prafulla Mishra Complex, Binayak 3M, Ps- Angul, Dist- Angul, PIN- 759132, State: Odisha declared by this affidavit No. 501, dtd-09/03/2026 that now onwards I shall be known as PRAKASH KUMAR AGARWAL for all future purposes.

ଝାରସୁଗୁଡ଼ାରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ସମୀକ୍ଷା

# ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ୍ୟ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୦।୩(ସମିସ)



ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ସହ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୂଚକାଙ୍କ (ଆର୍‌ଏମ୍‌ଏନ୍‌ସିଏଚ୍+ଏ) କାର୍ଯ୍ୟକ୍ରମ ଏବଂ ଗତ ଜାନୁଆରୀରେ ରିପୋର୍ଟ ହୋଇଥିବା ୧ ମାତୃ ମୃତ୍ୟୁ ଏବଂ ୧୧ ଶିଶୁ ମୃତ୍ୟୁ ଘଟଣାର ବିସ୍ତୃତ ଅନୁଧ୍ୟାନ କରାଯାଇଛି। ପ୍ରତ୍ୟେକ ମୃତ୍ୟୁର ମୂଳ କାରଣ ଖୋଜିବାକୁ ଜିଲ୍ଲାପାଳ 'ଗ୍ୟାପ୍ ଆନାଲିସିସ୍' ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଜିଷ୍ଟିକ୍ ସପୋର୍ଟ କିମ୍ବା ପ୍ରଶାସନିକ ସହାୟତା ଆବଶ୍ୟକ ହେଲେ ପ୍ରସ୍ତୁତ ରହିବାକୁ କହିଛନ୍ତି। ସେହିପରି କମ୍ ଓଜନର ଶିଶୁ ଜନ୍ମ ହେବାର କାରଣ ଏବଂ ସେମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ବିଶେଷଜ୍ଞ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ବିପଦପୂର୍ଣ୍ଣ ଗର୍ଭବତୀ ମହିଳା ମାନଙ୍କର ନିରନ୍ତର ମନିଟରିଂ ପାଇଁ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ବିକଶିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ପଞ୍ଜିକୃତ ସମସ୍ତ ଘରୋଇ ଅଲଟ୍ରାସୋନୋଗ୍ରାଫି କ୍ଲିନିକ୍ ଗୁଡିକରେ ଗର୍ଭବତୀ ମହିଳାଙ୍କ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଗର୍ଭଧାରଣ ପୂର୍ବ ଏବଂ ପ୍ରସବ ପୂର୍ବ ନିଦାନ କୌଶଳ (ପିସିଆଣ୍ଡପିଏନ୍‌ଡିଟି) ନିୟମ ଅନୁଯାୟୀ ଏହାର ନିୟମିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଗର୍ଭବତୀ ମହିଳାଙ୍କ ସୁବିଧା ପାଇଁ ଜିଲ୍ଲାର ଦୁଇଟି ସ୍ଥାନରେ ତୁରନ୍ତ ମା' ଗୃହ ପ୍ରତିଷ୍ଠା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପ୍ରସବକୁ ପ୍ରୋତ୍ସାହିତ କରିବା ସହ ଭିତ୍ତିଭୂମି ଅଭାବ ଥିଲେ ତାହାକୁ ଜିଲ୍ଲା ଖଣିଜ ପାଣ୍ଠି ଜରିଆରେ ପୂରଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

**ବିପଦପୂର୍ଣ୍ଣ ଗର୍ଭାବସ୍ଥାର ଟ୍ରାକିଂ ପାଇଁ ଆସିବ ମୋବାଇଲ୍ ଆପ୍**

মহାନଦୀ ଜଳ ବିବାଦ

## ଟ୍ରିବ୍ୟୁନାଲ ପକ୍ଷରୁ କେଲୋ ଡ୍ୟାମ୍ ଓ କଲମା ବ୍ୟାରେଜ୍ ପରିଦର୍ଶନ



ଝାରସୁଗୁଡ଼ା, ୧୦।୩(ସମିସ): ମହାନଦୀ ଜଳ ବିବାଦ ଉପରେ ଚୂଡାନ୍ତ ନିଷ୍ପତ୍ତି ପୂର୍ବରୁ ଟ୍ରିବ୍ୟୁନାଲର ଅଧ୍ୟକ୍ଷା ଓ ସଦସ୍ୟମାନେ ଛତିଶଗଡ଼ର ରାୟଗଡ଼ ଜିଲ୍ଲାରେ ପହଞ୍ଚି ବିଭିନ୍ନ ଜଳ ପ୍ରକଳ୍ପର ସ୍ଥଳ ପରିଦର୍ଶନ ଆରମ୍ଭ କରିଛନ୍ତି। ମଙ୍ଗଳବାର ସେମାନେ କେଲୋ ଡ୍ୟାମ୍ ଓ କଲମା ବ୍ୟାରେଜ୍‌ର ଅବସ୍ଥା ଅନୁଧ୍ୟାନ କରିଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷା ପୂର୍ବତନ ସୁପ୍ରିମକୋର୍ଟ ନ୍ୟାୟାଧୀଶ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ, ସଦସ୍ୟ ଜଷ୍ଟିସ୍ ଡ.ରବିରଞ୍ଜନ ଓ ଜଷ୍ଟିସ୍ ଇନ୍ଦରମିତ କୌର କୋଚର ସହ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଅଧିକାରୀମାନେ ମଧ୍ୟ ଏହି ଗସ୍ତ ସମୟରେ ସାମିଲ ଅଛନ୍ତି। ମଙ୍ଗଳବାର ଏହି ଟିମ ଜିନ୍ଦଲ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ରାୟଗଡ଼ ଓ ଶକ୍ତି ଜିଲ୍ଲାର ବିଭିନ୍ନ ଡ୍ୟାମ୍ ଓ ବ୍ୟାରେଜ୍‌ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଛତିଶଗଡ଼ରେ ମହାନଦୀ ଓ ଏହାର ଶାଖା ନଦୀଗୁଡିକରେ ନିର୍ମିତ ବ୍ୟାରେଜ୍ ଓ ଡ୍ୟାମ୍ ନିର୍ମାଣ ମହାନଦୀ ଜଳ ବିବାଦର ମୂଳ କାରଣ। ଓଡ଼ିଶା ସରକାରଙ୍କ ଅଭିଯୋଗ ଅନୁସାରେ, ଏହି ପ୍ରକଳ୍ପ ଗୁଡିକ ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ଆସୁଥିବା ପାଣିର ପ୍ରବାହ କମିଯାଉଛି। ବିଶେଷକରି ଅଣ-ମୌସୁମୀ ସମୟରେ ଜଳ ପ୍ରବାହ ଅତ୍ୟନ୍ତ କମ୍ ହେଉଥିବାରୁ ଓଡ଼ିଶାର କୃଷି, ପାନୀୟଜଳ ଓ ଶିଳ୍ପକ୍ଷେତ୍ରରେ ପ୍ରଭାବ ପଡୁଛି। ଅନ୍ୟପଟେ ଛତିଶଗଡ଼ ସରକାର କହିଛନ୍ତି ଯେ, ଏହି ବ୍ୟାରେଜ୍ ଗୁଡିକ ମାଧ୍ୟମରେ ଶିଳ୍ପ କାରଖାନା ଓ ଜଳ ଜୀବନ ମିଶନ ଭଳି ପ୍ରକଳ୍ପକୁ ପାଣି ଯୋଗାଣ କରାଯାଉଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟର ନିର୍ଦ୍ଦେଶ କ୍ରମେ କେନ୍ଦ୍ର ସରକାର ଏହି ଟ୍ରିବ୍ୟୁନାଲ୍ ଗଠନ କରିଥିଲେ। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ରହିଛି। ଏହାର ପୂର୍ବରୁ ଚୂଡାନ୍ତରାୟ ଦେବାକୁ ଥିବାରୁ ଏହି ସ୍ଥଳ ପରିଦର୍ଶନକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଉଛି। ତେବେ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି ସରକାର ରହିଥିବା ସତ୍ତ୍ୱେ ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ନହେବାକୁ ନେଇ ଜନସାଧାରଣଙ୍କ ମନରେ ଉଙ୍କି ମାରୁଛି। ଦୁଇ ରାଜ୍ୟ ଓ କେନ୍ଦ୍ରରେ ଥିବା ଟ୍ରିପଲ ଇଞ୍ଜିନ ବିଜେପି ସରକାର ଏହି ବିବାଦର ସମାଧାନ ଦିଗରେ ବିଫଳ ହୋଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଆଗକୁ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ଅପେକ୍ଷା ରହିଛି।

## ବନ୍ଧୁକ କାରବାରରେ ୫ ଗିରଫ, ୫ ବନ୍ଧୁକ ସହ ୪ ଗୁଳି ଜବତ



ଝାରସୁଗୁଡ଼ା, ୧୦।୩(ସମିସ): ପୁଲିସର ଅପରେସନ ନେତ୍ର ଅଧୀନରେ ବ୍ରଜରାଜନଗର ପୁଲିସ ଆପରାଧିକ କାର୍ଯ୍ୟ ଓ ବେଆଇନ ବନ୍ଧୁକ କାରବାରରେ ଜଡିତ ୫ ଜଣିଆ ଗ୍ୟାଙ୍ଗକୁ ଗିରଫ କରିଛି। ଅଭିଯୁକ୍ତ ମାନଙ୍କ ନିକଟରୁ ୫ଟି ଦେଶୀ ପିସ୍ତଲ ସହ ୪ଟି ଜୀବନ୍ତ ଗୁଳି ଏବଂ ଗୋଟିଏ ବାଇକ୍‌କୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବ୍ରଜରାଜନଗର ପୁଲିସ ଷ୍ଟେସନ ଅଧୀନ ରାମପୁର କୋଇଲାରି ଗଞ୍ଜମିଆ ପଡ଼ାର ସନ୍ତୋଷ ବିଶ୍ୱାଳ, ଚୁନାଭଟାର ସନ୍ଦୀପ ଦାସ, ରାମପୁର କୋଇଲାରୀ ୱାର୍ଡ ନମ୍ବର ୬ର କହ୍ନେୟା ସାହିସ, ମେନ୍ ମାର୍କେଟର ଦେବେନ୍ଦ୍ର ପାଲ ସିଂହ, ଗଙ୍ଗାନଗର ମୁସିଲିମା ପଡ଼ାର ଏମଡି ମୁନ୍ନା। ଗତକାଲି ରାତିରେ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ଏକ ଟିମ୍ ଗଠନ କରାଯାଇଥିଲା। ଆର୍ମସ ଆକ୍ଟ ସମେତ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା। ତେବେ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରୀ ରହିଥିବା ନେଇ ବ୍ରଜରାଜନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ



**● ବେଦାନ୍ତର କୋଇଲା ଖଣି ପ୍ରକଳ୍ପକୁ ଅନୁମୋଦନ**
**● ଦସ୍ତାବିଜ ଅଭାବରୁ ଓପିଟିସିଏଲ୍ ପ୍ରସ୍ତାବ ସ୍ଥଗିତ**

ଝାରସୁଗୁଡ଼ା, ୧୦।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲ୍ଲା କାର୍ଯ୍ୟାଳୟର କନଫରେନ୍ସ ହଲ୍‌ଠାରେ ଜଙ୍ଗଲ ଅଧିକାର ଆଇନ-୨୦୦୬ (ଏଫ୍‌ଆର୍‌ଏ) ସମ୍ପର୍କୀତ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ଏବଂ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବୈଠକର ନିଷ୍ପତ୍ତି ଅନୁଯାୟୀ, ବେଦାନ୍ତ କମ୍ପାନୀର କୁଦାଲୋଇ (ଏ) ନର୍ଥ କୋଇଲା ଖଣି ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ବ୍ୟବହାର ପ୍ରସ୍ତାବକୁ କମିଟି ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ, ଓପିଟିସିଏଲ୍ ପକ୍ଷରୁ ଟ୍ରାନ୍ସମିସନ ଲାଇନ ପାଇଁ ଦିଆଯାଇଥିବା ପ୍ରସ୍ତାବରେ ଆବଶ୍ୟକୀୟ କାଗଜପତ୍ରର ଅଭାବ ଥିବାରୁ ଏହାକୁ ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି କିର୍ମିରା ଓ ଲଖନପୁର ବ୍ଲକର ୬୪ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି କ୍ଷେତ୍ରରେ ପୂର୍ବରୁ କିଛି ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଯେଉଁଥିପାଇଁ ଜମି ସତ୍ତ୍ୱ ଲିପି (ଆର୍‌ଓଆର୍) ସଂଶୋଧନରେ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ଯେଉଁ ହିତାଧିକାରୀମାନେ ପ୍ରକୃତରେ ଜଙ୍ଗଲ ଜମି ଦଖଲରେ ନାହାନ୍ତି, ସେମାନଙ୍କ ଦାବିକୁ ନାକଚ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସମସ୍ତ ଦାବିର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

● ଭେଡେନ ନଦୀରୁ ବେଆଇନ ପାଣି ଉଠାଣ

## ଏସ୍‌ଏମ୍‌ସି କମ୍ପାନୀ ବିରୋଧରେ ହିର୍ମା ସରପଞ୍ଚ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଝାରସୁଗୁଡ଼ା, ୧୦।୩(ସମିସ): ଝାରସୁଗୁଡ଼ା ସଦର ବ୍ଲକ ସ୍ଥିତ ହିର୍ମା ଠାରେ ଥିବା ଏସଏମସି ୟୁନିଟ -୧ (ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ) ବିରୋଧରେ ଭେଡେନ ନଦୀରୁ ବେଆଇନ ଭାବେ ପାଣି ନେଇ କମ୍ପାନୀ କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ହୋଇଛି। ଏନେଇ ହିର୍ମା ସରପଞ୍ଚ ଲକ୍ଷ୍ମୀବାଦୀ ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରପଞ୍ଚ ଲକ୍ଷ୍ମୀବାଦୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଭେଡେନ ନଦୀ ଉପରେ ପାନୀୟ ଜଳ, ଜଳସେଚନ ଏବଂ ମାଛ ଧରିବା ପାଇଁ ୫୦ରୁ ଅଧିକ ଗାଁ ନିର୍ଭର କରୁଛନ୍ତି। ଏପରିସ୍ଥଳେ ଗ୍ରୀଷ୍ମ ଋତୁରେ ଭେଡେନ ନଦୀରୁ ଏସଏମସି ୟୁନିଟ-୧(ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ) ବେଆଇନ ଭାବେ ପାଇପ ଲଗାଇ ପାଣି ନେଉଛି। ଫଳରେ ଗ୍ରାମବାସୀଙ୍କ ଜୀବନଧାରଣ ନିମନ୍ତେ ସମସ୍ୟା ସୃଷ୍ଟି ହେଲାଣି। କମ୍ପାନୀକୁ ଏପ୍ରିଲରୁ ଜୁନ୍ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁ ନଦୀ ଜଳକୁ ବାଣିଜ୍ୟିକ ବ୍ୟବହାର ପାଇଁ ସରକାରଙ୍କଠାରୁ କୌଣସି ଅନୁମତି ମିଳିନାହିଁ। ଖରା ଦିନରେ ଭେଡେନ ନଦୀର ଜଳସ୍ତର ଖୁବ୍ ହ୍ରାସ ପାଏ। ଏହାସତ୍ତ୍ୱେ ଉପରୋକ୍ତ କମ୍ପାନୀ ଗତ ତିନି ବର୍ଷ ଧରି ନଦୀ ଜଳ ବେଆଇନ ଭାବେ ଉଠାଣ କରି ମନଇଚ୍ଛା କାରଖାନାରେ ବ୍ୟବହାର କରି ଆସୁଛି। କମ୍ପାନୀ ଦ୍ୱାରା ଭେଡେନ ନଦୀର ଜଳସମ୍ପଦ ଚୋରି ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ହିର୍ମା ଅଞ୍ଚଳର ଜନସାଧାରଣ ୨୦୨୪ ଅକ୍ଟୋବରରେ ଜିଲ୍ଲାପାଳ, ଏସ୍‌ପି, ଝାରସୁଗୁଡ଼ା ସବକଲେକ୍ଟରଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। କମ୍ପାନୀ ଦ୍ୱାରା ବେଆଇନ ଜଳ ବ୍ୟବହାର ଦ୍ୱାରା ଓଡ଼ିଶା ସରକାର ବିପୁଳ ପରିମାଣର ଟିକସ ଏବଂ ରାଜସ୍ୱ ହରାଇବା ସହିତ ସାଧାରଣ ଜନତା, ଜୀବଜନ୍ତୁ ଏବଂ ଅଞ୍ଚଳବାସୀଙ୍କ ବହୁତ କ୍ଷତି ସହୁଛନ୍ତି। ସରପଞ୍ଚ ଲକ୍ଷ୍ମୀବାଦୀ ଘଟଣାର ତଦନ୍ତ କରି କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଭେଡେନ ନଦୀ କୂଳରେ କମ୍ପାନୀ ଦ୍ୱାରା ତିଆରି ହୋଇଥିବା ପମ୍ପ ହାଉସ ଗୁଡିକୁ ଜବତ କରିବା ପାଇଁ ନିବେଦନ କରିଛନ୍ତି। ଏନେଇ ଏସଏମସି ୟୁନିଟ-୧ (ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ)ର ଅଧିକାରୀ ଏଲଏନ ମିଶ୍ରଙ୍କୁ ପଚାରାଯାଇଥିଲା। ଆମ ପାଖରେ କୌଣସି ଅଭିଯୋଗ ନାହିଁ, ଆମେ ବେଆଇନ ଭାବେ ଭେଡେନ ନଦୀର ଜଳ ବ୍ୟବହାର କରୁନାହୁଁ ବୋଲି ସେ କହିଛନ୍ତି। ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ସହିତ ଯୋଗାଯୋଗ ହୋଇ ପାରି ନାହିଁ।

## ଆପତ୍ତିଜନକ ଭିଡିଓ ପଠାଇ ବ୍ଲାକ୍‌ମେଲ ଓ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

କୁଣ୍ଢେଇଗୋଳା, ୧୦।୩(ସମିସ): ଜଣେ କଲେଜ ଛାତ୍ରୀଙ୍କ ଦୁର୍ବଳ ମୂହୁର୍ତ୍ତର ଆପତ୍ତିଜନକ ଫଟୋ ଓ ଭିଡିଓ ପଠାଇ ପରିବାର ଲୋକଙ୍କୁ ବ୍ଲାକ୍‌ମେଲ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ହତ୍ୟା ଧମକ ଦେବା ଅଭିଯୋଗରେ କୁଣ୍ଢେଇଗୋଳା ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ତିଲେଇବଣି ବ୍ଲକ ତଥା ରିଆମାଳ ଥାନାଞ୍ଚଳ ଦେବଝରଣ ଗାଁର ବିରେନ ସାହୁ(୨୪) ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଯୁବତୀ ଜଣକ ଦେବଗଡ଼ ସହରର ଏକ କଲେଜ ଛାତ୍ରୀ। କୁଣ୍ଢେଇଗୋଳା ଥାନାଞ୍ଚଳର ଏହି ଯୁବତୀଙ୍କର ବିବାହ ସ୍ଥିର ହେବାସହ ନିର୍ବନ୍ଧ ଶେଷ ହୋଇଯାଇଛି। ମାତ୍ର ବାହାଘର ପୂର୍ବରୁ ଅଭିଯୁକ୍ତ ବିରେନ ଗତ ୮ ତାରିଖ ଉକ୍ତ ଯୁବତୀଙ୍କ ଭାଇଙ୍କୁ ଫୋନ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଯୁବତୀଙ୍କ ସହ ତାର ପୂର୍ବରୁ ସମ୍ପର୍କ ଥିବା କହିବା ସହ ଅନ୍ୟତ୍ର ବିବାହ କଲେ ତାଙ୍କ ସମ୍ପୂର୍ଣ୍ଣ ପରିବାରକୁ ଟାଙ୍ଗିଆରେ ହାଣି ହତ୍ୟା କରିବାକୁ ଧମକ ଦେଇଥିଲା। ପରେ ମଧ୍ୟ ବିରେନ ବାରମ୍ବାର ଫୋନ କରି ଯୁବତୀଙ୍କ ପରିବାର ଲୋକଙ୍କୁ ନାନା ଧମକ ଚମକ ଦେଉଥିଲା। ଏପରିକି ବିରେନ ଉକ୍ତ ଯୁବତୀଙ୍କ ଦୁର୍ବଳ ମୂହୁର୍ତ୍ତର ଆପତ୍ତିଜନକ ଫଟୋ ପଠାଇ ପରିବାର ଲୋକଙ୍କୁ ବ୍ଲାକମେଲ କରୁଥିଲା। ଏନେଇ ଯୁବତୀଙ୍କ ଭାଇ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ ବିରେନ ବିରୁଦ୍ଧରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ଗତକାଲି ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଥିଲା। ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' କାର୍ଯ୍ୟକ୍ରମ

## ୧୦ ମାସ ପରେ ପରିବାରକୁ ଫେରିଲେ ନିଖୋଜ କୌଶଲ୍ୟା

ଝାରସୁଗୁଡ଼ା, ୧୦।୩(ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ ମାନବିକତା ଏବଂ ସେବାର ସର୍ବୋତ୍ତମ ନିଦର୍ଶନ ସାଜିଛି। ଦୀର୍ଘ ୧୦ ମାସର ପ୍ରତୀକ୍ଷା ଓ ପ୍ରଶାସନିକ ଉଦ୍ୟମ ପରେ ମଙ୍ଗଳବାର ଛତିଶଗଡ଼ ବଳରାମପୁର ଅଞ୍ଚଳର ୫୦ ବର୍ଷୀୟା କୌଶଲ୍ୟା ବାଇଙ୍କ ନିଜ ପରିବାର ସହ ପୁନଃମିଳନ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ତତ୍ତ୍ୱାବଧାନରେ ଆଜି ତାଙ୍କୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବଡମାଲ ପୁଲିସ ଦ୍ୱାରା ଉଦ୍ଧାର କରାଯାଇ କୌଶଲ୍ୟାଙ୍କୁ 'ମିଶନ ଆଶ୍ରା' ଅନୁଷ୍ଠାନକୁ ପଠାଯାଇଥିଲା। ସେତେବେଳେ ସେ ମାନସିକ ସ୍ତରରେ ଅତ୍ୟନ୍ତ ଅସୁସ୍ଥ ଓ ବିଚଳିତ ଥିଲେ। ମାତ୍ର ଆଶ୍ରା ପରିସରରେ ନିରନ୍ତର ଚିକିତ୍ସା, କାଉନସେଲିଂ, ଯୋଗ ଏବଂ ସାମାଜିକ ଦକ୍ଷତା ପ୍ରଶିକ୍ଷଣ ତାଙ୍କ ଜୀବନରେ ବଡ ପରିବର୍ତ୍ତନ ଆଣିଥିଲା। ଧୀରେ ଧୀରେ ସେ ଆତ୍ମନିର୍ଭରଶୀଳ ହେବା ସହ ବଗିଚା କାମ ଓ ରୋଷେଇ ଭଳି ଦୈନନ୍ଦିନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ସେ ନିଜ ଗାଁ ଓ ପରିବାର ସମ୍ପର୍କରେ ସୂଚନା ଦେଇଥିଲେ। କୌଶଲ୍ୟାଙ୍କ ଠାରୁ ତଥ୍ୟ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଛତିଶଗଡ଼ ସ୍ଥିତ ତାଙ୍କ ଗାଁର ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିଲା। ପତ୍ନୀ ଜୀବିତ ଏବଂ ସୁସ୍ଥ ଥିବା ଖବର ପାଇ ସ୍ୱାମୀ ସୋହର ଆଜି ଟ୍ରେନ୍ ଯୋଗେ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଳନ ପର୍ବରେ କୌଶଲ୍ୟାଙ୍କୁ ସମ୍ବର୍ଦ୍ଧିତ କରି ବିଦାୟ ଦିଆଯାଇଥିଲା।




## ପ୍ଲାଷ୍ଟିକ, ପଲିଥିନ ଓ ଥର୍ମକୁଲ୍ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ

ଦେବଗଡ଼, ୧୦।୩(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ଲାଷ୍ଟିକ, ପଲିଥିନ ଓ ଥର୍ମକୁଲ୍ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌରାଞ୍ଚଳ, ବ୍ଲକ ଓ ଗ୍ରାମାଞ୍ଚଳ ସାପ୍ତାହିକ ହାଟ ବଜାରରେ ପ୍ଲାଷ୍ଟିକ, ପଲିଥିନ ଓ ଥର୍ମକୁଲ୍ ବ୍ୟବହାର ନ କରିବା ପାଇଁ ଲୋକମାନଙ୍କୁ ସଚେତନ କରିବା ସହ ବିଭିନ୍ନ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରିତିକାନ୍ତ ଶୁକ୍ଲା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ ଭୋଇ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ପାଇଁ ଅମୃତ ଭାରତ ଟ୍ରେନ ସ୍ୱାଗତଯୋଗ୍ୟ ପଦକ୍ଷେପ

ଝାରସୁଗୁଡ଼ା, ୧୦।୩(ସମିସ): ଓଡ଼ିଶାରୁ ତାମିଲନାଡୁ, ଝାଡଖଣ୍ଡ ମଧ୍ୟରେ ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ କୋଏମ୍ବାଟୁର୍ ଠାରୁ ଧନବାଦ ପର୍ଯ୍ୟନ୍ତ ନୂତନ ଅମୃତ ଭାରତ ଟ୍ରେନ୍ ମଞ୍ଜୁର ହୋଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର ପ୍ରେସ ବିବୃତିରେ ଦେଇଛନ୍ତି। ଅମୃତ ଭାରତ ଟ୍ରେନ୍‌ଟି ସମ୍ବଲପୁର ଓ ଝାରସୁଗୁଡ଼ା ସହିତ ରାୟଗଡ଼ା, ମୁନିଗୁଡା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗିର, ବରଗଡ଼ରୋଡ୍ ଓ ରାଉରକେଲା ପରି ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମଧ୍ୟମରେ ଯାତାୟତ କରିବ। ଏହାଦ୍ୱାରା ୩ଟି ରାଜ୍ୟ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ବ୍ୟବସାୟ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବ। ବିଶେଷ କରି ଝାରସୁଗୁଡ଼ା ଜିଲ୍ଲା ପାଇଁ ଏହା ଅଧିକ ଆଶା ସଞ୍ଚାର ସୃଷ୍ଟି କରିଛି।

# 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ





● ଝାରସୁଗୁଡ଼ାରୁ ୬୬ ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା

ଝାରସୁଗୁଡ଼ା, ୧୦।୩(ସମିସ): ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନା ଅଧୀନ ଝାରସୁଗୁଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଧାର୍ମିକ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୬୬ ଜଣ ବରିଷ୍ଠ ନାଗରିକଙ୍କୁ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ସୁଧାଂଶୁ ବୋରା, ସାଂସଦଙ୍କ ପ୍ରତିନିଧି ସୁବ୍ରତ ତ୍ରିପାଠୀ ଏବଂ ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଲ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଲଳିତ ସୋରେଙ୍ଗ ଏବଂ ସଞ୍ଜୀବ ପଟେଲଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯାତ୍ରୀମାନଙ୍କ ସୁବିଧା ଅସୁବିଧା ବିଷୟରେ ତଦାରଖ କରିଥିଲେ। ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନା ମାଧ୍ୟମରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ନିଃଶୁଳ୍କରେ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ବ୍ୟବସ୍ଥା କରାଯାଇଛି। ଏଥିରେ ଯାତ୍ରୀମାନଙ୍କ ପାଇଁ ଯାତାୟାତ, ରହିବା ଏବଂ ଖାଦ୍ୟପେୟର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକମାନେ ନିଜ ଜୀବନକାଳ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ କରି ଆଧ୍ୟାତ୍ମିକ ଶାନ୍ତି ଲାଭ କରିପାରୁଛନ୍ତି।

● ଦେବଗଡ଼ରୁ ଶ୍ରୀମନ୍ଦିର ଅଭିମୁଖେ ୩୬ ବରିଷ୍ଠ ନାଗରିକ

ଦେବଗଡ଼: ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିରୋଇ ସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ ଠାରେ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ବରେଣ୍ୟ ଅତିଥିଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ୍ ଭୋଜ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ପତାକା ଦେଖାଇ ଜଗନ୍ନାଥ ଦର୍ଶନ ପାଇଁ ଯାତ୍ରୀଙ୍କୁ ନେଇଯାଉଥିବା ରାଜ୍ୟ ପରିବହନ ନିଗମର ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ବସର ୩୬ ଯାତ୍ରୀଙ୍କ ଯାତ୍ରା ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ତିନି ବ୍ଲକ ଓ ପୌରପରିଷଦରୁ ୨୦ ଜଣ ମହିଳା ଓ ୧୬ଜଣ ବରିଷ୍ଠ ନାଗରିକ ପୁରୀ ଧାମ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି। ଏହା ପୂର୍ବରୁ ଜିଲ୍ଲାପାଳ ଶ୍ରୀ ସାହୁ ଯାତ୍ରୀମାନଙ୍କୁ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ଜଗନ୍ନାଥ ଧାମ ଦର୍ଶନ ପାଇଁ ବାହାରିଥିବା ଯାତ୍ରୀଙ୍କ ମଙ୍ଗଳମୟ ଯାତ୍ରା କାମନା କରିଥିଲେ। ପ୍ରତ୍ୟେକ ଯାତ୍ରୀଙ୍କୁ ସୁବିଧା ପାଇଁ ଏକ କିଟ୍ ବ୍ୟାଗ ସହ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ନେବା ପାଇଁ ସେମାନଙ୍କ ଦାୟିତ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ଏସ୍କର୍ଟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ମେଡିକାଲ କର୍ମଚାରୀ ଓ ରାଜ୍ୟ ପରିବହନ ନିଗମର ଜଣେ ଅଧିକାରୀଙ୍କୁ ଏହି ଯାତ୍ରାରେ ନିୟୋଜିତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମିୟସେଠୀ, ରାଜ୍ୟ ପରିବହନ ନିଗମର ଜିଲ୍ଲା ପରିଚାଳକ ଚିରଞ୍ଜିବି ବିଶ୍ୱାଳ, ସହକାରୀ ପରିଚାଳକ ଦିଲୀପ ଚୌଧୁରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରେଣୀ ଗୃହ ଅଭାବ**

# ଚାନ୍ଦୁଆ ତଳେ ପରୀକ୍ଷା ଦେଉଛନ୍ତି ଛାତ୍ରଛାତ୍ରୀ



ମୁରିବାହାଲ,୧୦ ।୩ (ସମିସ): ବଲାଙ୍ଗିର ଜିଲା ମୁରିବାହାଲ ବ୍ଲକ ପତ୍ରାପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରେଣୀ ଗୃହ ଅଭାବରୁ ବିଦ୍ୟାଳୟ ବାରଣ୍ଡାରେ ଚାନ୍ଦୁଆ ଟାଣି ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରାଯାଉଛି। ଛାତ୍ରଛାତ୍ରୀ ବାହାରେ ବସି ପରୀକ୍ଷା ଦେଉଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୭ ଜଣ ଶିକ୍ଷକ ନିୟୋଜିତ ହୋଇଥିବା ବେଳେ ମାତ୍ର ୨ଟି ଶ୍ରେଣୀ ଗୃହ ରହିଛି। ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି; କିନ୍ତୁ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଗାଁର ଅନ୍ୟ ସ୍ଥାନରେ ବିଦ୍ୟାଳୟ ପାଇଁ ୩ଟି କୋଠରୀ ତିଆରି ହୋଇଛି; ହେଲେ ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ହସ୍ତାନ୍ତର କରାଯାଇନି। ଏଣୁ ୨ଟି ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଯାଉଛି। ପରୀକ୍ଷା ଯୋଗୁଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାରଣ୍ଡାରେ ଚାନ୍ଦୁଆ ଟାଣି ପରୀକ୍ଷା କରାଯାଉଛି।

**ମନରେଗାରେ ମନମାନି**

# ମେସିନରେ କାମ କରି ଟଙ୍କା ହଡ଼ପ

ବଲାଙ୍ଗିର,୧୦ ।୩ (ସମିସ)

ବଲାଙ୍ଗିର ଜିଲ୍ଲାରେ ମନରେଗା ଯୋଜନାରେ ଦୁର୍ନୀତି କରାଯାଇଥିବା ନେଇ ଅଭିଯୋଗ ହୋଇଆସୁଛି। ଜାଲ୍ ମଷ୍ଟର ରୋଲ୍‌ରେ କୋଟି କୋଟି ଟଙ୍କାର ଶ୍ରମିକଙ୍କ ମଜୁରୀକୁ ହଡ଼ପ କରାଯାଇଥିବା ଅଭିଯୋଗ ନେଇ ମଧ୍ୟ ସଙ୍ଗୀନ ଅଭିଯୋଗ ହୋଇଛି। ପୂର୍ବରୁ ବଙ୍ଗୋମୁଣ୍ଡା, ଖପ୍ରାଖୋଲ, ଲୋଇସିଂହା, ଦେଓଗାଁ, ତୁରେକେଲା ଭଳି ବ୍ଲକରେ ଏଭଳି ଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଛି। ଏ ସବୁର ତଦନ୍ତ ଚାଲିଥିବାବେଳେ ଏବେ ଆଗଲପୁର ବ୍ଲକରୁ ଏଭଳି ଅଭିଯୋଗ ସାମ୍ନାକୁ ଆସୁଛି। ଏନେଇ ଏକାଧିକ ଘଟଣା ସାମ୍ନାକୁ ଆସିବା ପରେ କିଛି ଦିନ ପୂର୍ବରୁ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ଅଭିଯୋଗ କରି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ଜିଲ୍ଲା ପରିଷଦ ଅଧକ୍ଷା ନିଜେ ଅଭିଯୋଗ ଆଣିବା ପରେ ଅନିୟମିତତା ଆଲୋଚନାକୁ ଖୋରାକ ଯୋଗାଇଛି।

ବଲାଙ୍ଗିର ଜିଲ୍ଲାର ଅନ୍ୟ ବ୍ଲକ୍ ଭଳି ଆଗଲପୁର ବ୍ଲକରେ ମନରେଗା ଯୋଜନାରେ ଦୁର୍ନୀତି ଚାଲିଥିବା ଓ ପ୍ରକଳ୍ପର ବିଭିନ୍ନ ମଷ୍ଟର ରୋଲରେ ସମାନ ଶ୍ରମିକଙ୍କ ଫଟୋ ଅପଲୋଡ କରି ଶ୍ରମିକଙ୍କ ମଜୁରୀକୁ ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ କିଛି ଦିନ ପୂର୍ବରୁ ଜିଲ୍ଲାପରିଷଦ ଅଧକ୍ଷା ଅଭିଯୋଗ କରିବା ପରେ ଯୋଜନାରେ କରାଯାଇଥିବା ଅନିୟମିତତା ଲୋକଲୋଚନକୁ ଆସିବା ସହ ଲୋକେ କାର୍ଯ୍ୟାନୁଷ୍ଠାନ ଆଶାରେ ରହିଛନ୍ତି। ଅଭିଯୋଗ କ୍ରମେ ୨୦୨୫ ମସିହାରୁ ଆଗଲପୁର ବ୍ଲକରେ ଥିବା ବିଡିଓ କୁଳଦୀପ ମହାପାତ୍ର ଦୁର୍ନୀତିରେ ଲିପ୍ତ ଥିବା ଓ ମନରେଗା ଯୋଜନାର ଅର୍ଥ ହେରଫେର କରୁଥିବା ଜିଲ୍ଲା ପରିଷଦ ଅଧକ୍ଷା ଅଭିଯୋଗ କରିଆସୁଛନ୍ତି। ୨୦୨୫ ମସିହାରେ

- ଆଗଲପୁର ବ୍ଲକ୍‌ରେ ଅନିୟମିତତା
- ଜିଲ୍ଲା ପରିଷଦ ଅଧକ୍ଷାଙ୍କ ଅଭିଯୋଗ
- ପ୍ରଶାସନର ନିଦ ଭାଙ୍ଗୁନି

ଜିଲ୍ଲା ପରିଷଦ ସିଇଓ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା-୨୪୫୫ ତା. ୧୯.୬.୨୦୨୫ରେ ଆଗଲପୁର ବ୍ଲକରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଚିଠି କରାଯାଇଥିଲା; କିନ୍ତୁ ଏହାର ନା ତଦନ୍ତ ହୋଇ ନ ଥିବା ବେଳେ ଚାପି ଦିଆଯାଇଥିଲା। ଏବେ ପୁଣି ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ କେତେକ ନିର୍ଦ୍ଦିଷ୍ଟ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କ ପାଖରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କୁ କରିଥିବା ଅଭିଯୋଗ କ୍ରମେ ଏନଏମଏମଏସ ଆପ୍‌ରେ ଦିଆଯାଇଥିବା ଫଟୋ ଜାଲ୍ ବୋଲି ଦର୍ଶାଯାଇଛି। ମନରେଗା ଯୋଜନାରେ ଶ୍ରମିକ ବଦଳରେ ଜେସିବି ମେସିନ ଲଗାଇ କାମ କରାଯାଇ ମିଛ ମଷ୍ଟର ରୋଲ ଏଣ୍ଟ୍ରି କରାଯାଇଛି। ଏଥିରେ ସାଲେଭଟା ପଞ୍ଚାୟତରେ ୱାର୍କକୋଡ-୨୪୦୯ ୦୧୨. ଡବ୍ଲ୍ୟୁଏଚ୧୦୯୫୨୩୩୧୨ ଓ ଝାରବନ୍ଧଲି ଗାଁର ୱାର୍କକୋଡ ୨୪୦୯୦୧୨/ଡବ୍ଲ୍ୟୁଏଚ-୧୦୯୫୨୩୫୫ରେ ଜିଓ ଟ୍ୟାଗରେ ମିଛ ଶ୍ରମିକଙ୍କ ଫଟୋ ଅପଲୋଡ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେହିପରି କୁଡାଡେରାର ଟ୍ରେଞ୍ଚକାମ, ତୁଡୁକାରୁ ଜଡାମୁଣ୍ଡା ରାସ୍ତାକାମ, ମନୁପାଲି, ରେତାଲି ଡୁଙ୍ଗୁରୀର ଟ୍ରେଞ୍ଚକାମ, ରୁଗୁଡିମୁଣ୍ଡାର ଉନ୍ନତୀକରଣ ପ୍ରକଳ୍ପ କାମରେ ମଷ୍ଟର ରୋଲରେ ହେରଫେରି କରାଯାଇଥିବା ଦର୍ଶାଯାଇଛି। ଏହି ପ୍ରକଳ୍ପଗୁଡ଼ିକରେ ଜେସିବି ଲଗାଇ କାମ କରାଯାଇଥିବାବେଳେ ଗୋଟିଏ ଫଟୋକୁ ଅନେକଥର ଅପଲୋଡ କରାଯାଇଥିବା ତଥା ମୋବାଇଲ ଫୋଟୋକୁ ସ୍କ୍ରିନସଟ କରାଯାଇ ତାହାକୁ ଅନେକଥର ଅପଲୋଡ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ନଅଗାଁ (କ) ପଞ୍ଚାୟତର ତେଲେନପାଲିରେ ଥିବା ଜଡାକଟା ପ୍ରକଳ୍ପ କ୍ଷୁଦ୍ରଜଳସେଚନ ବିଭାଗ ଅଧୀନରେ ଥିଲେ ହେଁ ସେହି ବିଭାଗର ଅନୁମତି ନ ନେଇ ୱାର୍କକୋଡ-୨୪୦୯ ୦୧୨୦୧୧/ ଡବ୍ଲ୍ୟୁଏଚ-୧୦୫୧୩୫୧୪ରେ ମଷ୍ଟର ରୋଲରେ ହେରଫେର କରାଯାଇ ଅର୍ଥ ଅନିୟମିତତା କରାଯାଇଥିବା ବିଷୟରେ ମଧ୍ୟ ସେ ଅଭିଯୋଗ କରିଥିବା ଜଣାପଡିଛି। ତେବେ ସବୁ ଅଭିଯୋଗକୁ ଅନେକ ଦିନ ବିତିଯାଇଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସୂଚନା ମିଳିଛି। କିଛି ମାସ ପୂର୍ବରୁ ଏହି ବ୍ଲକରେ ବିଭିନ୍ନ କାମ ମେସିନରେ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏଥିପାଇଁ କୁଆଡେ ସଂପୃକ୍ତ ଅଧିକାରୀ ଜଣକ ମୌଖିକ ଭାବେ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କର୍ମଚାରୀ ମହଲରେ ଆଲୋଚନା ହୋଇଥିଲା। ସେହିପରି ଦୁଇ ମାସ ପୂର୍ବରୁ ଆବାସ ଘର ତିଆରି କରି ନ ଥିବା ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ରଖିବା ଭଳି ମୌଖିକ ନିର୍ଦ୍ଦେଶ ଦେବା ଅଭିଯୋଗ ହେବା ପରେ ଖୋଜି ଖୋଜି ଘର ଘର ଯାଇ ଯୋଜନା ସହାୟତା ପ୍ରଦାନ କରିବା ଭଳି ଘଟଣା ସାମ୍ନାକୁ ଆସିଥିଲା।

## ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ — ରାସ୍ତା ମଝିରେ ହଟହଟା ହେଲେ ଅଧିକାରୀ

କଣ୍ଟାବାଞ୍ଜି,୧୦ ।୩(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକାରେ ମଙ୍ଗଳବାର ଏକ ଅପ୍ରୀତିକର ଘଟଣା ଘଟିଛି। ତୁରେକେଲା ବ୍ଲକ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ରାସ୍ତା ମଝିରେ ହଟହଟା ହେବାକୁ ପଡ଼ିଛି।

ଚଟୁଅନକା ଗାଁରୁ କଣ୍ଟାବାଞ୍ଜି ହାଇସ୍କୁଲ ରାସ୍ତା ଦୀର୍ଘ ବର୍ଷ ହେଲା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ତୁରେକେଲା ପଞ୍ଚାୟତ ସମିତି ବୈଠକରେ ବାରମ୍ବାର ବିଜେଡ଼ି ନେତା ଗିରିରାଜ ସିଂ ମାଝୀ ଉପସ୍ଥାପନା କରୁଛନ୍ତି; ହେଲେ ରାଜନୈତିକ ଆକ୍ରୋଶ ରଖି ନିର୍ବାଚିତ ଜନ ପ୍ରତିନିଧିମାନେ କାମ କରାଇ ଦେଉ ନାହାନ୍ତି। ଏହି ରାସ୍ତାରେ ଏକ ବହୁ ପୁରାତନ ପୋଲ ରହିଛି। ଏହି ପୋଲ ମରାମତି ପାଇଁ ତୁରେକେଲା ବ୍ଲକ୍ ପ୍ରଶାସନ ପକ୍ଷରୁ ୪ ଲକ୍ଷ ଟଙ୍କାରେ ନୂତନ ଭାବେ ପୋଲ ନିର୍ମାଣ କରିବାକୁ ଅନୁଦାନ ମଞ୍ଜୁର କରାଯାଇଛି। କାମ ପାଇଥିବା ଠିକାଦାର ସୂଚନା ଫଳକରେ ତଥ୍ୟ ନ ଲେଖି ଏବଂ ବାଇପାସ୍ ରାସ୍ତା ନିର୍ମାଣ ନ କରି ପୋଲ ଭାଙ୍ଗିବା ଆରମ୍ଭ କରିଛନ୍ତି। ସରକାରୀ ନିୟମ ଉଲ୍ଲଂଘନ କରି କାମ କରୁଥିବା ଦେଖି ଶ୍ରୀ ମାଝୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖବର ପାଇ ତୁରେକେଲା ବ୍ଲକ ପ୍ରଶାସନର ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ। ସରକାରୀ ନିୟମ



**ପଞ୍ଚାୟତରେ କାମ ହେଉଛି; ହେଲେ ସରପଞ୍ଚ ଓ ସମିତିସଭ୍ୟ ଜାଣିନାହାନ୍ତି**

ଅନୁସାରେ ଯେ କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକରେ ପୂରା ତଥ୍ୟ ରହିଥାଏ; କିନ୍ତୁ ଏଠାରେ ସୂଚନା ଫଳକ ନ ଲଗାଇ କିଭଳି କାମ ଆରମ୍ଭ ହେଲା ବୋଲି ଶ୍ରୀ ମାଝି ସେମାନଙ୍କୁ ପ୍ରଶ୍ନ କରିଥିଲେ। ଯଦି ପୋଲ ଭାଙ୍ଗି ନୂତନ ପୋଲ ନିର୍ମାଣ କରାଯିବ ତେବେ ଲୋକଙ୍କ ଯିବା ପାଇଁ ବାଇପାସ୍ ରାସ୍ତା କାହିଁକି ନିର୍ମାଣ କରାଗଲା ନାହିଁ ବୋଲି ପଚାରିଥିଲେ। ସରକାରୀ ନିୟମ ଉଲ୍ଲଂଘନ କରି କାମ କରିବାକୁ କିଏ ଅନୁମତି ଦେଲା ବୋଲି ଆଙ୍ଗୁଠି ଉଠାଇଥିଲେ। ରାଜ୍ୟରେ ଡବଲ ଇଂଜିନ ସରକାର ଆସିବା ପରେ କ'ଣ ଅଧିକାରୀମାନେ ସରକାରୀ ନିୟମ ଉଲ୍ଲଂଘନ କରି କାମ କରିବେ କି ବୋଲି ଶ୍ରୀ ମାଝି ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ତୁରେକେଲା ବ୍ଲକ୍ ବର୍ତ୍ତମାନ ଦୁର୍ନୀତିର ଗନ୍ତାଘର ପାଲଟିଛି। ପ୍ରତ୍ୟେକ କାମରେ ଏଠାରେ ସିଧାସଳଖ ପିସି ମଗାଯାଉଛି। ବିଜେପି ଦଳର ଜନପ୍ରତିନିଧିଙ୍କ ହାତ ବାରିସି ସାଜି ଏଠାରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟ ଅଧିକାରୀମାନେ କାମ କରୁଛନ୍ତି ବୋଲି ଶ୍ରୀ ମାଝୀ ଅଭିଯୋଗ ଆଣିଛନ୍ତି। ସରକାରୀ ନିୟମ ଉଲ୍ଲଂଘନ କରି କାମ କରିବା ଫଳରେ ତୁରେକେଲା ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ରାସ୍ତା ମଝିରେ ହଟହଟା ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଯେ କୌଣସି ପଞ୍ଚାୟତରେ ସରକାରୀ କାମ କରାଗଲେ ପଞ୍ଚାୟତ ପ୍ରତିନିଧିଙ୍କୁ ଜଣାଯାଏ। ଚଟୁଅନକା ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ କାମ କରାଯାଉଥିବା ବେଳେ ସରପଞ୍ଚ ଜ୍ଞାନ ରଞ୍ଜନ ତାଣ୍ଡି ଓ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମାଝିଙ୍କୁ କାମ ସଂପର୍କରେ ଅବଗତ କରାଯାଇନି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ତହସିଲଦାରଙ୍କ ନାଁ ନେଇ ପିଇଓଙ୍କ ଟଙ୍କା ଆତ୍ମସାତ

ସଇଁତଲା,୧୦ ।୩(ସମିସ): ସଇନ୍ତଳା ତହସିଲଦାରଙ୍କ ନାଁରେ ଯୁରାବନ୍ଧ ପଞ୍ଚାୟତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୁଦ୍ରଧର ବାଗ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତର ବିଭିନ୍ନ

**ଯୁରାବନ୍ଧ ପଞ୍ଚାୟତ**

ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଏସଏଫସି ପାଣ୍ଠିରୁ ୨ଲକ୍ଷ ଟଙ୍କା ବ୍ୟୟରେ ଯୁରାବନ୍ଧ ପ୍ରାଥମିକ ବିଦ୍ୟାଳୟ ନୂତନ ଗୃହ ସମ୍ମୁଖରେ ମାଟିକାମ ପାଇଁ ଫାଇଲ ଖୋଲାଯାଇଥିଲା। ମାଟି ଖନନ ବାବଦକୁ ସଇନ୍ତଳା ତହସିଲଦାରଙ୍କୁ ୨୮ ହଜାର ୭୧୭ ଟଙ୍କା ଓ ରାଜସ୍ୱ ବାବଦ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି କ୍ୟାଶ୍ ରେକର୍ଡରେ ଉଲ୍ଲେଖ ରହିଛି। ଏଭଳି ୫୨ଟି ଫାଇଲର ରାଜସ୍ୱ ଟଙ୍କା ହିସାବ କଲେ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ଯୁରାବନ୍ଧ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ରାଜସ୍ୱ ପିଇଓ ଶ୍ରୀ ବାଗ ଆତ୍ମସାତ କରିଥିବା ଜଣାପଡିଛି। ଅନ୍ୟପକ୍ଷେ ଯୁରାବନ୍ଧ ପଞ୍ଚାୟତରୁ କୌଣସି ରାଜସ୍ୱ ଆସି ନ ଥିବା ତହସିଲଦାର ଶ୍ରୀ ଏକ୍କା କହିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ଯୁରାବନ୍ଧ ପଞ୍ଚାୟତରେ ଏସଏଫସି, ସିଏଫସି ପାଣ୍ଠିରେ ଦୁର୍ନୀତି ନେଇ ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ ମେହେର, ବଲାଙ୍ଗିର ଅତିରିକ୍ତ ବିଡିଓ ଆନନ୍ଦ ମିଶ୍ର, ଦେଓଗାଁ ବ୍ଲକ୍ ସହକାରୀ ନିର୍ବାହୀଯନ୍ତ୍ରୀ କୁଳମଣି ଭୋଇ ତଦନ୍ତ କରିଛନ୍ତି। ଉଭୟପକ୍ଷଙ୍କ ଉପସ୍ଥିତିରେ ବିଭିନ୍ନ ଫାଇଲ ଓ କ୍ୟାସ୍ ରେକର୍ଡ ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ ପ୍ରତ୍ୟେକ ଫାଇଲରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଜଣାପଡିଛି। ଏବେ ପୁଣି ଏକ ସାଂଘାତିକ ଅଭିଯୋଗ ଆସିଛି। ଏନେଇ ତହସିଲଦାର ଶ୍ରୀ ଏକ୍କାଙ୍କୁ ପଚାରିବାରୁ ପିଇଓ ରୁଦ୍ର ବାଗଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## କଣ୍ଟାବାଞ୍ଜିରେ ବିଜେଡିର ପ୍ରଶିକ୍ଷଣ ଶିବିର



କଣ୍ଟାବାଞ୍ଜି,୧୦ ।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ୧ ନମ୍ବର ୱାର୍ଡରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେର, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, କଣ୍ଟାବାଞ୍ଜି ନଗର ବିଜେଡି ସଭାପତି କିଶୋର ମଚ୍ଛଖଣ୍ଡ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଲା ମାଝୀ, ବିଜେଡ଼ି ନେତା ଡାକ୍ତର ଅଜମଦ ଖାଁ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ରାଧେଶ୍ୟାମ କେତକି, ତୁରେକେଲା ବ୍ଲକ ସଭାପତି ଖୁସିରାମ ନାଏକ, ମୁରିବାହାଲ ବ୍ଲକ ସଭାପତି ସନ୍ୟାସୀ ପୁଟେଲ, ଜିଲ୍ଲା ଉପ ସଭାପତି ଲାଲ ଚନ୍ଦ ପୁଟେଲ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ମେହେର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପଞ୍ଚାୟତ ଓ ପୌର ନିର୍ବାଚନ ଲାଗି ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତମ ପନିକା, ମନୋଜ ଚଣ୍ଡୀ, ତାହିର ଖାଁ, ଏସକେ ଅମଜଦ, ଦୀପକ ମନହିରା, ମନୋଜ ସାହୁ, ନସିବ ଖାଁ, ବିନୋଦ ଜିଦଳ, ଉନି ନାଏକ, ଅକ୍ଷୟ ସାହୁ, ଓମ୍ ରାଓ, ନବରଙ୍ଗ ଦାସ, ରତ୍ନ ମେହେର, ମାହାଦେବ ବେହେରା, ଯୁବରାଜ ଗହିର, ବିନୋଦ ବେହେରା, ଗୋକୁଳ ହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟା ପାୱାର ଅଧୀନ ଠିକା କର୍ମଚାରୀଙ୍କ ଧାରଣା

ବଲାଙ୍ଗିର,୧୦ ।୩(ସମିସ): ଟାଟା ପାୱାର ଅଧୀନ ଠିକା ସଂସ୍ଥା ଦ୍ୱାରା ନିୟୋଜିତ ଶ୍ରମିକମାନେ ସେମାନଙ୍କ ସମସ୍ୟା ନେଇ ମଙ୍ଗଳବାର ବଲାଙ୍ଗିର ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଏହି ଆନ୍ଦୋଳନରେ ଏମାନେ ସାମିଲ ହୋଇଥିଲେ। ଟାଟା ପାୱାର ୱେସ୍କୋକୁ ଅଧିଗ୍ରହଣ କରିବା ଦିନରୁ



ତଥା ତା ପୂର୍ବରୁ ଠିକା ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଟାଟା ଆସିଲା ପରେ ବିଭିନ୍ନ ଠିକା ସଂସ୍ଥା ଆସି କାର୍ଯ୍ୟ କରୁଛନ୍ତି। ପୂର୍ବରୁ କିମ୍ବା ଠିକା ସଂସ୍ଥା ଦ୍ୱାରା ନିୟୋଜିତ ଠିକା ଶ୍ରମିକମାନଙ୍କୁ ମାନସିକ ନିର୍ଯାତନା ଦେଇ ବେନିୟମ ଭାବେ ଛଟେଇ କରାଯାଉଛି। ଯେଉଁ ଠିକା ଶ୍ରମିକମାନଙ୍କୁ ନେଇ ଟାଟା ପାୱାର ଓଡିଶାରେ ଆଜି ବଳବାନ ହୋଇଛି ଆଜି ସେମାନଙ୍କୁ ବିଭିନ୍ନ ଆଳରେ ଛଟେଇ କରାଯାଉଛି। ଅଣଓଡ଼ିଆ ଠିକା ସଂସ୍ଥା ଆସି ଏଠାରେ ଠିକା ଶ୍ରମିମାନଙ୍କୁ ନାଲି ଆଖି ଦେଖାଇ କାମ କରାଉଛନ୍ତି। ରାତି ଅଧରେ ଛଟେଇ କରାଯାଉଛି। ଠିକା ଶ୍ରମିକମାନେ ସର୍ବନିମ୍ନ ମଜୁରୀ ପାଇବାରୁ ବଞ୍ଚିତ ଅଛନ୍ତି। ଜଣେ ଶ୍ରମିକ ସର୍ବନିମ୍ନ ମଜୁରୀ ପାଉନି। ଟାଟା ପାୱାର ସର୍ବନିମ୍ନ ମଜୁରୀ ପ୍ରଦାନ କରିବାରେ ବିଫଳ ହୋଇଛି। ଏହା ଶ୍ରମ କୋଡ୍ ତଥା ସର୍ବନିମ୍ନ ମଜୁରୀ ଅଧିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛି। ଏସବୁ ଜାଣିବା ପରେ ମଧ୍ୟ ଶ୍ରମ ବିଭାଗ ଚୁପ୍ ସାଜିଛି। ଏଭଳି ଗୁରୁତର ଅଭିଯୋଗ କରି ସଂଘ ଅସନ୍ତୋଷ ପ୍ରକାଶ କରିଛି। ସଂଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ଶ୍ରମ ଅଧିକାରୀ କେବଳ ଆଲୋଚନା କରି ଅନ୍ୟ ମୁଣ୍ଡ ଉପରକୁ ଦୋଷ ଠେଲି ଦେଉଛନ୍ତି। ଏ ବାବଦରେ ୩ ମାସ ମଧ୍ୟରେ ୩ ଥର ଆଲୋଚନା ହୋଇଛି; କିନ୍ତୁ ଫଳାଫଳ କିଛି ନାହିଁ। କେବଳ ତାରିଖ ଗଡେଇ ଦେଇ ଶ୍ରମ ଅଧିକାରୀ ଖସି ଯାଉଛନ୍ତି। ଏହାର ପ୍ରତିବାଦ କରି ମଙ୍ଗଳବାର ବଲାଙ୍ଗିର ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଭାରତୀୟ ମଜଦୁର ସଂଘ ବଲାଙ୍ଗିର ଜିଲ୍ଲା ସଭାପତି କାହ୍ନା ଶତପଥୀ, ଦୟାନିଧି ଦୀପ, ଅଶୋକ ସାହୁ, ସୁବାଷ କୁଅଁର, ଯତୀନ୍ଦ୍ର ସାହୁ, ଆରୁଣ ନାଏକ, ପ୍ରମୋଦ ବିଶି, ସିଦ୍ଧାନ୍ତ ସାହୁ, ବିଶ୍ୱରଥ ବହିଦାର ଓ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଂଗଠନ ସମ୍ପାଦକ ବିସ୍ମୟ ହୋତା ଏହାର ନେତୃତ୍ୱ ନେଇଥିଲେ।

**କନ୍ଦେଇ ପଞ୍ଚାୟତ ଏବେ ଦୁର୍ନୀତି ଗନ୍ତାଘର**

# ଫଳକ ଅଛି; ପ୍ରକଳ୍ପ ନାହିଁ

ତୁରେକେଲା,୧୦ ।୩(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ କନ୍ଦେଇ ପଞ୍ଚାୟତ ଏବେ ଦୁର୍ନୀତି ଗନ୍ତାଘର ପାଲଟିଛି। ଗୋଟିଏ ପରେ ଗୋଟିଏ ସରକାରୀ ଯୋଜନାରେ ଏଠାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି; କିନ୍ତୁ ପଞ୍ଚାୟତ ଦାୟିତ୍ୱରେ ଥିବା ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ସବୁ ଜାଣି ଅଜଣା ହେଉଛନ୍ତି। ସୂଚନା ଫଳକ ରହିଛି। ପ୍ରକଳ୍ପ ବିଷୟରେ ମଧ୍ୟ ଲେଖା ହୋଇଛି; କିନ୍ତୁ ପ୍ରକଳ୍ପର ବାସ୍ତବରେ ଦେଖା ମିଳୁନାହିଁ। ସୂଚନା ଫଳକରେ ଉଲ୍ଲେଖ ତଥ୍ୟ ଅନୁସାରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସିଏମ୍‌ଏସଏ ଯୋଜନା ମାଧ୍ୟମରେ କନ୍ଦେଇ ଗାଁରେ ଥିବା ମାଁ ସନ୍ତୋଷୀ ମନ୍ଦିର ପୁନରୁଦ୍ଧାର ଓ ପାନୀୟ ଜଳ ପ୍ରକଳ୍ପ ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ତୁରେକେଲା ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ କାମ ମଧ୍ୟ ସରିଛି; କିନ୍ତୁ ସେଠାରେ ପାନୀୟ ଜଳ ପ୍ରକଳ୍ପ ଦେଖାନାହିଁ। ସୂଚନା ଫଳକରେ ପାନୀୟ



ଜଳ ପ୍ରକଳ୍ପ ଉପରେ ଲେଖା ହୋଇଥିବା ବେଳେ ବାସ୍ତବରେ ପାନୀୟଜଳ ବ୍ୟବସ୍ଥା ହିଁ ସେଠାରେ ନାହିଁ। ଏହାଫଳରେ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ମିଶି ପାନୀୟ ଜଳ ପ୍ରକଳ୍ପ ବାବଦକୁ ଆସିଥିବା ସରକାରୀ ଟଙ୍କା ହଡ଼ପ କରିଛନ୍ତି ବୋଲି ଗାଁ ଲୋକେ ଅଭିଯୋଗ କରୁଛନ୍ତି। ପାନୀୟ ଜଳ ବ୍ୟବସ୍ଥା ନ ହୋଇ ସୂଚନା ଫଳକରେ ଉଲ୍ଲେଖ କରି ସରକାରୀ ରାଜକୋଷରୁ କିଭଳି ଅର୍ଥ ମଞ୍ଜୁର କରାଯାଇଛି ବୋଲି ପ୍ରଶ୍ନ ଉଠୁଛି।

# ଗ୍ରାମସଭା ବିନା ଖଣି ଲିଜ୍, ନିଲାମକୁ ନିରଞ୍ଜନଙ୍କ ବିରୋଧ

ଟିଟିଲାଗଡ,୧୦ ।୩ (ସମିସ)

ଓଡ଼ିଶାରେ ଗ୍ରାମସଭା ବିନା ଅନୁମୋଦନରେ ଗ୍ରାଫାଇଟ, ମାଙ୍ଗାନିଜ ଖଣି ବ୍ଲକ୍ ନିଲାମ କରାଯାଉଛି। ସଂସଦର ଚଳିତ ଅଧିବେଶନରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏହି ପ୍ରସଙ୍ଗ ଉଠାଇଛନ୍ତି। ସାଂସଦ ଶ୍ରୀ ବିଶି କହିଥିଲେ ଯେ, ଓଡ଼ିଶା ହେଉଛି ଭାରତର ତୃତୀୟ ଆଦିବାସୀ ବହୁଳ ରାଜ୍ୟ। ଆଦିବାସୀ ଜନସଂଖ୍ୟା ୧ କୋଟି; ଯାହା ମୋଟ ଜନସଂଖ୍ୟାର ୨୫ ପ୍ରତିଶତ। ଆଦିବାସୀ ରହୁଥିବା ଅଞ୍ଚଳରେ ଜମି, ଜଳ, ଜଙ୍ଗଲ ପରିବେଶ ସୁରକ୍ଷିତ। ପାହାଡ଼ ପର୍ବତ ଡଙ୍ଗର ଅଞ୍ଚଳରେ ଖଣିଜ ସମ୍ପଦ ମଧ୍ୟ ସୁରକ୍ଷିତ। ଆଦିବାସୀମାନେ ଅନ୍ୟମାନଙ୍କ ସହ ଲଢ଼ି ଜଙ୍ଗଲ ଅଧିକାର ସୁରକ୍ଷା କରିଛନ୍ତି। ଓଡିଶାର ବଲାଙ୍ଗିର ଜିଲ୍ଲାରେ ୬ଟି ଗ୍ରାଫାଇଟ, ମାଙ୍ଗାନିଜ ଖଣି ବ୍ଲକ୍ (ସାଲେପାଲି ଗ୍ରାଫାଇଟ ବ୍ଲକ, ଲରମ୍ବା ଗ୍ରାଫଇଟ ମାଙ୍ଗାନିଜ ବ୍ଲକ, କନେଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ



ବ୍ଲକ, ଭରତବାହାଲ ଗ୍ରାଫଇଟ ବ୍ଲକ, ବବଜା ଗ୍ରାଫାଇଟ ମାଙ୍ଗାନିଜ ବ୍ଲକ ଏବଂ ବିଅରପାଲି ଗ୍ରାଫାଇଟ ମାଙ୍ଗାନିଜ ବ୍ଲକ)କୁ ଖଣି ବିଭାଗ ଲିଜ୍ ଦେଇଛି। ଏହାଦ୍ୱାରା ୧୦ ହଜାର ଏକର ପ୍ରାକୃତିକ ଜଙ୍ଗଲ ଧ୍ୱଂସ ହେବ। ଆଦିବାସୀମାନେ ଜୀବନ ଜୀବିକା ହରାଇବେ ବୋଲି ସାଂସଦ ଶ୍ରୀ ବିଶି ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସାଂସଦ ଶ୍ରୀ ବିଶି ଆହୁରି ଉଦବେଗ ପ୍ରକାଶ କରିଛନ୍ତି ଯେ ଲିଜ ଏବଂ ନିଲାମ ଆଗରୁ ଗ୍ରାମସଭା ପଲ୍ଲିସଭାର ଅନୁମତି କିମ୍ବା ଅନୁମୋଦନ ନିଆ ଯାଇନାହିଁ। ଜନ ଶୁଣାଣି କରି ଗାଁ ଲୋକଙ୍କ ସମ୍ମତି ନିଆଯାଇନାହିଁ। ୧୦୦ରୁ ଅଧିକ ଗାଁ ଏହି ଖଣି ଖନନ ଦ୍ୱାରା ପ୍ରଭାବିତ ହେବ; କିନ୍ତୁ ଗୋଟିଏ ବି ଗାଁରେ ଗ୍ରାମସଭା ହୋଇନାହିଁ ବୋଲି ସାଂସଦ ଶ୍ରୀ ବିଶି ପ୍ରଶ୍ନ ଉଠାଇଥିଲେ। ପେସା ଆଇନକୁ ଉଲ୍ଲଂଘନ କରାଯାଇଛି। ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ-୨୦୦୬ ଅନୁସାରେ ଖଣି ଲିଜ, ଖଣି ନିଲାମ, ଜଙ୍ଗଲ ଜମି କିସମ ପରିବର୍ତ୍ତନ ପୂର୍ବରୁ ଗ୍ରାମସଭାର ଅନୁମୋଦନ ବାଧ୍ୟତାମୂଳକ କରାଯାଇଛି; କିନ୍ତୁ ନିୟମକୁ ଉଲ୍ଲଂଘନ କରି ଖଣି ଲିଜ୍ ଦିଆଯାଇଛି। ଏହି ଗ୍ରାଫାଇଟ ମାଙ୍ଗାନିଜ ଖଣି ଦ୍ୱାରା ମହାଦାଶିନୀ ଜଙ୍ଗଲ, ଅନ୍ଧାରି ଜଙ୍ଗଲ, ବରାପୁଟକ୍ଷ ଡଙ୍ଗର, ତୁର୍ଲାମାଳ କାର୍ଲାମାଳ ଜଙ୍ଗଲ, ବୁଢ଼ାଡଙ୍ଗର, ବସ୍ତ୍ରେନ ଡଙ୍ଗର, କାଳୀ ଡଙ୍ଗର, ଗନ୍ଧମାର୍ଦନ ପର୍ବତ ପ୍ରଭାବିତ ହେବ। ସେହିପରି କୋରାପୁଟ, କଳାହାଣ୍ଡି ଜିଲ୍ଲାର ସିଜିମାଳି ପର୍ବତ, କୁଟ୍ରୁମାଳି, ବାଫିଲି ମାଳି ପର୍ବତ, ମାଝୀ ମାଳି, ଖଣ୍ଡୁଆଳ ମାଳି ପର୍ବତ, କୋଡ଼ିଙ୍ଗ ମାଳି ପର୍ବତ ଧ୍ୱଂସ ହେବ ବୋଲି ସାଂସଦ ଶ୍ରୀ ବିଶି ଖୋଭ ପ୍ରକାଶ କରିଛନ୍ତି। ଜଙ୍ଗଲ ହେଉଛି ଜୀବଜଗତର ଜୀବନ ରେଖା। ପରିବେଶ ସୁରକ୍ଷା ପାଇଁ ୩୩ ପ୍ରତିଶତ ପ୍ରାକୃତିକ ଜଙ୍ଗଲ ଆବଶ୍ୟକ। ବଲାଙ୍ଗିର ଜିଲ୍ଲାରେ ୧୮ ପ୍ରତିଶତ, ବରଗଡ଼ ଜିଲ୍ଲାରେ ୧୩ପ୍ରତିଶତ, ଝାରସୁଗୁଡା ଜିଲ୍ଲାରେ ୧୦ ପ୍ରତିଶତ ପ୍ରାକୃତିକ ଜଙ୍ଗଲ ରହିଛି। ଏହା ମାନବ ସମାଜ ପାଇଁ ବିପଦ। ତେଣୁ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ସୁରକ୍ଷା ପାଇଁ ପ୍ରସ୍ତାବିତ ଖଣି ଲିଜ ସମୀକ୍ଷା କରି ବାତିଲ କରିବାକୁ ସରକାରଙ୍କୁ ସେ ଅନୁରୋଧ କରିଛନ୍ତି।

## ଭାଙ୍ଗିଗଲା ଭୀମପାହାଡ଼ ମୁଖ୍ୟ ଫାଟକ

ଦେଓଗାଁ,୧୦।୩(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଭୀମଡୁଙ୍ଗୁରୀ ଗାଁ ନିକଟରେ ପର୍ଯ୍ୟଟନସ୍ଥଳ ଭୀମପାହାଡ ରହିଛି। ଏହି ପର୍ଯ୍ୟଟନସ୍ଥଳର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀ ଓ ଲାଭଖୋର ଠିକାଦାରମାନଙ୍କ ନିମ୍ନମାନର କାମ ଯୋଗୁଁ ଅନେକ ପ୍ରକଳ୍ପ ବର୍ଷେ ନ

- ଭାଗ୍ୟକୁ କୌଣସି ପର୍ଯ୍ୟଟକ ନ ଥିଲେ
- ନିମ୍ନମାନର କାମକୁ ନେଇ ପ୍ରଶ୍ନ



ପୂରୁଣୁ ନଷ୍ଟ ହୋଇଯାଉଛି। ଏନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୨ ଦିନ ତଳେ ଏହି ପର୍ଯ୍ୟଟନ ସ୍ଥଳର ପାର୍କ ନିକଟରେ ରହିଥିବା ମୁଖ୍ୟ ଫାଟକ ହଠାତ ଭାଙ୍ଗି ଯାଇଛି। ଏହି ସମୟରେ ଭାଗ୍ୟବଶତଃ ଫାଟକ ନିକଟରେ କୌଣସି ପର୍ଯ୍ୟଟକ ନ ଥିଲେ। ଫାଟକ ଭାଙ୍ଗିଯିବା ପରେ ଏଥିରେ ଲୁହାରଡ୍ ବ୍ୟବହାର ହୋଇ ନ ଥିବା ପ୍ରମାଣ ମିଳିଛି। ଏଣୁ ଦୁର୍ନୀତି ସ୍ପଷ୍ଟ ହୋଇଛି। ବନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅନେକ ଉନ୍ନୟନ କାମ କରାଯାଉଛି। ସଂପୃକ୍ତ ବିଭାଗ କିଭଳି ନିମ୍ନମାନର କାମକୁ ପ୍ରଶ୍ରୟ ଦେଉଛି ତାହା ପରିତାପର ବିଷୟ ବୋଲି ଆମ୍ ଆଦମୀ ପାର୍ଟିର ରାଜ୍ୟ ପ୍ରବକ୍ତା ତଥା ଜିଲ୍ଲା ମୁଖ୍ୟ ଅଶିଷ ପାଣ୍ଡେ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ, ଭୀମପାହାଡ ଓ ଦେଷଣ୍ଡ ପଞ୍ଚାୟତର ଚାନ୍ଦିଲି ପାହାଡରେ ମଧ୍ୟ ଉନ୍ନୟନ କାମ ଚାଲିଛି। ସେଠାରେ ମଧ୍ୟ ଦୁର୍ନୀତି ହେଉଥିବା ସ୍ପଷ୍ଟ।

## କାଠଯୋଡ଼ି ପଠାରେ ଭୟଙ୍କର ବାଣ ବିସ୍ଫୋରଣ

# ଥରିଲା ଗୋପାଳପୁର, ଖାନନଗର, ବାଦାମବାଡ଼ି

କଟକ, ୧୦।୩ (ସମିସ): ସଦର ଥାନା ଅନ୍ତର୍ଗତ ବଢ଼େଇସାହି ନିକଟସ୍ଥ କାଠଯୋଡ଼ି ନଦୀ ପଠାରେ ଜବତ ବାଣ ନିଷ୍କ୍ରିୟ କଲା ବେଳେ ହୋଇଥିବା ପ୍ରଚଣ୍ଡ ବିସ୍ଫୋରଣକୁ ନେଇ ବିବାଦ ଦେଖାଦେଇଛି। ସ୍ଥାନୀୟ ଜନସାଧାରଣ କମିଶନରେଟ୍ ପୁଲିସ ବିରୋଧରେ ମୁହଁ ଖୋଲିଛନ୍ତି। ବିସ୍ଫୋରଣରେ ହୋଇଥିବା ପ୍ରଚଣ୍ଡ ଶବ୍ଦକୁ ନେଇ ସଦର ଥାନା ପୁଲିସ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ

ଗତବର୍ଷ ଜୁନ୍ ୧୪ରେ ଘଟଣାସ୍ଥଳରେ ଜବତ ବାଣ ନିଷ୍କ୍ରିୟ କଲା ବେଳେ ବିସ୍ଫୋରଣ ଘଟି ହାବିଲଦାର ପ୍ରଦୀପ ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ୨ଜଣ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ତେବେ ସମାନ ଜାଗାରେ ଏଭଳି ଅଘଟଣ ଘଟିଥିବା ବେଳେ ପୁଣିଥରେ ପୁଲିସ ଜବତ ବାଣକୁ ସେଠାରେ ନିଷ୍କ୍ରିୟ କରିବାକୁ ନେଇ ପ୍ରଶ୍ନ ଉଠିଛି।

- ଜନବସତି ଅଞ୍ଚଳରେ ବାଣ ନିଷ୍କ୍ରିୟ କରିବାକୁ ନେଇ ଉତ୍ତେଜନା
- କମିଶନରେଟ୍ ପୁଲିସ ପାଳନ କରିନଥିଲା ଏସ୍‌ଓପି
- ସଦର ଥାନା ପୁଲିସ ଜବତ ବାଣକୁ ନିଷ୍କ୍ରିୟ କରିବାକୁ ନେଇ ବିବାଦ
- ଗତବର୍ଷ ହାବିଲଦାର୍‌ଙ୍କ ମୃତ୍ୟୁ ପରେ ବି ଚେତିଲା ନାହିଁ ସଦର ଥାନା ପୁଲିସ

ମଧ୍ୟରେ ପାଟିତୁଣ୍ଡ ହୋଇଛି। ଜନବସତି ଅଞ୍ଚଳରେ ପୁଲିସ ଜବତ ବାଣ ନିଷ୍କ୍ରିୟ କରିବାର ନିୟମ ନାହିଁ। କମିଶନରେଟ୍ ପୁଲିସର ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର୍ (ଏସ୍‌ଓପି) ଅନୁଯାୟୀ, ଜନବସତିଠାରୁ ଦୂରରେ ଜବତ ବାଣ ବିସ୍ଫୋରଣ କରିବାର ନିୟମ ରହିଥିବା ବେଳେ ପୁଲିସ୍ କାହିଁକି ଓ କିଭଳି ଏହି ବେନିୟମ କାର୍ଯ୍ୟ କରିଛି, ତାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାନୁସାରେ, ଆଜି ଅପରାହ୍ଣରେ ହଠାତ୍ ପ୍ରଚଣ୍ଡ ବିସ୍ଫୋରଣ ହେବାରୁ ସ୍ଥାନୀୟ ଲୋକ ଆତଙ୍କିତ ହୋଇପଡ଼ିଥିଲେ। ଭୟରେ ଲୋକମାନେ ଘରୁ ବାହାରି ନଦୀପଠା ନିକଟକୁ ଯାଇଥିଲେ। ଜବତ ବାଣକୁ ନଷ୍ଟ କରାଯାଉଛି ବୋଲି ପୁଲିସ କହିଥିଲା। ଏହି ବାଣ ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ ଗୋପାଳପୁର ନିକଟ ଅଧିକାଂଶ ସାହି ସହ ନଦୀର ଅପରପାର୍ଶ୍ୱରେ ସିଏନ୍‌ବିଟି, ଖାନନଗର ଓ ବାଦାମବାଡ଼ି



ପର୍ଯ୍ୟନ୍ତ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ବିସ୍ଫୋରଣରେ କେତେକ ଲୋକଙ୍କ ଘର ଦୋହଲିଥିବା ସହ ଝରକା କାଚ ମଧ୍ୟ ଭାଙ୍ଗିଥିବା ଅଭିଯୋଗ ହୋଇଛି।

ଅପରପକ୍ଷେ, ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଏଭଳି କାର୍ଯ୍ୟ ଜନବସତି ଅଞ୍ଚଳରେ କରିବା ଠିକ୍ ନୁହଁ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଘଟଣା ସମ୍ପର୍କରେ ସଦର ଥାନା ପୁଲିସ ପକ୍ଷରୁ କୁହାଯାଇଛି ଯେ ୧ ବର୍ଷ ମଧ୍ୟରେ ଜବତ ହୋଇଥିବା ବାଣଗୁଡ଼ିକୁ କାଠଯୋଡ଼ି ନଦୀ ପଠାରେ ନିଷ୍କ୍ରିୟ କରାଯାଇଛି। ଏଥିରେ ଆଦୌ ଧନଜୀବନ କ୍ଷୟକ୍ଷତି ଘଟିନାହିଁ।

ଘଟଣା ସମ୍ପର୍କରେ ଫାୟାର୍ ଅଫିସର ସଞ୍ଜୀବ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବାରଙ୍ଗ ଅଗ୍ନିଶମ ବିଭାଗର ଦମକଳବାହିନୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ସବୁପ୍ରକାରର ଅଘଟଣ ଏଡ଼ାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏସ୍‌ଓପି ଅନୁଯାୟୀ ନିଷ୍କ୍ରିୟ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ସାଇରନ୍ ବଜାଇ କିମ୍ବା ଲାଉଡସ୍ପିକର ଯୋଗେ ସ୍ଥାନୀୟ ଅଞ୍ଚଳକୁ ସତର୍କ କରିଦେବା ଉଚିତ। କିନ୍ତୁ, ସଦର ଥାନା ପୁଲିସ ତାହା କରିନଥିଲା। କେବଳ ପ୍ରଶିକ୍ଷଣପ୍ରାପ୍ତ ବିଶେଷଜ୍ଞଙ୍କୁ ହିଁ ଏହି କାର୍ଯ୍ୟରେ ଲଗାଯିବା ଉଚିତ ଥିବା ବେଳେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତ ରହିବା ଜରୁରୀ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବା ଆବଶ୍ୟକ। କିନ୍ତୁ ଆଜି ହୋଇଥିବା ବାଣ ନିଷ୍କ୍ରିୟ ସମୟରେ ଆଦୌ ଏସ୍‌ଓପି ପାଳନ କରାଯାଇନଥିଲା। ଗତବର୍ଷ ଭଳି ଅଘଟଣ ଘଟିବା ପରେ ପୁଣି ଥରେ ସମାନ ସ୍ଥାନରେ ଖାମଖିଆଲି ଭାବେ ବାଣ ନିଷ୍କ୍ରିୟ ଭାବେ ବାଣ ନିଷ୍କ୍ରିୟ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମିଶନ ଶକ୍ତି ପୁନର୍ଗଠନ ସଂକ୍ରାନ୍ତ ନୂଆ ମାର୍ଗଦର୍ଶିକା ମାମଲାର ଶୁଣାଣି ୩୧ରେ

### ଅନ୍ତରୀଣ ରହିତାଦେଶ ବଳବତ୍ତର ରଖିଲେ ହାଇକୋର୍ଟ

କଟକ, ୧୦।୩ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ମିଶନ ଶକ୍ତି ପୁନର୍ଗଠନ ମାର୍ଗଦର୍ଶିକାକୁ ଚାଲେଞ୍ଜ କରି ଦାୟର ଏକାଧିକ ମାମଲା ଶୁଣାଣି କରି ମାର୍ଗଦର୍ଶିକା କାର୍ଯ୍ୟକାରୀ ଉପରେ ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶକୁ ବଳବତ୍ତର ରଖିଛନ୍ତି ହାଇକୋର୍ଟ। ତେବେ ଏ ସମ୍ପର୍କିତ ସମସ୍ତ ମାମଲାର ଏକତ୍ର ଶୁଣାଣି ଆସନ୍ତା ମାର୍ଚ୍ଚ ୩୧କୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। କେନ୍ଦୁଝରର ଗାୟତ୍ରୀ ମିଶନ ଶକ୍ତି ଫେଡେରେସନ୍ ଓ ଅନ୍ୟ ୫୧ଟି ମହାସଂଘ ପକ୍ଷରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମିଶନ ଶକ୍ତି ଅନ୍ତର୍ଗତ ଏସଏଚ୍‌ଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକର କମିଟି ତଥା କମିଟି ପୁନର୍ଗଠନ ପାଇଁ ଜାରି ହୋଇଥିବା ମାର୍ଗଦର୍ଶିକା ଉପରେ ଗତ ୨୦୨୫ ଏପ୍ରିଲ୨୨ରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତି ବିଭାଗର ସଚିବଙ୍କ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଗତ ୨୦୨୫ ଜାନୁଆରି ୨୨ରେ ଚିଠି ଲେଖାଯାଇଥିଲା। ଏସଏଚ୍‌ଜି, ସିଏଲ୍‌ଏଫ୍, ଜିପିଏଲଏଫ୍, ବିଏଲ୍‌ଏଫ୍ ଓ ଡିଏଲଏଫ୍‌ର ପରିଷଦ/କମିଟି/ସବ୍-କମିଟି ପୁନର୍ଗଠନ ପ୍ରସଙ୍ଗରେ ଜାରି ମାର୍ଗଦର୍ଶିକା ନେଇ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଜଣେ ସଦସ୍ୟ ଦୁଇଥର କର୍ମକର୍ତ୍ତା ହୋଇପାରିବେ ନାହିଁ ବୋଲି ମାର୍ଗଦର୍ଶିକାରେ ସର୍ତ୍ତ ରଖାଯାଇଥିଲା। ସେହିଭଳି ଗୋଷ୍ଠୀ ଅନୁଷ୍ଠାନ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ଗୋଟିଏ ପରିବାରର ଜଣଙ୍କରୁ ଅଧିକ ରହି ପାରିବେ ନାହିଁ। ଗୋଟିଏ ପରିବାରର ଦୁଇଜଣ ବା ଅନ୍ୟ ସଂପର୍କୀୟ ଗୋଟିଏ ଗୋଷ୍ଠୀ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ କମିଟିରେ ସଦସ୍ୟ ହୋଇପାରିବେ ନାହିଁ ବୋଲି ଉଲ୍ଲେଖ ଥିଲା। ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ କରାଯାଇଥିଲା। ଏସ୍‌ଏଚ୍‌ଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକ ସୋସାଇଟି ପଞ୍ଜୀକରଣ ଆଇନ ଦ୍ୱାରା ପଞ୍ଜୀକୃତ। ତେଣୁ, ଏଭଳି ଅନୁଷ୍ଠାନଗୁଡ଼ିକ ନିଜ ବାଇ-ଲ' ଦ୍ୱାରା ପରିଚାଳିତ। ଏଭଳି ସ୍ଥିତିରେ କମିଟି/ସବ୍-କମିଟିକୁ ସଦସ୍ୟଙ୍କ ପ୍ରସଙ୍ଗରେ ସରକାର ମାର୍ଗଦର୍ଶିକା ଜାରି କରିବା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

## ପିତୃହନ୍ତା ପୁଅକୁ ଆଜୀବନ ଜେଲ୍ ଦଣ୍ଡାଦେଶ କାଏମ ରଖିଲେ ହାଇକୋର୍ଟ

କଟକ, ୧୦।୩ (ସମିସ): ଜମି ଭାଗବଣ୍ଟାକୁ କେନ୍ଦ୍ର କରି ନିଜ ବାପାଙ୍କୁ ହତ୍ୟା କରିଥିବା ପୁଅକୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଶଶିକାନ୍ତ ମିଶ୍ର ଓ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ଜାକ୍ରିୟାସ ବାଦାଙ୍କ ଆବେଦନକୁ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶୁଣାଣି ସମୟରେ ଅଭିଯୁକ୍ତଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଏହା ଏକ 'ହଠାତ୍ ଉତ୍ତେଜନା' ବଶତଃ ଘଟିଥିବା ଘଟଣା, ତେଣୁ ଏହାକୁ ହତ୍ୟା ଶ୍ରେଣୀଭୁକ୍ତ କରାଯିବା ଉଚିତ ନୁହେଁ। ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି କହିଛନ୍ତି ଯେ ମୃତ ବୃଦ୍ଧଜଣଙ୍କ ନିରସ୍ତ୍ର ଥିଲେ ଏବଂ ସେହି ସମୟରେ ବିଶ୍ରାମ ନେଉଥିଲେ। ତେଣୁ ଏହାକୁ ହଠାତ୍ ଘଟିଥିବା ଘଟଣା କୁହାଯାଇପାରିବ ନାହିଁ। ବର୍ତ୍ତମାନ ଜାମିନରେ ଥିବା ଆବେଦନକାରୀଙ୍କ ଜାମିନ ବଣ୍ଡ ରଦ୍ଦ କରିବା ସହ ତାଙ୍କୁ ତୁରନ୍ତ ଗିରଫ କରି ବାକି ଥିବା ଜେଲ୍ ଦଣ୍ଡ ସମ୍ପୂର୍ଣ୍ଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୦୨ ମସିହା ଜୁନ୍ ୧୮ ତାରିଖ ରାତି ପ୍ରାୟ ୮ଟାରେ ସୁନ୍ଦରଗଡ଼ ଜିଲ୍ଲା ମହୁଲଗାଁର ହେରମାନ ବାଦା ନିଜ ଘର ବାହାରେ ଏକ ଚଟାଣରେ ଶୋଇଥିଲେ। ସେହି ସମୟରେ ତାଙ୍କର ପ୍ରଥମ ପତ୍ନୀଙ୍କ ପୁଅ ଜାକ୍ରିୟାସ ସେଠାରେ ପହଞ୍ଚି ନିଜର ଜମି ଭାଗ ମାଗିଥିଲେ। ହେରମାନ ଅନ୍ୟ ପୁଅ ଓ ଝିଅମାନଙ୍କ ବିବାହ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିବାରୁ ଜାକ୍ରିୟାସ ଉତ୍‌କ୍ଷିପ୍ତ ହୋଇ ଏକ ବାଉଁଶରେ ବାପାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ଘଟଣାସ୍ଥଳରେ ହିଁ ହେରମାନଙ୍କ ମୃତ୍ୟୁ ଘଟିଥିଲା। ସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଗତ ୨୦୦୪ ଏପ୍ରିଲ ୨୯ ତାରିଖରେ ଏହି ମାମଲାର ବିଚାର କରି ଜାକ୍ରିୟାସକୁ ହତ୍ୟା ଅପରାଧରେ ଆଇପିସିର ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଜାକ୍ରିୟାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସଂପର୍କରେ ସନ୍ଦେହ... ପତ୍ନୀଙ୍କୁ ପିଟିପିଟି ହତ୍ୟା; ଯୁବକଙ୍କୁ ଗୁଳି

ଫୁଲବାଣୀ/ଫିରିଙ୍ଗିଆ, ୧୦।୩ (ସମିସ): 'ସଂପର୍କରେ ସନ୍ଦେହ' ଆଜି ଜଣେ ମହିଳାଙ୍କ ଜୀବନ ନେଇଥିବା ବେଳେ ଅନ୍ୟ ଜଣେ ଯୁବକଙ୍କୁ ଗୁରୁତର କରିଛି। ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ କଟାପଙ୍ଗା ଗ୍ରାମର ଜଣେ ଯୁବକ ନିଜ ସ୍ତ୍ରୀକୁ ପିଟିପିଟି ହତ୍ୟା କରିବା ପରେ ଜଣେ ଯୁବକଙ୍କୁ ଗୁଳି କରି ଘାଇଲା କରିଛି। ମୃତ ମହିଳାଜଣଙ୍କ ହେଲେ, ଗାଁର ବିରଞ୍ଚି ବେହେରାଙ୍କ ସ୍ତ୍ରୀ ନିଳିମା ବେହେରା। ସେହିପରି ଆହତ ଯୁବକଜଣଙ୍କ ହେଲେ, ବଗାରମୁଣ୍ଡାର ନରୋତ୍ତମ ବେହେରା। ଗ୍ରାମବାସୀ ଓ ପରିବାରଲୋକ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିବା ବେଳେ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଗୋଚ୍ଛାପଡ଼ା ପୁଲିସ ଅଭିଯୁକ୍ତ ବିରଞ୍ଚିକୁ କାବୁ କରିବା ସହ ତା'ଠାରୁ ଏକ ଦେଶୀବନ୍ଧୁକ ଜବତ



କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ଗୋଚ୍ଛାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ନିଳିମାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରିଛି। ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ବିରଞ୍ଚି ଏପରି କାଣ୍ଡ ଭିଆଇଥିବା ଚର୍ଚ୍ଚା ହେଉଛି।

ସୂଚନାନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୯ଟାରେ କୌଣସି କାରଣରୁ ବିରଞ୍ଚି ଘରେ ସ୍ତ୍ରୀ ନୀଳିମାକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିଲା। ପରେ ଗାଁଠାରୁ କିଛି ଦୂରରେ ଥିବା ବଗାରମୁଣ୍ଡା ନିକଟରେ ନରୋତ୍ତମଙ୍କୁ ଗୁଳି ମାଡ଼ କରିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଏହା କୌଣସି ପାରିବାରିକ କଳହ ଯୋଗୁଁ ଘଟିଛି କିମ୍ବା ଏହା ପଛରେ ପୂର୍ବ ଶତ୍ରୁତା ରହିଛି, ସେ ନେଇ ପୁଲିସ ଅଭିଯୁକ୍ତକୁ ପଚରାଉଚରା ଜାରି ରଖିଛି। ଏନେଇ ଏକ ମାମଲା ରୁଜୁ କରାଯାଇଛି ଏବଂ ଆମେ ସବୁ ଦିଗରୁ ତଦନ୍ତ କରୁଛୁ ବୋଲି ଥାନା ଅଧିକାରୀ କହିଛନ୍ତି।

## ମତ୍ସ୍ୟଜୀବୀଙ୍କୁ ଟାଣିନେଲା କୁମ୍ଭୀର!

ମହାକାଳପଡ଼ା, ୧୦।୩ (ସମିସ): ମହାକାଳପଡ଼ା ବ୍ଲକ୍ ଅଧୀନ ବଉଳକଣି ପଞ୍ଚାୟତର କାଉଁସପାଳ ଗ୍ରାମ ନିକଟ ଗୋବରୀ ନଦୀ କୂଳରେ ଭଉଁରି ଜାଲ ପକାଇବାକୁ ଯାଇ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି। ନିଖୋଜ ମତ୍ସ୍ୟଜୀବୀଜଣଙ୍କ ହେଲେ, ଦେବ କୁମାର ମଣ୍ଡଳ। କାଉଁସପାଳ ଗ୍ରାମର ୫୦ନଂ ପ୍ଲଟ ନିକଟ ଗୋବରୀ ନଦୀ କୂଳରେ ଏହି ଘଟଣା ଘଟିଛି। ତାଙ୍କୁ କୁମ୍ଭୀର ଟାଣି ନେଇଥିବା ସନ୍ଦେହ କରାଯାଉଛି।

ସୂଚନା ମୁତାବକ, ସ୍ଥାନୀୟ ମତ୍ସ୍ୟଜୀବୀ ଦେବକୁମାର ମଣ୍ଡଳ ନଦୀରେ ଭଉଁରି ଜାଲ ପକାଇ ମାଛ ଧରୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ମିଳି ନଥିଲା। କୁମ୍ଭୀର ଟାଣି ନେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକ ବଉଳକଣି ପଞ୍ଚାୟତ ସରପଞ୍ଚ ସାଲବେଗ ମାହାଳିଙ୍କୁ ତୁରନ୍ତ ସୂଚନା ଦେଇଥିଲେ। ସରପଞ୍ଚଙ୍କ ପକ୍ଷରୁ ବନବିଭାଗ ଓ ପ୍ରଶାସନକୁ ଖବର ଦିଆଯାଇଥିବା ବେଳେ ଫରେଷ୍ଟର୍ ରଞ୍ଜିତ ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକ ଚନ୍ଦ୍ରକାନ୍ତ ମଣ୍ଡଳ ଓ ଶୁକଦେବ ବାରିକଙ୍କ ସହଯୋଗରେ ନିଖୋଜ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସନ୍ଧ୍ୟା ସୁଦ୍ଧା ନିଖୋଜ ମତ୍ସ୍ୟଜୀବୀଙ୍କ କୌଣସି ପତ୍ତା ମିଳି ନଥିଲା ବୋଲି ସରପଞ୍ଚ ସାଲବେଗ ମାହାଳି କହିଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି।

## ଓଡ଼ିଶାର ବନ୍ଦର ସଂଯୋଗ ଓ ଲଜିଷ୍ଟିକ୍ସ ଉନ୍ନତି ପାଇଁ ୨୯ ପ୍ରକଳ୍ପ

ଭୁବନେଶ୍ୱର, ୧୦।୩(ସମିସ): ଓଡ଼ିଶାର ବନ୍ଦରଗୁଡ଼ିକର ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଲଜିଷ୍ଟିକ୍ସ ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ପାରାଦୀପ, ଧାମରା, ସୁବର୍ଣ୍ଣରେଖା ଓ ଗୋପାଳପୁର ବନ୍ଦରକୁ ରେଳ ଓ ରାସ୍ତା ମାଧ୍ୟମରେ ସଂଯୋଗୀକରଣ ପାଇଁ ମୋଟ୍ ୨୯ ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ତନ୍ମଧ୍ୟରୁ ୧୩ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବାବେଳେ ୯ ଟି କାର୍ଯ୍ୟାନ୍ୱୟନ ଅପେକ୍ଷାରେ ରହିଛି। ଏହାସହ ଆଉ ୭ ଟି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତି ସ୍ତରରେ ରହିଛି। ରାଜ୍ୟ ସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡ଼ିଶାର ବନ୍ଦରଗୁଡ଼ିକୁ ସଂଯୋଗ ପାଇଁ ନୂତନ ରେଳପଥ ନିର୍ମାଣ, ଅଟୋ-ସିଗ୍ନାଲିଂ, ରେଳ ଓଭର ବ୍ରିଜ୍ ଓ ଜଳପଥ ସଂଯୋଗ ଇତ୍ୟାଦି ପ୍ରକଳ୍ପ କରାଯାଉଛି। ଡୁବୁରି-ଚଣ୍ଡିଖୋଲ-ପାରାଦୀପ ୪ ଥାକିଆ ରାସ୍ତା, ଭଦ୍ରକ-ଭିଜୟନଗରମ୍ ତୃତୀୟ ରେଳ ଲାଇନ୍, ସିଜୁ-ପାରାଦୀପ ମଧ୍ୟରେ ଫ୍ଲାଏଓଭର ପରି ଏକାଧିକ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ରହିଛି। ପାରାଦୀପ ବନ୍ଦରରେ କଣ୍ଟେନର କର୍ପୋରେସନ ଅଫ୍ ଇଣ୍ଡିଆ (କନ୍‌କର୍) ଦ୍ୱାରା ପ୍ରାୟ ୨୬୦ କୋଟି ଟଙ୍କା ଖର୍ଚ୍ଚରେ ଏକ ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ପାର୍କ (ଏମ୍‌ଏମ୍‌ଏଲ୍‌ପି) ଉନ୍ନତିକରଣ କରାଯାଇଛି। ଏଥିପାଇଁ ପାରାଦୀପ ପୋର୍ଟ ଅଥରିଟି ପକ୍ଷରୁ ୧୦୦ ଏକର ଜମି ଯୋଗାଇ ଦିଆଯାଇଛି। ଏହାକୁ ସଡକ ସଂଯୋଗ ସହିତ ୭ଟି ରେଳ ସାଇଡିଂ ଓ ଗୋଦାମ ବ୍ୟବସ୍ଥା ରହିଛି। ଏହା ମାଧ୍ୟମରେ ଇଫ୍‌କୋ ଭଳି ସଂସ୍ଥାର ସାର ଲୋଡିଂ ଆବଶ୍ୟକତା ପୂରଣ ହେଉଛି। ସେହିପରି ସାଗରମାଳା ଯୋଜନାରେ ବନ୍ଦର ଆଧାରିତ ଉନ୍ନତିକରଣ କରାଯାଉଛି। ବନ୍ଦର ଆଧୁନିକୀକରଣ, ବନ୍ଦର ସଂଯୋଗ, ବନ୍ଦର ଆଧାରିତ ଶିଳ୍ପ ବିକାଶ, ସମୁଦ୍ରତଟ ଅଞ୍ଚଳର ସମୁଦାୟ ଉନ୍ନତି ଓ କୋଷ୍ଟାଲ୍ ଶିପିଂ ଭଳି କ୍ଷେତ୍ର ପାଇଁ ଏହି ଯୋଜନା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

## ଆଶ୍ରମ ସ୍କୁଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସେମିଳିଗୁଡ଼ା, ୧୦।୩ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ରେଙ୍ଗା ଆଶ୍ରମ ସ୍କୁଲରେ ପଢୁଥିବା ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ ମଙ୍ଗଳବାର ଅପରାହ୍ଣରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ସେମିଳିଗୁଡ଼ା ବ୍ଲକ୍ ଦଳେଇଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଗୁଡ଼ା ଗ୍ରାମର କୁନି ଖରାଙ୍କ ପୁଅ ସୋହନ ଖରା(୧୬)।

ସୂଚନାନୁଯାୟୀ, ମଙ୍ଗଳବାର ଅପରାହ୍ଣରେ ସୋହନ ଗାଧୋଇବା ବେଳେ ଗାଧୁଆ ଘରେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ କୁନ୍ଦିଲି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପଟାଙ୍ଗି ପୁଲିସ ସହ ସେମିଳିଗୁଡ଼ା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ) ହରପ୍ରସାଦ ଦାସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ, ପୀଡ଼ିତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ଯେ କିଛି ଛାତ୍ରଙ୍କ ଦ୍ୱାରା ମାଡ଼ ଖାଇବା ଯୋଗୁଁ ଛାତ୍ରଙ୍କ ମୃତ୍ୟୁ



ହୋଇଛି। ସେମାନେ ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଦାବି କରୁଛନ୍ତି। ଛାତ୍ର ମୃତ୍ୟୁ ଖବର ପାଇ ଜିଲ୍ଲା ପରିଷଦ ସଦସ୍ୟ ମୋହନ ଜାନୀ, ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, କିଛି ଜନ ପ୍ରତିନିଧି ପହଞ୍ଚିବାରୁ କୁନ୍ଦିଲି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ରଙ୍କ ମୃତ୍ୟୁ ନେଇ ଭିନ୍ନଭିନ୍ନ ଅଭିଯୋଗ ଆସୁଥିବାରୁ ପ୍ରକୃତ ଘଟଣା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୁଲିସ କହିଛି। ଘଟଣା ପରେ ପ୍ରଧାନଶିକ୍ଷକ ଅଖିଳ ଦାସ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ବାରମ୍ବାର ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟୁଥିବାରୁ କୋରାପୁଟ ଜିଲ୍ଲାରେ ଆଶ୍ରମ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

କେନ୍ଦୁଝର, ୧୦।୩(ସମିସ): କେନ୍ଦୁଝର ସଦର ଥାନା ରାଇସୁଆଁ ବଜାର ନିକଟରେ ଥିବା ଟେରା ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ନୁରୁଦ୍ଦିନ ଆନସାରି ଓ ଚାନ୍ଦିନୀ ବେଗମଙ୍କ ଦୁଇ ପୁଅ ଖୁସହାଲ (୧୨) ଏବଂ ଅମନ (୯)।



ସୂଚନାନୁସାରେ, ଝାଡ଼ଖଣ୍ଡ ରାଜ୍ୟ ଜାମତରା ଅଞ୍ଚଳର ନୁରୁଦ୍ଦିନ ରାଇସୁଆଁ ମୁସଲିମ ବସ୍ତିର ଚାନ୍ଦିନୀ ବେଗମଙ୍କୁ ବିବାହ କରିଥିଲେ। ଜୀବିକା ନିର୍ବାହ କରିବା ପାଇଁ ରାଇସୁଆଁ ନାଏକ ସାହିରେ ଥିବା ଏକ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ନୁରୁଦ୍ଦିନ ବାହାରକୁ ଯାଇଥିବା ବେଳେ ଘରେ ମା' ଓ ୨ ପୁଅ ଥିଲେ। ପୂର୍ବାହ୍ନ ୧୧ଟା ପାଖାପାଖି ଖୁସହାଲ ଓ ଅମନ ଘର ନିକଟସ୍ଥ ଟେରା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଭାରସାମ୍ୟ ହରାଇ ଦୁଇ ଭାଇ ପାଣିରେ ବୁଡ଼ି ଯାଇଥିଲେ। ପିଲାଦ୍ୱୟଙ୍କ ଘରକୁ ଫେରିବାରେ ବିଳମ୍ବ ହେବାରୁ ମା' ଚାନ୍ଦିନୀ ପୋଖରୀକୁ ଯାଇ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ବିଚଳିତ ହୋଇ ସେ ସେଠାରେ ଏଣେତେଣେ ବୁଲୁଥିବା ବେଳେ ଉପସ୍ଥିତ ଥିବା କିଛି ଯୁବକ ଗୋଟିଏ ଛୁଆକୁ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ସେହିପରି ଆଉ କିଛି ଦୂରରେ ଆଉ ଗୋଟିଏ ଛୁଆ ଭାସୁଥିବା ଦେଖି ତାଙ୍କୁ ମଧ୍ୟ ଉଦ୍ଧାର କରିଥିଲେ।

ଖବର ପାଇ ସଦର ଥାନା ପୁଲିସ ଖୁସହାଲ ଓ ଅମନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ, ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଏସ୍‌ଆଇ ପ୍ରବୋଧ ଚନ୍ଦ୍ର ମହାନ୍ତି ଶବ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଘଟଣାକୁ ନେଇ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିଛନ୍ତି। ୨୧୫ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଏହି ପୋଖରୀରୁ ମାଟି ନେବା ପାଇଁ ଏହାକୁ ଅତି ଗଭୀର ଖୋଳାଯାଇଛି। ଏହାଦ୍ୱାରା ଲୋକଙ୍କ ବ୍ୟବହାରରେ ସମସ୍ୟା ହେବା ସହିତ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ବୋମା ଖାଇ ଗୁରୁତର ହାତୀର ମୃତ୍ୟୁ

ଢେଙ୍କାନାଳ, ୧୦।୩ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ବାର୍‌ହା ଶିକାର ପାଇଁ ଖଞ୍ଜା ଯାଇଥିବା ବୋମା ଖାଇ ଅସୁସ୍ଥ ମାଇ ହାତୀର ମୃତ୍ୟୁ ଘଟିଛି। ବନ ବିଭାଗ ଟ୍ରାଙ୍କୁଲାଇଜ୍ କରି ମଧ୍ୟ ସଠିକ୍ ଭାବେ ଚିକିତ୍ସା ନ କରିବାରୁ ହାତୀଟିର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ

**ବାର୍‌ହା ଶିକାର ପାଇଁ ଖଞ୍ଜିଥିଲେ ଦୁର୍ବୃତ୍ତ**

ଅଭିଯୋଗ କରିଛନ୍ତି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ସୁନାଝରି ସଂରକ୍ଷିତ ଜଙ୍ଗଲରେ ସପ୍ତାହେ ପୂର୍ବରୁ ହାତୀଟି ଅସୁସ୍ଥ ହୋଇଥିଲା। ତେଣୁ, ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରାଯାଉଥିଲା। ମାତ୍ର ଟ୍ରାଙ୍କୁଲାଇଜ୍ ପରେ ସଠିକ୍ ଭାବେ ଚିକିତ୍ସା କରା ନଯାଇ ମୃତ୍ୟୁମୁଖକୁ ଠେଲି ଦିଆଗଲା ବୋଲି ଅଞ୍ଚଳବାସୀ କହିଛନ୍ତି। ଜିରାଳ ଫରେଷ୍ଟ ସେକ୍ସନ୍ ଅନ୍ତର୍ଗତ ପିପଳା ଗ୍ରାମ ବାସୁଆତଇଳା ନିକଟରେ ଥିବା ଜଙ୍ଗଲରେ ହାତୀର ମୃତଦେହ ଠାବ କରାଯାଇଛି।

ସୂଚନାନୁସାରେ, ୧୦ଦିନ ତଳେ ହାତୀଟି କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ଅଁଳାବେରେଣୀ ଫରେଷ୍ଟ ସେକ୍ସନରେ



ବାର୍‌ହା ପାଇଁ ଖଞ୍ଜା ଯାଇଥିବା ଏକ ବୋମାକୁ ଖାଇଦେଇଥିଲା। ଏଥିରେ ହାତୀଟିର ମୁହଁରେ ଗଭୀର ଆଘାତ ହୋଇଥିଲା। ବନବିଭାଗ ହାତୀର ଗତିବିଧିକୁ ନିରୀକ୍ଷଣ କରି ଦୁଇଦିନ ପରେ ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରିଥିଲା। ମାତ୍ର ହାତୀର ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ସଙ୍କଟାପନ୍ନ ହୋଇଥିବାବେଳେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ହାତୀକୁ ଭୁବନ ବନାଞ୍ଚଳକୁ ଘଉଡ଼ାଇ ଦେଇଥିଲେ। ଫଳରେ ହାତୀଟି ଭୁବନ ବନାଞ୍ଚଳ ଜିରାଳ ଫରେଷ୍ଟ ସେକ୍ସନ ଅଞ୍ଚଳରେ କିଛି ଦିନ ଧରି ବୁଲୁଥିଲା। ଆଜି ତା'ର ମୃତ୍ୟୁ ହୋଇଯାଇଛି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଓ ଭୁବନ ରେଞ୍ଜ ଅଧିକାରୀଙ୍କ ଅବହେଳା ଯୋଗୁଁ ହାତୀର ଅଧିକ ଚିକିତ୍ସା କରାଯାଇ ନଥିବା ବେଳେ ହାତୀଟିର ଏଭଳି ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ହେଉଛି। ମୃତ ହାତୀଟିର ବୟସ ୮ରୁ ୯ବର୍ଷ ହୋଇଥିବା ବେଳେ ବାସୁଆତଇଳା ନିକଟରେ ଥିବା ଜଙ୍ଗଲରେ ହାତୀକୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଛି। ସରକାର ହାତୀ ସୁରକ୍ଷା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବନବିଭାଗର ରେଞ୍ଜର, ଅନ୍ୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ନିରୀହ ହାତୀର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ହେଉଛି।

## ନ୍ୟାୟ ସଂହିତା କାର୍ଯ୍ୟକାରିତା: ୩ ମାସରେ ୧୪ରୁ ୨୮ତମ ସ୍ଥାନକୁ ଖସିଲା ଓଡ଼ିଶା

### ନୈତିକ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି


ଭୁବନେଶ୍ୱର,୧୦।୩(ସମିସ): ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତାରେ ଓଡ଼ିଶା ପଛରେ ପଡିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡି। ବିଜେପି କ୍ଷମତାସୀନ ହେବା ପରଠାରୁ ରାଜ୍ୟର ଆଇନ ଶୃଙ୍ଖଳା ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇପଡୁଛି। ନ୍ୟାୟ ସଂହିତା କାର୍ଯ୍ୟକାରିତା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଢେର ପଛରେ ରହିବା, ରାଜ୍ୟ ସରକାରଙ୍କ ବିଫଳତା ଜଳ ଜଳ ହୋଇ ଦିଶୁଛି ବୋଲି ବିଜେଡି କହିଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ନ୍ୟାୟ ସଂହିତା କାର୍ଯ୍ୟକାରୀ କ୍ଷେତ୍ରରେ ଜାତୀୟ ରାଙ୍କିଙ୍ଗରେ ଗତ ନଭେମ୍ବର ମାସରେ ଓଡ଼ିଶା ୧୪ତମ ସ୍ଥାନରେ ଥିବାବେଳେ ଗତ ୩ ମାସରେ ୨୮ତମ ସ୍ଥାନକୁ ଖସି ଆସିଛି। ୨୦୨୬ ଫେବୃଆରୀର




ରିପୋର୍ଟ ଅନୁଯାୟୀ ଜାତୀୟ ହାର ୬୦.୩୫ ଥିଲାବେଳେ ଓଡ଼ିଶା ଏହାଠାରୁ ୮ ପଏଣ୍ଟ ପଛରେ ରହିଛି। ପୂର୍ବରୁ ୧୪ତମ ସ୍ଥାନରେ ଥିବା ଓଡ଼ିଶା ଉପରକୁ ଉଠିବା ପରିବର୍ତ୍ତେ ମାତ୍ର ୩ ମାସରେ ୧୪ଟି ରାଜ୍ୟର ପଛକୁ ଚାଲିଯିବା ରାଜ୍ୟର ପୁଲିସ ବିଭାଗର ଅପାରଗତା ସହିତ ରାଜ୍ୟ ସରକାରଙ୍କ ଗୃହ ବିଭାଗର ବିଫଳତାକୁ ପଦାରେ ପକାଇଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ବିଜେଡି ବାରମ୍ବାର ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରାଭଙ୍ଗ ହେଉନଥିଲା। ଯାହାଫଳରେ ଓଡ଼ିଶା ଆଜି ୨୮ତମ ସ୍ଥାନକୁ ଖସିଆସିଲା। ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ସମୟରେ ବାସ୍ତବରେ ସମସ୍ତ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ନିମ୍ନଗାମୀ ହୋଇଛି। ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥିବା ସହିତ ଗୃହ ବିଭାଗର ଦାୟିତ୍ୱ ମଧ୍ୟ ତାଙ୍କ ଅଧୀନରେ ରହିଛି। କିନ୍ତୁ ଗତ ୧୮ ମାସରେ ଆଦିବାସୀ ନିର୍ଯାତନା ମାମଲା ଅହେତୁକ ବୃଦ୍ଧି ପାଇଛି। ଏନସିଆରବି ତଥ୍ୟ ଅନୁଯାୟୀ, ଓଡ଼ିଶାର ଆଦିବାସୀ ନିର୍ଯାତନା ମାମଲା ସଂଖ୍ୟା ୭୭୩ ଥିବାବେଳେ ଗତ ୧୮ ମାସରେ ୨୪୮୩ଟି ମାମଲା ହୋଇଛି। ଯାହା ରାଜ୍ୟର କରୁଣ ସ୍ଥିତିକୁ ଦର୍ଶାଉଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ପ୍ରସଙ୍ଗରେ ନିକଟରେ ପ୍ରକାଶିତ ରିପୋର୍ଟ ରାଜ୍ୟ ସରକାରଙ୍କ ଗୃହ ବିଭାଗର ବିଫଳତାକୁ ପଦାରେ ପକାଇଥିବାରୁ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୨.୩୩ ● ପାଉଣ୍ଡ ୧୨୩.୮୨
- ୟୁରୋ ୧୦୭.୦୯ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୮,୮୫୦ (ନୂଆଦିଲ୍ଲୀ)
- ରୁପା : ୨,୯୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)


- ସେନ୍‌ସେକ୍ସ ୭୮,୨୦୫.୦୦
- ନିଫ୍ଟି ୨୪,୨୬୧.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଚାରିଆଡ଼େ ରନ୍ଧନ ଗ୍ୟାସ୍ ଭାଳେଣି

## ଏଲ୍‌ପିଜି ସିଲିଣ୍ଡର ପାଇଁ ଏଜେନ୍ସି ଆଗରେ ଲମ୍ବା ଲାଇନ୍



### ଲାଗିଲା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ

### ଅନେକ ରାଜ୍ୟରେ ବାଣିଜ୍ୟିକ ଗ୍ୟାସ୍ ଯୋଗାଣ ବନ୍ଦ

### ଯୋଗାଣ ସୁନିଶ୍ଚିତ ପାଇଁ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ହାରୋର ଚିଠି

ନୂଆଦିଲ୍ଲୀ,୧୦।୩(ଏଜେନ୍ସି): ଇରାନ ଯୁଦ୍ଧରେ ଭାରତରେ ରନ୍ଧନ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ଦେଶର ଅଧିକାଂଶ ଭାଗରେ ଏଲପିଜି ସିଲିଣ୍ଡରର ଅଭାବ ଦେଖାଦେଇଛି। ସୋମବାର ସରକାର ଏଲପିଜି ରନ୍ଧନ ଗ୍ୟାସ୍ ବୁକିଂ ନିୟମରେ ପରିବର୍ତ୍ତନ ପୂର୍ବକ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରିବା ପରେ ସାରା ଦେଶରେ ଏଲ୍‌ପିଜି ସିଲିଣ୍ଡର ଉପଲବ୍ଧତାକୁ ନେଇ ଭାଳେଣି ପଡିଯାଇଛି। ଓଡ଼ିଶାରେ ବି ଖାଉଟିଙ୍କ ମଧ୍ୟରେ ରନ୍ଧନ ଗ୍ୟାସ୍ ସଙ୍କଟ ଜୋରଦାର ଅନୁଭୂତ ହୋଇଛି। ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି କଟକ, ବ୍ରହ୍ମପୁର, ଜୟପୁର, ସମ୍ବଲପୁର, ରାଉରକେଲା, ଯାଜପୁର ଏବଂ ବାଲେଶ୍ୱର ଭଳି ପ୍ରମୁଖ ସହରଗୁଡିକରେ ରନ୍ଧନ ଗ୍ୟାସ୍ ଅଭାବ ନେଇ ଲୋକଙ୍କ ମଧ୍ୟରେ ଖବର ଜୋରସୋର ପ୍ରସାରିତ ହୋଇଯାଇଥିଲା। ଏମିତିକି ମଙ୍ଗଳବାର ସକାଳୁ ସକାଳୁ ଗ୍ୟାସ୍ ଏଜେନ୍ସିଗୁଡିକ ଆଗରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଗ୍ୟାସ୍ ଅଭାବକୁ ଦେଖି ଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ସମେତ ଅନେକ ରାଜ୍ୟ ଅସ୍ଥାୟୀ ଭାବରେ ବାଣିଜ୍ୟିକ ଗ୍ୟାସ୍ ଯୋଗାଣ ବନ୍ଦ କରିବାକୁ ବାଧ ହୋଇଛନ୍ତି। ଏଭଳି ପରିସ୍ଥିତିରେ ଘରୋଇ ରନ୍ଧନ ଗ୍ୟାସ (ଏଲପିଜି)ର ଯୋଗାଣର ସୁପରିଚାଳନା ସୁନିଶ୍ଚିତ କରିବା ପାଇଁ ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ (ଇସେନ୍‌ସିଆଲ କମୋଡିଟିଜ୍ ଆକ୍ଟ) ଲାଗୁ କରିଛନ୍ତି। ଏହି ଆଇନ ଅଧୀନରେ, ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପାନୀଗୁଡ଼ିକୁ ଏଲପିଜି ଉତ୍ପାଦନ ବୃଦ୍ଧି କରିବାକୁ ଏବଂ ଏଲପିଜି ଉତ୍ପାଦନ ପାଇଁ କିଛି ହାଇଡ୍ରୋକାର୍ବନ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ରନ୍ଧନ ଗ୍ୟାସ୍ ଅଭାବ ଯୋଗୁ କେତେକ ରାଜ୍ୟରେ ଛୋଟ ଛୋଟ ରେସ୍ତୋରାଁ ଏବଂ ହୋଟେଲ୍ ବନ୍ଦ ହୋଇଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ନିକଟରେ କେନ୍ଦ୍ର ସରକାର ଘରୋଇ ଏଲ୍‌ପିଜି ସିଲିଣ୍ଡର ପିଛା ମୂଲ୍ୟ ୬୦ ଟଙ୍କା ବୃଦ୍ଧି କରିଥିଲେ।

ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ ହେବା ପରେ ୪ଟି ବର୍ଗରେ ଗ୍ୟାସ୍ ଆବଣ୍ଟନ ହେବ। ଏହାର ପ୍ରଥମ ବର୍ଗରେ ଘରକୁ ରନ୍ଧନ ଗ୍ୟାସ୍ ଉପଭୋକ୍ତା ରହିଛନ୍ତି। ଏହି ବର୍ଗରେ ରନ୍ଧନ ଗ୍ୟାସ ଏବଂ ଯାନରେ ବ୍ୟବହୃତ ସିଏନ୍‌ଜି ଯୋଗାଣ ରହିଛି। ଏପରି ଗ୍ରାହକଙ୍କୁ ପୂର୍ବ ପରି ସମ୍ପୂର୍ଣ୍ଣ ଗ୍ୟାସ ଯୋଗାଣ ଜାରି ରହିବ।ଦ୍ୱିତୀୟ ବର୍ଗରେ ସାର କାରଖାନାଗୁଡ଼ିକ ସେମାନଙ୍କର ଗ୍ୟାସ ଯୋଗାଣର ପ୍ରାୟ ୭୦% ମିଳିବ। ତେବେ ସେମାନଙ୍କୁ ପ୍ରମାଣ କରିବାକୁ ପଡିବ ଯେ ଏହି ଗ୍ୟାସ ସାର ଉତ୍ପାଦନ ପାଇଁ ହିଁ ବ୍ୟବହୃତ ହେବ।ତୃତୀୟ ବର୍ଗ (ବୃହତ୍ ଶିଳ୍ପ)। ବୃହତ୍ ଶିଳ୍ପ ବର୍ଗରେ ନ୍ୟାସ୍‌ନାଲ ଗ୍ରୀଡ୍ ସହ ଜଡ଼ିତ ଚା’ କାରଖାନା ଏବଂ ଅନ୍ୟାନ୍ୟ ବଡ଼ ଶିଳ୍ପଗୁଡ଼ିକ ସେମାନଙ୍କର ଗ୍ୟାସ ଆବଶ୍ୟକତାର ପ୍ରାୟ ୮୦% ପାଇବେ। ଚତୁର୍ଥ ବର୍ଗରେ (କ୍ଷୁଦ୍ର ବ୍ୟବସାୟ ଏବଂ ହୋଟେଲ) ସହର ଗ୍ୟାସ ନେଟୱାର୍କ ସହିତ ସଂଯୁକ୍ତ ଛୋଟ କାରଖାନା, ହୋଟେଲ ଏବଂ ରେସ୍ତୋରାଁଗୁଡିକ ମଧ୍ୟ ସେମାନଙ୍କର ଗ୍ୟାସ ବ୍ୟବହାରର ପ୍ରାୟ ୮୦% ପାଇବେ।

ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ ପ୍ଲାଣ୍ଟଗୁଡ଼ିକ ଆଉ ପେଟ୍ରୋକେମିକାଲ୍ ଉତ୍ପାଦ କିମ୍ବା ଅନ୍ୟାନ୍ୟ ଶିଳ୍ପ ଉଦ୍ଦେଶ୍ୟରେ ଗ୍ୟାସ୍ ବ୍ୟବହାର କରିପାରିବେନାହିଁ। ଏହାର ଅର୍ଥ ହେଉଛି ଏହି ଗ୍ୟାସଗୁଡ଼ିକୁ ସିଧାସଳଖ ଏଲପିଜି ଉତ୍ପାଦନ ପାଇଁ ବ୍ୟବହାର କରାଯିବ, ଯାହା ଘରେ ରୋଷେଇ ଗ୍ୟାସର ନିରାପଦ ଯୋଗାଣ ସୁନିଶ୍ଚିତ କରିବ। ଏହା ବ୍ୟତୀତ, ସରକାର କହିଛନ୍ତି ଯେ ଏଲପିଜି ଭାରତରେ ଏକ ଅତ୍ୟାବଶ୍ୟକ ରୋଷେଇ ଇନ୍ଧନ, ଏବଂ ଏହାର ସ୍ଥିର ଉପଲବ୍ଧତା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହିତ ତୈଳ ବିପଣନ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ବ୍ୟବସ୍ଥା ଅନୁଯାୟୀ କେବଳ ଘରୋଇ ଗ୍ରାହକମାନଙ୍କୁ ଏଲପିଜି ଯୋଗାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସରକାରଙ୍କର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ରହିବ ବୋଲି ସରକାର କହିଛନ୍ତି।

## ହୋଟେଲ ଓ ରେସ୍ତୋରାଁକୁ ଯୋଗାଣ ଜାରି ରଖିବାକୁ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ହାରୋର ଚିଠି

ଭୁବନେଶ୍ୱର,୧୦।୩(ସମିସ): ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ସୃଷ୍ଟି ସଙ୍କଟ ଯୋଗୁ ଦେଶର ଅନେକ ମହାନଗରରେ ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକୁ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଯୋଗାଣରେ ପ୍ରତିବନ୍ଧକ ଲାଗିଛି। ଏପରି ବାଧାଗୁଡ଼ିକ ଆତିଥେୟତା ଶିଳ୍ପ ପାଇଁ ଗମ୍ଭୀର ପରିଚାଳନା ଗତ ଆହ୍ୱାନ ସୃଷ୍ଟି କରୁଛି। ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକ ସେମାନଙ୍କର ଦୈନନ୍ଦିନ ରୋଷେଇ କାର୍ଯ୍ୟ ପାଇଁ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ନିରବଚ୍ଛିନ୍ନ ଯୋଗାଣ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ଯୋଗାଣରେ ହଠାତ୍ ବାଧା ଅନେକ ପ୍ରତିଷ୍ଠାନରେ ଖାଦ୍ୟ ପ୍ରସ୍ତୁତି ଏବଂ ସେବାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଯଦି ପରିସ୍ଥିତି ଜାରି ରହେ, ତେବେ ଏହା ହୋଟେଲ କାର୍ଯ୍ୟ ବନ୍ଦ କରିବା, ବୁକିଂ ବାତିଲ କରିବା ଏବଂ ପର୍ଯ୍ୟଟକ ଏବଂ ପରିଦର୍ଶକଙ୍କ ପାଇଁ ଗମ୍ଭୀର ଅସୁବିଧା ସୃଷ୍ଟି କରିପାରେ ବୋଲି ହୋଟେଲ ଆଣ୍ଡ ରେସ୍ତୋରାଁ ଆସୋସିଏସନ୍ ଅଫ୍ ଓଡ଼ିଶା (ହାରୋ) ପକ୍ଷରୁ କୁହାଯାଇଛି। ଏଲପିଜି ଯୋଗାଣ ଭଳି ଅତ୍ୟାବଶ୍ୟକୀୟ ସେବାରେ ଯେ କୌଣସି ବାଧା ସିଧାସଳଖ ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକର ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାର କ୍ଷମତାକୁ ପ୍ରଭାବିତ କରେ। ଏହା କେବଳ ଗନ୍ତବ୍ୟସ୍ଥଳଗୁଡ଼ିକର ଖ୍ୟାତିକୁ ପ୍ରଭାବିତ କରେ ନାହିଁ ବରଂ ଦେଶର ସାମଗ୍ରିକ ପର୍ଯ୍ୟଟନ ଅଭିଜ୍ଞତାକୁ ମଧ୍ୟ ପ୍ରତିକୂଳ ଭାବରେ ପ୍ରଭାବିତ କରିପାରେ।

ଏହା ବ୍ୟତୀତ,ଏଭଳି ସ୍ଥିତି ହୋଟେଲ ଏବଂ ରେସ୍ତୋରାଁ ଶିଳ୍ପର ହଜାର ହଜାର କର୍ମଚାରୀଙ୍କୁ ଜୀବିକାକୁ ପ୍ରଭାବିତ କରିବ। ତେଣୁ ସରକାର ଦେଶବ୍ୟାପୀ ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକୁ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ନିରବଚ୍ଛିନ୍ନ ଯୋଗାଣ ପୁନଃସ୍ଥାପନ ଏବଂ ନିଶ୍ଚିତ କରିବା ପାଇଁ ହାରୋ ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଛି।

## କମାଣ୍ଡ କଣ୍ଟ୍ରୋଲ ରୁମ୍ ପରିଚାଳନାରେ ବେଦାନ୍ତ ଆଲୁମିନିୟମ୍‌ର ମହିଳା ଟିମ୍ ନିୟୋଜିତ



ଭୁବନେଶ୍ୱର, ୧୦।୩(ସମିସ): ବେଦାନ୍ତ ଆଲୁମିନିୟମ୍ ଏହାର ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀରେ ବିତରିତ ନିୟନ୍ତ୍ରଣ ପ୍ରଣାଳୀର ନେତୃତ୍ୱ ନେବା ପାଇଁ ଏକ ସମସ୍ତ ମହିଳା ଟିମ୍‌କୁ ନିୟୋଜନ କରିଛି। ୪୦ ଜଣ ପ୍ରଶିକ୍ଷିତ ମହିଳା ବୃତ୍ତିଗତଙ୍କ ଏକ ଟିମ୍ ଏବେ ରିଫାଇନାରୀରକୁ ପରିଚାଳନା କରିବେ, ଯାହାକି ପ୍ଲାଣ୍ଟ ପରିଚାଳନାର ସବୁଠାରୁ ଜଟିଳ ଏବଂ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହି ପଦକ୍ଷେପ ସାରା ଦେଶରେ ମୁଖ୍ୟ ଶିଳ୍ପ ଏବଂ ପ୍ରକ୍ରିୟା ନିୟନ୍ତ୍ରଣ ଭୂମିକାରେ ମହିଳା ପ୍ରତିନିଧିତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଡିଜିଟାଲ୍ କାର୍ଯ୍ୟରେ ମହିଳାମାନଙ୍କୁ ସ୍ଥାନିତ କରି ବେଦାନ୍ତ ଆଲୁମିନିୟମ୍ ଏକ ଅନ୍ତର୍ଭୁକ୍ତ ଶିଳ୍ପ କର୍ମଶକ୍ତି ଗଠନ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ଏହି ମାଇଲଖୁଣ୍ଟ ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜୀବ କୁମାର କହିଛନ୍ତି ବେଦାନ୍ତ ଆଲୁମିନିୟମ୍‌ରେ, ଉଚ୍ଚ-ଦକ୍ଷ ଶିଳ୍ପ ଭୂମିକାର ନେତୃତ୍ୱ ନେବା ପାଇଁ ମହିଳାଙ୍କୁ ସଶକ୍ତ କରିବା ଏକ ପଦକ୍ଷେପ। ଅଧିକ ମହିଳା କମାଣ୍ଡ ସେଣ୍ଟର, ସ୍ମେଲଟର, ଲୋକୋମୋଟିଭ୍ ଏବଂ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରୁଥିବାରୁ ଆମେ ଏକ ଉତ୍ପାଦନ ଇକୋସିଷ୍ଟମ ଗଠନ କରୁଛୁ ଯେଉଁଠାରେ ଲିଙ୍ଗ ଉତ୍କର୍ଷତା ପାଇଁ କୌଣସି ପ୍ରତିବନ୍ଧକ ନୁହେଁ।

## ଇଣ୍ଡିଗୋ ସିଇଓ ପଦରୁ ପିଟର ଏଲବର୍ସଙ୍କ ଇସ୍ତଫା

ମୁମ୍ବାଇ,୧୦।୩(ଏଜେନ୍ସି): ଇଣ୍ଡିଗୋ ଏୟାରଲାଇନ୍ସର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ପିଟର ଏଲବର୍ସ ମଙ୍ଗଳବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଡିସେମ୍ବର ମାସରେ ଏୟାରଲାଇନ୍ସର ସଞ୍ଚାଳନ ସମସ୍ୟା ଉପୁଜିବା ପରେ ଏବେ ତାଙ୍କର ଇସ୍ତଫା ପ୍ରଥମ ବଡ଼ ପଦକ୍ଷେପ। ଏହି ସମସ୍ୟା ଯୋଗୁ ଯାତ୍ରୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବାବେଳେ ଏହା ନିୟାମକୀୟ ଯାଞ୍ଚର ବିଷୟ ପାଲଟିଥିଲା। ଏୟାରଲାଇନ୍ସ କହିଛି ଯେ ଯେଉଁ ପର୍ଯ୍ୟନ୍ତ ଏହି ପଦବୀ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ ଏହି ପଦରେ ଦାୟିତ୍ୱ ତୁଲାଇବେ। ଏୟାରଲାଇନ୍ସ ପକ୍ଷରୁ ଏକ ବୟାନରେ କୁହାଯାଇଛି ଯେ, କମ୍ପାନୀ ନିର୍ଦ୍ଦେଶକମଣ୍ଡଳୀ ବୈଠକରେ ଅନ୍ୟ ପ୍ରସଙ୍ଗ ସହିତ ସିଇଓ ପିଟର ଏଲବର୍ସଙ୍କ ଇସ୍ତଫା ଉପରେ ଧ୍ୟାନ ଦିଆଯାଇଥିଲା।

## ହର୍ମୁଜ୍‌ରେ ଅଟକିଛି ୩୭ ଭାରତୀୟ ଜାହାଜ

ନୂଆଦିଲ୍ଲୀ,୧୦।୩(ଏଜେନ୍ସି): ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧରେ ଭାରତକୁ ବଡ଼ ଝଟ୍‌କା ଲାଗିଛି। କାରଣ ହର୍ମୁଜ୍ ପ୍ରଣାଳୀ ନିକଟରେ ଅନେକ ଭାରତୀୟ ଜାହାଜ ଫସିରହିଛି। ଏହା କାର୍ଗୋ ସୁରକ୍ଷା, କ୍ରୁ ସୁରକ୍ଷା ଏବଂ ଶକ୍ତି ଯୋଗାଣ ସମ୍ପର୍କରେ ଚିନ୍ତା ସୃଷ୍ଟି କରିଥିବା ଏକ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ପ୍ରାୟ ୩୭ଟି ଭାରତୀୟ ଜାହାଜ ବର୍ତ୍ତମାନ ଏହି ରୁଟ୍‌ରେ ଫସିରହିଛି, ଯେଉଁଥିରେ ୧୦,୦୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ପାଣ୍ୟ ରହିଛି। ଏହି ଜାହାଜଗୁଡ଼ିକ ମଧ୍ୟରୁ ଅନେକ ତେଲ କିମ୍ବା ଗ୍ୟାସ ପରିବହନ କରୁଛନ୍ତି। ଭାରତୀୟ ଜାତୀୟ ଜାହାଜ ମାଲିକ ସଂଘ (ଆଇଏନ୍‌ଏସ୍‌ଏ) ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟକୁ ଚିଠି ଲେଖି ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛି। ଜାହାଜଗୁଡ଼ିକର ଫସି ରହିବାର କାରଣ ହେଉଛି, ଜରୁରୀ ଜାହାଜ ଚଳାଚଳ ମାର୍ଗକୁ କ୍ଲାଉଡ୍ ଷ୍ଟାଇଲ୍ କ୍ଲୋଜର ବ୍ୟବସ୍ଥାରେ ବନ୍ଦ କରାଯାଇଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଜାହାଜ ମାଲିକ ସଂଘ ସରକାରଙ୍କୁ ଚୀନ୍ ଏବଂ ଇରାନୀ ଜାହାଜଗୁଡ଼ିକ ଏବେ ବି ଏହି ପ୍ରଣାଳୀ ଦେଇ ମାଲ ପରିବହନ କରୁଥିବା କହିଛି। ତେଣୁ ଏବେ ଭାରତୀୟ ଅପରେଟରମାନଙ୍କ ମଧ୍ୟରେ ହରମୁଜ୍ ପ୍ରଣାଳୀ ଦେଇ ମାଲ ପରିବହନ ନିରାପଦ କି ନାହିଁ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।



### ଇରାନ ଯୁଦ୍ଧରେ ଭାରତକୁ ବଡ଼ ଝଟ୍‌କା

### ୧୦,୦୦୦ କୋଟିରୁ ଅଧିକ ମୂଲ୍ୟର ମାଲ ପରିବହନ ବାଧାପ୍ରାପ୍ତ

### ହସ୍ତକ୍ଷେପ କରିବାକୁ ଜାହାଜ ମାଲିକ ସଂଘର ଅନୁରୋଧ

ସଂଘ ଚେତାବନୀ ଦେଇଛି ଯେ ଏହି ପରିସ୍ଥିତି ଭାରତର ଇନ୍ଧନ ଯୋଗାଣକୁ ପ୍ରଭାବିତ କରିପାରେ। ଭାରତର ପ୍ରାୟ ୮୫% ଏଲପିଜି ଆମଦାନୀ ହର୍ମୁଜ୍ ପ୍ରଣାଳୀ ଦେଇ ହୋଇଥାଏ। ଏହାର ଅର୍ଥ ହେଉଛି ଯେ ଦୀର୍ଘ ସମୟ ଧରି ଅବରୋଧ ଯୋଗୁଁ ଯୋଗାଣ ବାଧାପ୍ରାପ୍ତ ହୋଇପାରେ। ସଂଘ ମଧ୍ୟ ସରକାରଙ୍କୁ ଭାରତୀୟ ପତାକା ଜାହାଜ ଏବଂ କ୍ରୁ ସଦସ୍ୟଙ୍କ ସୁରକ୍ଷା ପାଇଁ ନିରାପଦ ପଥ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି। ସଂଘ ଅନୁଯାୟୀ, ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୩ଟି ଭାରତୀୟ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି। ଗୋଟିଏ ଜାହାଜ କ୍ଷେପଣାସ୍ତ୍ର ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛି। ଲଏଡ୍ସ ଲିଷ୍ଟ ଇଣ୍ଟେଲିଜେନ୍ସ ଅନୁଯାୟୀ, ପ୍ରାୟ ୨୦୦ ତୈଳ ଟ୍ୟାଙ୍କର ବର୍ତ୍ତମାନ ଉପସାଗରୀୟ ଜଳ ରାଶିରେ ଫସିରହିଛି। ଆଇଏନ୍‌ଏସ୍‌ଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅନିଲ ଦେବଲି କହିଛନ୍ତି ଯେ ପ୍ରାୟ ୪୦୦ ଭାରତୀୟ ନାବିକ ବର୍ତ୍ତମାନ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଭାରତୀୟ ପତାକାଯୁକ୍ତ ତୈଳ ଟ୍ୟାଙ୍କର ଏବଂ ଗ୍ୟାସ୍ ବାହକରେ ଅଛନ୍ତି।

ହରମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ପରିବହନ ମାର୍ଗ ମଧ୍ୟରୁ ଗୋଟିଏ। ବିଶ୍ୱ ତୈଳ ଏବଂ ଗ୍ୟାସ ରପ୍ତାନିର ପ୍ରାୟ ୨୦% ଓମାନ ଏବଂ ଇରାନ ମଧ୍ୟରେ ଥିବା ଏହି ସଂକୀର୍ଣ୍ଣ ପ୍ରଣାଳୀ ଦେଇ ହୋଇଥାଏ। ଭାରତର ପ୍ରାୟ ୪୦% ଅଶୋଧିତ ତୈଳ ଆମଦାନୀ ଏବଂ ୫୦% ରୁ ଅଧିକ ଏଲ୍‌ଏନ୍‌ଜି ଆମଦାନୀ ଏହି ମାର୍ଗ ଦେଇ ହୋଇଥାଏ। ଯୁଦ୍ଧ ଯୋଗୁଁ ପରିବହନ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ହରମୁଜ୍ ପ୍ରଣାଳୀ ଦେଇ ପରିବହନ କରୁଥିବା ଜାହାଜ ପାଇଁ ଯୁଦ୍ଧ-ଭିତ୍ତିକ ବୀମା ପ୍ରିମିୟମ୍ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଦେବଲି ଚେତାବନୀ ଦେଇଛନ୍ତି ଯେ ବୀମା ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୋଇପାରେ। ସେ ଆହୁରି ମଧ୍ୟ କହିଛନ୍ତି, ମାଲ ପରିବହନ ହାର ପୂର୍ବରୁ ବୃଦ୍ଧି ପାଇଛି। ଅନେକ ଅପରେଟର ନୂତନ ଅର୍ଡର ନେବାକୁ ସଙ୍କେତ କରୁଛନ୍ତି। ହରମୁଜ୍ ପ୍ରଣାଳୀ ଅବରୋଧ ହେବା ଭାରତୀୟ ରପ୍ତାନି ଉପରେ ମଧ୍ୟ ପ୍ରଭାବ ପକାଉଛି। ମଧ୍ୟ ଏସୀୟ ଦେଶଗୁଡ଼ିକୁ କୋଟି କୋଟି ଡଲାର ମୂଲ୍ୟର ଭାରତୀୟ ରପ୍ତାନି ବନ୍ଦର କିମ୍ବା ଜାହାଜରେ ଅଟକି ରହିଛି।

ଅପରପକ୍ଷେ ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ତୈଳ ମୂଲ୍ୟରେ ତୀବ୍ର ପରିବର୍ତ୍ତନ ମଧ୍ୟ ଆସିଛି। ଉପସାଗରୀୟ ଅଞ୍ଚଳରୁ ତୈଳ ରପ୍ତାନିରେ ବାଧା ସୃଷ୍ଟି ହେବାର ଆଶଙ୍କା ମଧ୍ୟରେ ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପ୍ରତି ପ୍ରତି ବ୍ୟାରେଲ ୧୨୦ ହଲାର ପାଖାପାଖି ପହଞ୍ଚିଥିଲା। ହେଲେ ଆଜି ଏହାର ମୂଲ୍ୟ ପ୍ରାୟ ବ୍ୟାରେଲ ପିଛା ୯୨-୯୫ ଡଲାରକୁ ହ୍ରାସ ପାଇଛି।

## ପଙ୍କଜ ତ୍ରିପାଠୀ ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସର ବ୍ରାଣ୍ଡ ଆମ୍ବାସାଡର୍

ଭୁବନେଶ୍ୱର,୧୦।୩(ସମିସ): ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ବିଶିଷ୍ଟ ଅଭିନେତା ପଙ୍କଜ ତ୍ରିପାଠୀଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯିବା ସହ ଏହାର ନୂଆ ବ୍ରାଣ୍ଡ ଅଭିଯାନ ‘ଚୁନିୟେ ଭରୋସା, ଆପ୍‌ନୋ ସା’ ଉନ୍ମୋଚନ କରାଯାଇଛି। ପଙ୍କଜ ନିଜର ବିଶ୍ୱସନୀୟତା ପାଇଁ ଓ ସେହିପରି କମ୍ପାନି ବିଶ୍ୱାସ ଓ ସ୍ୱଚ୍ଛତା ପାଇଁ ପରିଚିତ ଥିବା ବେଳେ ଏହି ସହଯୋଗିତା ଉଭୟ ଗୁଣର ମିଶ୍ରଣ କରିଛି। ପଙ୍କଜଙ୍କ ଅମାୟିକ ବ୍ୟକ୍ତିତ୍ୱ ତାଙ୍କୁ ବ୍ରାଣ୍ଡର ମୂଳ ପ୍ରତିଶ୍ରୁତି ବିଶ୍ୱାସର ପ୍ରତୀକ ଭାବେ ଉଭା କରିଛି। ବ୍ରାଣ୍ଡର ନୂଆ ଅଭିଯାନ “ଚୁନିୟେ ଭରୋସା, ଆପ୍‌ନୋ ସା” ଅଭିଯାନ ପରିବାର ସୁରକ୍ଷାର ବିଶ୍ୱସନୀୟ ସାଥୀର ପ୍ରତିଶ୍ରୁତି ଉପରେ ଆଲୋକପାତ କରୁଛି। ଏହି ଅଭିଯାନ ସେହି ସାମାଜିକ ପ୍ରତିଶ୍ରୁତି ଉପରେ ନିର୍ଭରଶୀଳ ଯାହା ଦୃଷ୍ଟି ଅନ୍ତୁଆଳରେ ନିରବଭାବେ, ନିତିଦିନିଆ ଆବଶ୍ୟକ କରୁଥିବା ଯତ୍ନ ତଥା ଛୋଟ ପଦକ୍ଷେପ ଓ ନିରନ୍ତର ଆଚରଣ ଦ୍ୱାରା ଗଠିତ ଯାହା ଦାୟିତ୍ୱବୋଧ, ସୁରକ୍ଷା ଓ ଅତୁଟ ସମ୍ପର୍କକୁ ପ୍ରତିଫଳିତ କରୁଛି।

## ସି. ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ‘ବିଦ୍ୟାନ୍ତିକ-୨୦୨୬’



ଭୁବନେଶ୍ୱର,୧୦।୩(ସମିସ): ଭୁବନେଶ୍ୱରସ୍ଥିତ ସି. ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ସିଜିୟୁ) ରେ ବିଶ୍ୱବିଦ୍ୟାଳୟର ଟେକ୍ନିକାଲ୍ କାର୍ଯ୍ୟକ୍ରମ “ବିଦ୍ୟାଧିକ ୨୦୨୬’ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରୋବୋଟିକ୍ସ, ସାଇବର ସୁରକ୍ଷା,ଇଲେକ୍ଟ୍ରୋନିକ୍ସ, ସଫ୍ଟୱେର ଡିଭେଲପମେଣ୍ଟ, ଡିଜାଇନ୍, ସିଭିଲ୍ ଇଞ୍ଜିନିୟରିଂ ଓ ସଷ୍ଟେନେବଲ୍ ଇନୋଭେସନ୍ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଆଧୁନିକ ପ୍ରଯୁକ୍ତିର ବିଭିନ୍ନ ପ୍ରାଙ୍ଗଣକୁ ଅନୁଭବ କରିବାର ସୁଯୋଗ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ‘ସିଫା’ ର ନିର୍ଦ୍ଦେଶକ ଡଃ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଜିୟୁର ଭାଇସ ଚାନ୍‌ସେଲର ପ୍ରଫେସର ବଂଶୀଧର ମାଝୀ ଏପରି ଟେକ୍ନିକାଲ୍ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ସମସ୍ୟା ସମାଧାନ କୁଶଳତା, ଦଳୀୟ କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିଗତ ପ୍ରତିଭାକୁ ଉନ୍ନତ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରୋ- ଭାଇସ ଚାନ୍‌ସେଲର ଡଃ ଗୁଡ଼ା ଶ୍ରୀଦେବୀ ଏବଂ ସିଜିୟୁ ଛାତ୍ର କଲ୍ୟାଣ ଡିନ୍ ଡଃ ରୁଦ୍ର ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ।

## ମାର୍ଚ୍ଚ ୧୪ରେ ଟିପିସିଓଡିଏଲ୍‌ର ଲୋକ ଅଦାଲତ

ଭୁବନେଶ୍ୱର,୧୦।୩(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ପକ୍ଷରୁ ବିଦ୍ୟୁତର ଅନଧିକୃତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ମାର୍ଚ୍ଚ ୧୪ରେ ଏହାର ସମସ୍ତ ସେବା ଯୋଗାଣ ଅଞ୍ଚଳରେ ୨୦୨୬ ବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଅନୁଷ୍ଠିତ ହେବ। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା) ର ରୂପରେଖ ଅଧୀନରେ ବିବାଦର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଲୋକ ଅଦାଲତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ, ଯେଉଁଠାରେ ଉପଭୋକ୍ତାମାନଙ୍କୁ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ପାଇଁ ପୁରା ଦିନ ତତ୍କାଳ ସହାୟତା ପ୍ରଦାନ କରାଯିବ। ୨୦୨୬ର ଏହା ପ୍ରଥମ ଲୋକ ଅଦାଲତ ହୋଇଥିବାରୁ, ଭବିଷ୍ୟତର ଆଇନଗତ କିମ୍ବା ଆର୍ôଥକ ଜଟିଳତାରୁ ବଞ୍ଚିବା ଏବଂ ଏକ ସ୍ୱଚ୍ଛ ତଥା ସମୟବଦ୍ଧ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କର ବିଦ୍ୟୁତ ବ୍ୟବହାରକୁ ନିୟମିତ କରିବା ପାଇଁ ଏହି ପ୍ଲାଟଫର୍ମର ଉପଯୋଗ କରିବାକୁ ଟିପିସିଓଡିଏଲ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଇଛି। ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରତ୍ୟେକ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଏନଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ପ୍ରଶିକ୍ଷିତ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯିବ। ଏହି ଟିମ୍ ଉପଭୋକ୍ତାମାନଙ୍କୁ ଯୋଗ୍ୟ ମାମଲା ଶ୍ରେଣୀ, ଆବଶ୍ୟକୀୟ ଦଲିଲ ଏବଂ ସମାଧାନ ପ୍ରକ୍ରିୟା ସମ୍ପର୍କରେ ମାର୍ଗଦର୍ଶନ କରିବେ। ଟିପିସିଓଡିଏଲ୍ ପକ୍ଷରୁ ଜିଲ୍ଲାସ୍ତରୀୟ ବ୍ୟବସ୍ଥା, ଯୋଗ୍ୟତା ବିବରଣୀ ଏବଂ ପର୍ଯ୍ୟାୟକ୍ରମେ ସମାଧାନ ପାଇଁ ମାର୍ଗଦର୍ଶିକା ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି। ଉପଭୋକ୍ତାମାନେ କାର୍ଯ୍ୟକ୍ରମ ପୂର୍ବରୁ କୌଣସି ସ୍ପଷ୍ଟୀକରଣ ପାଇଁ ସେମାନଙ୍କର ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ର ଏବଂ ଫ୍ୟୁଜ୍ କଲ୍ ସେଣ୍ଟର (ଏଫସିସି) ସହିତ ଯୋଗାଯୋଗ କରିପାରିବେ।

## ଛାତ୍ରଛାତ୍ରୀଙ୍କ କ୍ରୀଡାର ଉନ୍ନତି ପାଇଁ ଆଦିତ୍ୟ ଆଲୁମିନିୟମର ପ୍ରୟାସ



ଭୁବନେଶ୍ୱର,୧୦।୩(ସମିସ): ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକଙ୍କ ପରାମର୍ଶରେ ଓ ମାନବସମ୍ବଳ ବିଭାଗ ମୁଖ୍ୟ ବିନୋଦାନନ୍ଦ ଠାକୁରଙ୍କ ତତ୍ତ୍ୱାବଧାନରେ ଆଦିତ୍ୟ ଆଲୁମିନିୟମର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ଅଞ୍ଚଳରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର କ୍ରୀଡା ସାମଗ୍ରୀ ପ୍ରଦାନ କରାଯାଇଛି। ଲପଙ୍ଗା ହାୟର ସେକେଣ୍ଡାରୀ ସ୍କୁଲ ପ୍ରାଙ୍ଗଣରେ ସ୍କୁଲର ଅଧ୍ୟକ୍ଷ ମନୋଜ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଲପଙ୍ଗାର ବରିଷ୍ଠ ନାଗରିକ ତଥା ସ୍କୁଲ ପରିଚାଳନା କମିଟିର ସଭ୍ୟ ତଥା ମୁକୁନ୍ଦ ବେହେରା(ପ୍ରେସିଡେଣ୍ଟ), ଅଶୋକ ସାହୁ (ଏସ୍‌ଏମ୍‌ଡିସି), ଦୁର୍ଗା ପ୍ରସାଦ ସାହୁ (ଏସ୍‌ଏମ୍‌ଡିସି), ଗଜେନ୍ଦ୍ର ଭୋଇ (ପିଇଟି), ପ୍ରସନ୍ନ ସାହୁ, ସୁରେଶ କୁମାର ଷଣ୍ଢ, ପ୍ରମୋଦ କୁମାର ସାହୁ ଏବଂ ଅନେକ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, କ୍ରୀଡ଼ାପ୍ରେମୀ ଇତ୍ୟାଦି ଉପସ୍ଥିତ ଥିଲେ। କ୍ରୀଡ଼ାପ୍ରେମୀ ଛାତ୍ରଛାତ୍ରୀମାନେ ଅତିଥିମାନଙ୍କଠାରୁ ଆଦିତ୍ୟ ଆଲୁମିନିୟମ ପ୍ରଦତ୍ତ କ୍ରୀଡା ସାମଗ୍ରୀକୁ ଗ୍ରହଣ କରିଥିଲେ।

### ପ୍ରତ୍ୟେକ ଚାମ୍ପିଅନ ଖେଳାଳିଙ୍କୁ ମିଳିବ ୬ କୋଟି, ସମ୍ମାନିତ ହେବେ ୫ଚାମ୍ପିଅନ ଦଳ

# ଟିମ୍ ଇଣ୍ଡିଆକୁ ୧୩୧ କୋଟି ଟଙ୍କା ପୁରସ୍କାର

ନୂଆଦିଲ୍ଲୀ, ୧୦।୩(ଏଜେନ୍ସି): ପୁରୁଷ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୧୩୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଭାରତ ଚାମ୍ପିଅନ ହୋଇଥି ପାଖାପାଖି ୨୮ କୋଟି ଟଙ୍କା ପାଇଥିଲା। ଗତଥର ବା ୨୦୨୪ରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ୧୨୫ କୋଟି ଟଙ୍କାର ପୁରସ୍କାର ଦିଆଯାଇଥିଲା। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ମଙ୍ଗଳବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଚାମ୍ପିଅନ ହୋଇଥିବା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୬ କୋଟି ଲେଖାଏଁ ଟଙ୍କା ଦିଆଯିବ। ଅବଶିଷ୍ଟ ୪୧ କୋଟି ଟଙ୍କା ସପୋର୍ଟ ଷ୍ଟାଫ୍ ବା ବିଭିନ୍ନ କୋଚ୍ ଓ ସହାୟକଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। ମାର୍ଚ୍ଚ ୧୫ରେ ବିସିସିଆଇର ବାର୍ଷିକ ପୁରସ୍କାର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସାଇକିଆ କହିଛନ୍ତି। ଗତ ଦୁଇ ବର୍ଷରେ ଆଇସିସି ଟାଇଟଲ ଜିତିଥିବା ଚାମ୍ପିଅନ୍ସ ଟ୍ରଫି ଦଳ, ମହିଳା ଦିନିକିଆ ଦଳ, ୧୯ ବର୍ଷରୁ କମ୍ ପୁରୁଷ ଓ ମହିଳା ଦଳଙ୍କୁ ମଧ୍ୟ ଏହି ପୁରସ୍କାର ଉତ୍ସବରେ ସମ୍ମାନିତ କରାଯିବ ବୋଲି ଜଣାଯାଇଛି।



ଅହମ୍ମଦାବାଦ୍‌ରେ ଗତ ରବିବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତ ୯୬ ରନ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ପ୍ରଥମ ଦଳ ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ତୃତୀୟଥର ଚାମ୍ପିଅନ ହୋଇଥିଲା। ଫଳରେ ଭାରତ ଏହି ଫର୍ମାଟରେ ବିଶ୍ୱର ସବୁଠାରୁ ସଫଳ ଟିମ୍ ଭାବେ ବିବେଚିତ ହୋଇଛି। ପୂର୍ବରୁ ୨୦୦୭ ଓ ୨୦୨୪ରେ ଭାରତ ପ୍ରଥମ ୨ଟି ଟାଇଟଲ ବିଜୟୀ ହୋଇଥିଲା। ୨୦୧୪ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏଣୁ ନିୟମିତ ବ୍ୟବଧାନରେ ଭାରତ ଶୀର୍ଷଦଳ ମଧ୍ୟରେ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇପାରିଛି।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ଦଳ ଭାବେ ୩ଥର ଚାମ୍ପିଅନ ହେବା, ପ୍ରଥମ ଦଳ ଭାବେ ଟାଇଟଲ ବଜାୟ ରଖିବା ଓ ପ୍ରଥମ ଦଳ ଭାବେ ଘରୋଇ ମାଟିରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଚାମ୍ପିଅନ ହେବା ପରେ ଗତକାଲି ବିସିସିଆଇ ସଭାପତି ମିଥୁନ ମାନହାସ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱ ଓ ହେଡ କୋଚ୍ ଗୌତମ ଗମ୍ଭୀର ଦିଗଦର୍ଶନରେ ଭାରତୀୟ ଟିମ୍ ଟୁର୍ଣ୍ଣାମେଣ୍ଟ ସାରା ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ଏହି ଦଳ ଟାଇଟଲ ଜିତିବା ପରେ ଦେଶର ଗର୍ବ ଓ ଗୌରବ ବୃଦ୍ଧି ପାଇଛି। ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଭାରତ ଏକ ଶକ୍ତିଶାଳୀ ଦେଶ ଭାବେ ନିଜକୁ ପ୍ରତିପାଦିତ କରିଛି ବୋଲି ମାନହାସ କହିଥିଲେ।

## ମହିଳା ବିଶ୍ୱକପ୍ ବିଜେତାଙ୍କୁ ୫୧ କୋଟି

ମାର୍ଚ୍ଚ ୧୫ ତାରିଖରେ ନୂଆଦିଲ୍ଲୀରେ ବିସିସିଆଇର ବାର୍ଷିକ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଗତ ଦୁଇବର୍ଷରେ ୫ଟି ଆଇସିସି ଟାଇଟଲ ଜିତିଥିବା ଦଳ ଗୁଡିକୁ ସମ୍ମାନିତ କରାଯିବ ବୋଲି ବିସିସିଆଇ ସୂଚନା ଦେଇଛି। ଭାରତୀୟ ପୁରୁଷ ଦଳ ୨୦୨୫ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଓ ୨୦୨୬ରେ ପୁରୁଷ ଟି-୨୦ ବିଶ୍ୱକପ୍, ୨୦୨୫ରେ ମହିଳା ଦଳ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ସେହିପରି ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ୫ଟି ଦଳକୁ ବିସିସିଆଇ ସମ୍ମାନିତ କରିବ ବୋଲି ସୂଚନା ଦିଆଯାଇଛି। ବିସିସିଆଇରୁ ମିଳିଥିବା ସୂଚନା ଅନୁଯାୟୀ ଚାମ୍ପିଅନ୍ସ ଟ୍ରଫି ବିଜେତାକୁ ୫୮ କୋଟି, ମହିଳା ଦିନିକିଆ ବିଶ୍ୱକପ୍ ବିଜେତାଙ୍କୁ ୫୧ କୋଟି ଟଙ୍କା ପୁରସ୍କାର ବା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିପରି ୧୯ ବର୍ଷରୁ କମ୍ ଦୁଇ ଦଳକୁ ୭.୫ କୋଟି ଲେଖାଏଁ ଟଙ୍କା ଦିଆଯିବ ବୋଲି ଜଣାପଡ଼ିଛି। ଉତ୍ସବରେ ସମସ୍ତଙ୍କୁ ଏହି ଅର୍ଥ ରଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।

## ଅର୍ଶଦୀପ ସିଂହଙ୍କୁ ଜରିମାନା



ଦୁବାଇ,୧୦।୩(ଏଜେନ୍ସି): ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରିବା ଅଭିଯୋଗରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ପୁରୁଷ ଦଳର ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଜରିମାନା କରାଯାଇଛି। ଜରିମାନା ବାବଦରେ ତାଙ୍କୁ ଏକ ଡିମେରିଟ ପଏଣ୍ଟ ମିଳିଛି ତାଙ୍କ ୧୫ ଶତକଡ଼ା ମ୍ୟାଚ୍ ଫି କାଟି ନିଆଯାଇଛି। ଅହମ୍ମଦାବାଦ୍‌ରେ ରବିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ପ୍ରତିପକ୍ଷ ଦଳର ବ୍ୟାଟର ଡାରିଲ ମିଚେଲଙ୍କ ଉପରକୁ ବଲ୍ ପକାଇ ଆଇସିସି ଆଚରଣ ସଂହିତାର ଲେଭଲ-୧ ଅପରାଧ ଘଟାଇଛନ୍ତି। ଆଚରଣ ସଂହିତା ଅନୁଯାୟୀ ଏହା ଆକ୍ରମଣାତ୍ମକ ଓ ଅଶୋଭନୀୟ। ଗତ ୨୪ ମାସ ମଧ୍ୟରେ ଅର୍ଶଦୀପ୍ ସିଂହଙ୍କର ଏହା ପ୍ରଥମ ଅପରାଧ ହୋଇଥିବାରୁ ଅଧିକ ଦଣ୍ଡ ପ୍ରଦାନ କରାଯାଇନାହିଁ। ନ୍ୟୁଜିଲାଣ୍ଡ ଇନିଂସର ୧୧ତମ ଓଭରରେ ଏହି ଘଟଣା ଘଟିଥିଲା। ଯାହା ଫଳରେ ମିଚେଲ କ୍ଷୁବ୍ଧ ହୋଇଥିଲେ। ଅମ୍ପାୟାର ଓ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହସ୍ତକ୍ଷେପ ଫଳରେ ଏହାର ସମାଧାନ ହୋଇଯାଇଥିଲା। ପରେ ଅର୍ଶଦୀପ ମଧ୍ୟ କ୍ଷମା ମାଗିଥିଲେ। କିନ୍ତୁ ମ୍ୟାଚ୍ ପରିଚାଳନା କରୁଥିବା ସମସ୍ତ ଅମ୍ପାୟାର ଅର୍ଶଦୀପଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେ ଆଇସିସି ଆଚରଣ ସଂହିତାର ଧାରା ୨.୯ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହାକୁ ସେ ମାନିନେବାରୁ ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ଆଉ ଶୁଣାଣି କରିବାକୁ ପଡ଼ି ନ ଥିଲା।

## ଭାରତ ଭଲ ଖେଳିଲେ ପାକିସ୍ତାନର ମୁଣ୍ଡ ବିନ୍ଧା

କରାଚି, ୧୦।୩ (ଏଜେନ୍ସି): ବିଶ୍ୱର ବଡ଼ ବଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତଠାରୁ ହାରିଯିବା କିମ୍ବା ଭାରତ ସମ୍ପୃକ୍ତ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିଲେ ପାକିସ୍ତାନ ଖେଳାଳିଙ୍କ ମୁଣ୍ଡ ବିନ୍ଧା ବଢ଼ିଯାଇଥାଏ। ଏହି ସମୟରେ ଭାରତ ବିରୋଧରେ ଗୁଜବ ପ୍ରସାରଣ ଖେଳାଳି ଓ ସମର୍ଥକଙ୍କର ମୁଖ୍ୟ କାମ ହୋଇଯାଇଥାଏ। ଭାରତ କ୍ୱାର୍ଟର ଫାଇନାଲ ଯିବ ନାହିଁ, ସେମିଫାଇନାଲ ଖେଳିପାରିବ ନାହିଁ, ଫାଇନାଲରେ ପ୍ରବେଶ କରିପାରିବ ନାହିଁ ଆଦି ଗୁଜବ ତଥା ଅଯଥା ମନ୍ତବ୍ୟ ପାକିସ୍ତାନୀ ଖେଳାଳିମାନେ ଦେଇଥାନ୍ତି। ଭାରତର ଅନେକ ଦୋଷ ତ୍ରୁଟିକୁ ମଧ୍ୟ ସେମାନେ ବାହାର କରିବାରେ ଆଦୌ ବିରତ ରୁହନ୍ତି ନାହିଁ। ସେମାନେ ଭାରତ ବିରୋଧରେ ଏଭଳି ଗୁଜବ ପ୍ରସାରଣ ଓ ଅଯଥା ମନ୍ତବ୍ୟରୁ ବିରତ ରହିବା ଉଚିତ ବୋଲି ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ମହମ୍ମଦ୍ ୱାସିମ କହିଛନ୍ତି। ଆମକୁ ମାନିନେବାକୁ ହେବ ବିଶ୍ୱରେ ଭାରତ ଏକ ଶ୍ରେଷ୍ଠ ଦଳ ଏବଂ ଆମେ ଆମ ତ୍ରୁଟିରୁ ଶିକ୍ଷା ଲାଭ କରିବାକୁ ଶିଖିବା ଉଚିତ ବୋଲି ସେ କହିଛନ୍ତି।




ମହମ୍ମଦ୍ ୱାସିମ (ପାକିସ୍ତାନ)

## ଆମ ଭୂମିକା ଗୁରୁତ୍ୱପୂର୍ଣ୍ଣ: ସିରାଜ

ଅହମ୍ମଦାବାଦ୍,୧୦।୩(ଏଜେନ୍ସି): ଟିମ୍ କମ୍ବିନେସନ ଯୋଗୁଁ ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଭାରତ ଖେଳିଥିବା ୯ଟି ମ୍ୟାଚ୍‌ରୁ କୁଲଦୀପ ଯାଦବ ଓ ମହମ୍ମଦ୍ ସିରାଜ ଗୋଟିଏ ଲେଖାଏଁ ଖେଳିଥିଲେ। ଭାରତ ଚାମ୍ପିଅନ ହେବା ପରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନର ଉତ୍ତରରେ ସିରାଜ ମଜାକ କରି କହିଲେ, ଆମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ ପଡ଼ିଆ ବାହାରେ ବସୁଥିଲୁ, ଖେଳାଳିଙ୍କୁ ପାଣି, ଟାୱେଲ ଓ ବ୍ୟାଟ ଯୋଗାଉଥିଲୁ। ଏଭଳି ଉତ୍ତରରେ ସମସ୍ତେ ହସିଥିଲେ। ପରେ ସିରାଜ କହିଥିଲେ କୌଣସି ସଫଳତାରେ ଦଳ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ନୁହେଁ। ଏଣୁ ଆମର ଯୋଗଦାନ ସମ୍ପର୍କରେ ସମସ୍ତେ ଅବଗତ ଅଛନ୍ତି, ଏଭଳି ପ୍ରଶ୍ନ କାହିଁକି ପଚାରୁଛ ବୋଲି ସମ୍ପୃକ୍ତ ସାମ୍ବାଦିକଙ୍କୁ ସିରାଜ କହିଥିଲେ।

## ୧୪ରେ କୁଲଦୀପଙ୍କ ବାହାଘର

ନୂଆଦିଲ୍ଲୀ,୧୦।୩(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ମାର୍ଚ୍ଚ ୧୪ରେ ବାହା ହେବେ। ମୁସୌରୀରେ ସେ ତାଙ୍କ ବାଗ୍‌ଦତ୍ତା ବଂଶୀକାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ସୂଚନା ମିଳିଛି। ଗତମାସରେ ତାଙ୍କର ବିବାହ କରିବାର ଥିଲା। କିନ୍ତୁ ଟି-୨୦ ବିଶ୍ୱକପ୍ ଲାଗି କୁଲଦୀପଙ୍କୁ ଭାରତୀୟ ଦଳରେ ଚୟନ କରାଯିବା ପରେ ବିବାହକୁ ସ୍ଥଗିତ ରଖାଯାଇଥିଲା। ୨୦୨୫ ଜୁନ୍‌ରେ କୁଲଦୀପ ଓ ବଂଶିକାଙ୍କ ମଧ୍ୟରେ ନିର୍ବନ୍ଧ ହୋଇଥିଲା। ଏହି ବିଶ୍ୱକପ୍‌ରେ କୁଲଦୀପ ଗୋଟିଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଶ୍ରୀଲଙ୍କାର କଲମ୍ବୋରେ ସେ ପାକିସ୍ତାନ ବିପକ୍ଷରେ ଖେଳି ଗୋଟିଏ ୱିକେଟ ପାଇଥିଲେ। ଇଂଲଣ୍ଡର ଫାଷ୍ଟ ବୋଲର ଷ୍ଟିଭେନ୍ ଫିନ୍ ତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି।



### ● ଆଇସିସି ମହିଳା ଦିନିକିଆ ମାନ୍ୟତା

## ଶୀର୍ଷରେ ରହିଲେ ମନ୍ଧାନା

ଦୁବାଇ, ୧୦।୩ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ମାନ୍ୟତା ବଜାୟ ରଖିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗରେ ମନ୍ଧାନା ୭୯୦ ରେଟିଂ ପଏଣ୍ଟ ସହ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି। ଟପ୍-୧୦ରେ ଦ୍ୱିତୀୟ ଭାରତୀୟ ଭାବେ ଅଧିନାୟିକା ହରମନପ୍ରୀତ୍ କୌର ୮ମ ସ୍ଥାନ ଲାଭ କରିଛନ୍ତି। ତେବେ ଅନ୍ୟତମ ବ୍ୟାଟର୍ ଜେମିମା ରୋଡ୍ରିଗ୍ସ ଗୋଟିଏ ପାହାଚ ତଳକୁ ଖସି ୧୨ତମ ସ୍ଥାନରେ ରହିଛନ୍ତି। ନିକଟରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆଠାରୁ ୩-୦ରେ ସିରିଜ ପରାଜୟ ହୋଇଥିଲେ ମଧ୍ୟ ଖେଳାଳିଙ୍କ ମାନ୍ୟତାରେ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ। ବ୍ୟାଟିଂ ତାଲିକାରେ ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଡଟ (୭୮୨), ବେଥ୍ ମୁନୀ (୭୪୯), ଆସଲେ ଗାର୍ଡନର (୭୨୪) ଓ ନାଟାଲୀ ସ୍କିଭର-ବ୍ରଣ୍ଟ (୭୧୪) ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ନ୍ୟୁଜିଲାଣ୍ଡର ବ୍ରୁକ ହଲିଡେ ବ୍ୟାଟିଂ ତାଲିକାରେ ଏକାଥରକେ ୮ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରିଛନ୍ତି। ସଦ୍ୟ ର୍‍ୟାଙ୍କିଙ୍ଗରେ ସେ ୧୧ତମ ସ୍ଥାନ ଲାଭ କରିଛନ୍ତି।

## ଜାମାଇକା ଖେଳାଳିଙ୍କୁ ପ୍ରବେଶ ଅନୁମତି ଦେଲାନି ଆମେରିକା

କାଲିଫୋର୍ନିଆ, ୧୦।୩ (ଏଜେନ୍ସି): ଜାମାଇକାର ଫୁଟବଲ୍ କ୍ଲବ ମାଉଣ୍ଟ ପ୍ଲିଜାଣ୍ଟର ୧୦ଜଣ ଖେଳାଳିଙ୍କୁ ଆମେରିକାରେ ପ୍ରବେଶ ଅନୁମତି ମିଳିନାହିଁ। ଆମେରିକାର କାଲିଫୋର୍ନିଆରେ ଚାଲିଥିବା କନକାଫ ଚାମ୍ପିଅନସିପ୍ କପ୍‌ରେ ମାଉଣ୍ଟ ପ୍ଲିଜାଣ୍ଟ କ୍ଲବ ପଦାର୍ପଣ କରିବାର ଥିଲା। ଲା ଗାଲାକ୍ସି ବିପକ୍ଷରେ ମାଉଣ୍ଟ ପ୍ଲିଜାଣ୍ଟ ପ୍ରଥମ ମ୍ୟାଚ୍ ଖେଳିଥାନ୍ତା। କିନ୍ତୁ ଭିସାଜନିତ କାରଣ ଲାଗି କାରିବୀୟାନ କପ୍-୨୦୨୫ ଚାମ୍ପିଅନ ମାଉଣ୍ଟ ପ୍ଲିଜାଣ୍ଟର ୧୦ଜଣ ଖେଳାଳିଙ୍କୁ ଆମେରିକା କର୍ତ୍ତୃପକ୍ଷ ପ୍ରବେଶ କରିବାକୁ ଅନୁମତି ଦେଇ ନ ଥିଲେ। ଏହି ଖେଳାଳିଙ୍କ ମଧ୍ୟରେ କାରିବୀୟାନ ଆଇସଲାଣ୍ଡ ହାଇତିର ୭ଜଣ ଖେଳାଳି ରହିଛନ୍ତି। ଗତବର୍ଷ ଜୁନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହାଇତିର ନାଗରିକଙ୍କ ଉପରେ ଆଂଶିକ ପ୍ରତିବନ୍ଧକ ଲଗାଇଥିଲେ। ଯେଉଁଥି ପାଇଁ ଏହି ସମସ୍ୟା ଉପୁଜିଥିଲା। ଜୁନ ୧୧ରୁ ଆମେରିକା-ମେକ୍ସିକୋ ଓ କାନାଡାରେ ମିଳିତ ଭାବେ ଫିଫା ବିଶ୍ୱକପ୍ ଆରମ୍ଭ ହେବ। ଏହି ବିଶ୍ୱକପକୁ ହାଇତି ଯୋଗ୍ୟତା ଅର୍ଜନ କରିଛି।

### ■ ଏଏଫ୍‌ସି ମହିଳା ଏସିଆ କପ୍

## ହ୍ୟାଟ୍ରିକ ହାର୍ ସହ ଭାରତ ବିଦା

ସିଡନୀ, ୧୦।୩ (ଏଜେନ୍ସି): ଅଷ୍ଟ୍ରେଲିଆରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ପରାଜୟ ସହ ଭାରତ ବିଦାୟ ନେଇଛି। ମଙ୍ଗଳବାର ୱେଷ୍ଟର୍ଣ୍ଣ ସିଡନୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଚାଇନିଜ ତାଇପେଇ ୩-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା। ଚାଇନିଜ ତାଇପେଇ ପକ୍ଷରୁ ସୁ-ୟୁ ସୁୟାନ ଓ ଚେନ୍ ଚିନ୍ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ (୪୫+୯ତମ)ରେ ଗୋଲରକ୍ଷକ ପି. ଚାନୁଙ୍କ ତ୍ରୁଟି ଯୋଗୁ ଏକ ଆତ୍ମଘାତୀ ଗୋଲ୍ ହୋଇଥିଲା। ସେହିଭଳି ଭାରତ ପକ୍ଷରୁ ୩୯ତମ ମିନିଟରେ ମନୀଷା କଲ୍ୟାଣ ଏକମାତ୍ର ଗୋଲଟି ଶୁଝିଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୨ ଗୋଲରେ ଭିଏତ୍‌ନାମଠାରୁ ଏବଂ ଦ୍ୱିତୀୟ ମୁକାବିଲାରେ ୧୧-୦ ଗୋଲରେ ଜାପାନ ନିକଟରୁ ପରାସ୍ତ ହୋଇଥିଲା।

### ● ମାର୍ଚ୍ଚ ୨୮ ରୁ ଆଇପିଏଲ୍- ୧୯

## ପ୍ରଥମ ୨୦ ଦିନର କାର୍ଯ୍ୟସୂଚୀ ଘୋଷଣା ହେବ

ମୁମ୍ବଇ, ୧୦।୩ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ। ତେବେ ଏହାର କାର୍ଯ୍ୟସୂଚୀକୁ ନେଇ ଜାରି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ମାର୍ଚ୍ଚ ୧୩ ତାରିଖରେ ଆଇପିଏଲ୍‌ର ପ୍ରଥମ ୨୦ ଦିନର କାର୍ଯ୍ୟସୂଚୀ ଘୋଷଣା କରାଯିବ। ପରବର୍ତ୍ତୀ ସମୟରେ ବଳକା କାର୍ଯ୍ୟସୂଚୀ ପ୍ରକାଶ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଆଗକୁ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଖେଳାଳିଙ୍କ ସୁରକ୍ଷା ଓ ଲଜିଷ୍ଟିକ ଯେପରି ପ୍ରଭାବିତ ନ ହୁଏ ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଏଥର ପର୍ଯ୍ୟାୟକ୍ରମେ ଆଇପିଏଲ୍ କାର୍ଯ୍ୟସୂଚୀ ଘୋଷଣା କରୁଛି। ନିର୍ବାଚନ ତାରିଖ ଘୋଷଣା ହୋଇଗଲେ ଦ୍ୱିତୀୟ ପର୍ଯ୍ୟାୟରେ ବଳକା ଥିବା ଆଇପିଏଲ୍ କାର୍ଯ୍ୟସୂଚୀ ପ୍ରକାଶ ପାଇବ ବୋଲି ସାଇକିଆ ଗଣମାଧ୍ୟମକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆଗାମୀ ଆଇପିଏଲ୍ ସମୟରେ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳରେ ବିଧାନସଭା ନିର୍ବାଚନ ହେବ। ଯେଉଁଥି ପାଇଁ ବିସିସିଆଇକୁ ଭେନ୍ୟୁ ଓ ମ୍ୟାଚ୍‌ସୂଚୀ ଜାରି କରିବାରେ ସମସ୍ୟା ସୃଷ୍ଟି ହୋଇଛି।

### ହେଡେନ ଗୁଜରାଟର ବ୍ୟାଟିଂ କୋଚ୍

ନୂଆଦିଲ୍ଲୀ, ୧୦।୩ (ଏଜେନ୍ସି): ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟର୍ ମାଥ୍ୟୁ ହେଡେନ ଆଇପିଏଲ୍ ଦଳ ଗୁଜରାଟ ଟାଇଟାନ୍ସର ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଆଗାମୀ ୧୯ତମ ସିଜନ ଲାଗି ଗୁଜରାଟ ଫ୍ରାଞ୍ଚାଇଜ ପକ୍ଷରୁ ହେଡେନଙ୍କୁ ଏହି ବଡ଼ ଦାୟିତ୍ୱ ଦିଆଯାଇଛି। 'କ୍ରିକେଟ କ୍ଷେତ୍ରରେ ହେଡେନଙ୍କ ଢେର ଅଭିଜ୍ଞତା ରହିଛି। ତାଙ୍କ ଯୋଗଦାନ ଫଳରେ ଦଳର କ୍ରିକେଟ ଇକୋସିଷ୍ଟମ ଆହୁରି ସୁଦୃଢ଼ ହେବ' ବୋଲି ଗୁଜରାଟର ଡିରେକ୍ଟର ଅଫ୍ କ୍ରିକେଟ୍ ବିକ୍ରମ ସୋଲାଙ୍କି କହିଛନ୍ତି। ୫୪ ବର୍ଷୀୟ ହେଡେନ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଅଷ୍ଟ୍ରେଲିଆ ପାଇଁ ୨୭୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଦୁଇ ଦୁଇଥର ଦିନିକିଆ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ସେ ମଧ୍ୟ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ଆଇପିଏଲ୍‌ରେ ହେଡେନ ଚେନ୍ନାଇ ସୁପର କିଙ୍ଗ୍‌ସ ଫ୍ରାଞ୍ଚାଇଜ ପକ୍ଷରୁ ଦୁଇଟି (୨୦୦୯ ଓ ୨୦୧୦) ସିଜନରେ ପ୍ରତିନିଧିତ୍ୱ କରି ମୋଟ ୩୨ଟି ମ୍ୟାଚ୍ ଖେଳିଛନ୍ତି। ତାଙ୍କ ନାମରେ ୧୧୦୭ ରନ ଲିପିବଦ୍ଧ ରହିଛି।


### ଆଜି କଳାହାଣ୍ଡି କପ୍ ଫାଇନାଲ

## କଟକ ଏ'-ସୁନ୍ଦରଗଡ଼ ଟାଇଟଲ୍ ମୁକାବିଲା

ଭୁବନେଶ୍ୱର, ୧୦।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଚଳିତ ସଂସ୍କରଣ ଅନ୍ତିମ ଚରଣରେ ପହଞ୍ଚିଛି। ବୁଧବାର କଟକ-ଏ ଓ ସୁନ୍ଦରଗଡ଼ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ବାରବାଟୀ ଷ୍ଟାଡିୟମରେ ସକାଳ ୯ଟାରେ ଏହି ମ୍ୟାଚ ଖେଳାଯିବ। ଗତକାଲି ଅନୁଷ୍ଠିତ ଦୁଇଟିଯାକ ସେମିଫାଇନାଲରେ କଟକ-ଏ ଓ ସୁନ୍ଦରଗଡ଼ ବିଜୟ ଲାଭ କରିଥିଲେ। କଟକ-ଏ ୨୫୪ ରନର ବୃହତ୍ ବ୍ୟବଧାନରେ ଅନୁଗୋଳକୁ ପରାସ୍ତ କରିଥିଲା। ସେହିଭଳି ସୁନ୍ଦରଗଡ଼ ୧୧୮ ରନରେ ରାଉରକେଲାକୁ ହରାଇ ଫାଇନାଲକୁ ଉଠିଥିଲା।



## ପଣ୍ଡିତ ରାମକୃଷ୍ଣ ସ୍ମାରକୀ କ୍ରିକେଟ ୨୪ରୁ



ଭୁବନେଶ୍ୱର,୧୦।୩(ସମିସ): ରାଜ୍ୟର ବଛା ବଛା ୧୦ଟି ଦଳକୁ ନେଇ ହାଇଟେକ୍ ମେଡିକାଲ କଲେଜ ପଡ଼ିଆରେ ପଣ୍ଡିତ ରାମକୃଷ୍ଣ ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ମାର୍ଚ୍ଚ୨୪ରୁ ଆରମ୍ଭ ହୋଇ ୩୧ରେ ଶେଷ ହେବ। ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩୦ ଓଭର ବିଶିଷ୍ଟ ପ୍ରଥମ ଦିନ ୨ଟି ମ୍ୟାଚ୍ ସକାଳ ୭ଟାରୁ ଆରମ୍ଭ ହେବ ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଆସୋସିଏସନର ସମ୍ପାଦକ ତଥା ଅମ୍ପାୟାର ଶରତକ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଲାଲ୍‌ବଲରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ ବୋଲି ସଭାପତି ଗୋଲକପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି।

**ଲିଗ୍ ପର୍ଯ୍ୟାୟ ଖେଳସୂଚୀ**

୨୪।୩: ସହିଦ୍ ସ୍ପୋର୍ଟିଂ-ଓସ୍କାର ସ୍ପୋର୍ଟିଂ, ଟାଉନ୍ କ୍ଲବ୍-କ୍ଲବ୍ ଦି ରେଡ ଷ୍ଟାର, ୨୫।୩: ରାମେଶ୍ୱର ସ୍ପୋର୍ଟିଂ-ପ୍ରଗତି ସ୍ପୋର୍ଟିଂ, ୨୬।୩: ମୁକ୍ତେଶ୍ୱର - ପାରାମାଉଣ୍ଟ ସ୍ପୋର୍ଟିଂ, ୨୭।୩: ଭାରତ ଭୂଷଣ କ୍ରିକେଟ ଏକାଡେମୀ - ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ। ୩୧।୩- ଫାଇନାଲ।

### ବିଳାସ ରାଉତରାୟ ସ୍ମାରକୀ ଫୁଟବଲ

## ସେମିରେ ପ୍ରତାପ ନଗରୀ, ଜାରକା

ଭୁବନେଶ୍ୱର,୧୦।୩(ସମିସ): କଟକର ପ୍ରତାବ ନଗରୀ ଫୁଟବଲ କ୍ଲବ୍ ଓ ଜାରକା ଟିମ୍ ଏଠାରେ ଚାଲିଥିବା ଦଶମ ବିଳାସ ରାଉତରାୟ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜିର ପ୍ରଥମ ସେମିଫାଇନାଲରେ ପ୍ରତାପ ନଗରୀ ଫୁଟବଲ କ୍ଲବ୍ ୨-୧ ଗୋଲରେ ଭଦ୍ରକ ୟୁନାଇଟେଡ୍ ଫୁଟବଲ କ୍ଲବ୍‌କୁ ହରାଇ ପ୍ରଥମ ଦଳ ଭାବେ ସେମିକୁ ଯାଇଥିଲା। ଆଜିର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଜାରକା ସହ ଢେଙ୍କାନାଳ ପପୁଲାର ଫୁଟବଲ କ୍ଲବ୍‌ର ମୁକାବିଲା ଡ୍ର ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଜାରକା ୬-୫ ଟାଇବ୍ରେକର ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆଜି ମାନ ବିଶ୍ୱାଳ, ବିରଜ ପାତ୍ର, କୃଷ୍ଣ ସାମନ୍ତରାୟ, ସୁଧୀର ସାମନ୍ତରାୟ, ହେମନ୍ତ ସାମନ୍ତରାୟ, ଟୁକୁନା ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଦାନ ଧର୍ମ କରନ୍ତୁ।

**ବୃଷ:** ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହୋଇପାରେ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ପୁରୁଣା ନିବେଶରୁ ଲାଭ ମିଳିବ। ମନ ଉଣା ହୋଇପାରେ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଆୟ ଅନୁସାରେ ବ୍ୟୟ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ପାରିବାରିକ ବିବାଦରୁ ଦୂରେଇ ରହିବେ। ନୂତନ ଯାନବାହନ କ୍ରୟ କରିପାରନ୍ତି।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ମନ୍ଦିରରେ ଦାନ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାର ଲୋକଙ୍କ ସହ ସମୟ ଅତିବାହିତ କରିବେ।

## ଆଜିର ଐତିହ୍ୟ

- ୧୯୧୫- କ୍ରିକେଟ୍ ଖେଳାଳି ବିଜୟ ହଜାରେଙ୍କ ଜନ୍ମ।
- ୧୯୧୮ - ମସ୍କୋ ରୁଷର ରାଜଧାନୀ ହେଲା।
- ୧୯୭୮ - ତେଲ୍‌ଅବିବ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୪୫ ଲୋକଙ୍କ ମୃତ୍ୟୁ।
- ୨୦୦୪- ସ୍ପେନ୍‌ରେ ତିନୋଟି ରେଳ ଷ୍ଟେସନ୍‌ରେ ହୋଇଥିବା ବିସ୍ଫୋରଣରେ ୧୯୦ ମୃତ, ୧୭୦୦ ଆହତ।
- ୨୦୨୦- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନାକୁ ମହାମାରୀ ଘୋଷଣା କଲା।

## 'ଓଏମ୍‌ଜି ୩' ଛାଡ଼ିଲେ ରାନୀ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ରାନୀ ମୁଖାର୍ଜୀ, ଅକ୍ଷୟ କୁମାରଙ୍କ ସହ 'ଓଏମ୍‌ଜି ୩'ରେ ନଜର ଆସିବେ ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାକୁ ନେଇ ଦର୍ଶକେ ମଧ୍ୟ ବେଶ୍ ଉତ୍ସାହିତ ଥିଲେ। କାରଣ ପ୍ରଥମ ଥର ପାଇଁ ରାନୀ ଓ ଅକ୍ଷୟ ଏକାଠି ପରଦା ଉପରେ ନଜର ଆସିଥାନ୍ତେ। ଫିଲ୍ମର ଟାଇଟଲ୍ 'ଓ ମାଇ ଗଡେସ୍' ରଖାଯିବା ସହ ରାନୀଙ୍କୁ ଦେବୀ ରୂପେ ଏଥିରେ ଦେଖାଯିବ ବୋଲି କୁହାଯାଉଥିଲା। ଏବେ ରାନୀ ଏହି ଫିଲ୍ମ ଛାଡ଼ି ଦେଇଥିବା ଖବର ଆସିଛି। 'ଓଏମ୍‌ଜି ୩'ର ନିର୍ଦ୍ଦେଶକ ଅମିତ୍ ରାୟଙ୍କ ସହ କାହାଣୀକୁ ନେଇ ସହମତ ନ ହେବାରୁ ଏହି ଫିଲ୍ମ ସେ ଛାଡ଼ି ଦେଇଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ରାନୀ କିମ୍ବା ଫିଲ୍ମ ନିର୍ମାତା ବିଧିବଦ୍ଧଭାବେ କିଛି କହିନାହାନ୍ତି। ରାନୀ ଏଥିରୁ ବାଦ୍ ପଡ଼ିବା ପରେ ଫିଲ୍ମ ନିର୍ମାତା ଏବେ ନୂଆ ନାୟିକା ସନ୍ଧାନରେ ଅଛନ୍ତି। ଫିଲ୍ମର ସୁଟିଂ ମେ' କିମ୍ବା ଜୁନ୍ ମାସରେ ଆରମ୍ଭ ହେବ। 'ଓ ମାଇ ଗଡ୍'ର ଦୁଇଟି ପାର୍ଟର ସଫଳତା ପରେ ଏହାର ତୃତୀୟ ପାର୍ଟରେ ଫିଲ୍ମ ନିର୍ମାତା ନାରୀଶକ୍ତିକୁ ଈଶ୍ୱରୀୟ ଦୃଷ୍ଟିକୋଣରେ ପ୍ରସ୍ତୁତ କରିବା ପାଇଁ ଯୋଜନା କରିଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



ଭାରତୀୟ ଶାସ୍ତ୍ରୀୟ ଭାଷା ମଧ୍ୟରେ ଅନ୍ୟତମ ଓଡ଼ିଆ ଭାଷା ହେଉଛି ଆମ ଅସ୍ମିତାର ପରିଚୟ। ଆଜି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ। ଏହା ଓଡ଼ିଶାର ପ୍ରଶାସନିକ ଭାଷା। ଭାରତର ସମ୍ବିଧାନରେ ସ୍ୱୀକୃତିପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଏହା ଅନ୍ୟତମ। ଓଡ଼ିଆ, ଷଷ୍ଠ ଭାରତୀୟ ଭାଷା ଭାବରେ ଏକ ସ୍ୱତନ୍ତ୍ର ଓ ଅନ୍ୟଭାଷା ଦ୍ୱାରା ପ୍ରଭାବିତ ହୋଇ ନ ଥିବା ଭାଷା ଭାବରେ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଆ ଭାଷା ଓଡ଼ିଶା ବ୍ୟତୀତ ଏହାର ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକରେ ମଧ୍ୟ କୁହାଯାଏ। ୨୦ ଫେବୃଆରୀ, ୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଥିଲେ ଓ ମାର୍ଚ୍ଚ ୧୧ ତାରିଖ ଦିନ ଏନେଇ ଗେଜେଟ ନୋଟିଫିକେସନ ଜାରି କରାଯାଇଥିଲା। ୨୦୧୫ରୁ ଏହି ଦିନଟିକୁ ଶାସ୍ତ୍ରୀୟ ଓଡ଼ିଆ ଦିବସ ଭାବେ ପାଳନ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଆ ଭାଷା ସମ୍ପର୍କରେ ବିଶ୍ୱବ୍ୟାପୀ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଅଛି। ଏହା ପରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ଭାଷା ସାହିତ୍ୟର ଦବଦବା ବଢ଼ିଥିବା ପରିଲକ୍ଷିତ ହୋଇଛି। ଏହାପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମ୍‌କୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିଛି। ଓଡ଼ିଆ ଅନ୍ୟ ଭାରତୀୟ ଭାଷାଗୁଡ଼ିକ ତୁଳନାରେ ଖୁବ୍ କମ୍ ପାରସୀ ଓ ଆରବୀ ଭାଷା ଦ୍ୱାରା ପ୍ରଭାବିତ। ଏହି ଦିନ ଆମକୁ ଆମର ଗୌରବମୟ ଅତୀତର କଥା ସ୍ମରଣ କରାଇଦିଏ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉର୍ଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଆମ ରାଜ୍ୟ ଓଡ଼ିଶା, ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି। ଭାଷା କେବଳ ଶାସ୍ତ୍ରୀୟ ମାନ୍ୟତା ପାଇଗଲେ ବଞ୍ଚିଯିବ ଏହା ଭାବିବା ଭୁଲ୍। ଭାଷା ପ୍ରତି ଆମ ହୃଦୟରେ ମମତା ରହିଲେ ହିଁ ଏହା ବଞ୍ଚିବ ବୋଲି ଏହି ଦିବସର ଅନୁଚିନ୍ତା ହେବା ଆବଶ୍ୟକ। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଜିଲ୍ଲା ଓ ରାଜ୍ୟସ୍ତରରେ ସ୍କୁଲ ଏବଂ କଲେଜଗୁଡ଼ିକରେ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତାମାନ ଆୟୋଜନ କରାଯାଏ। ଓଡ଼ିଆ ଭାଷା, ଆମର ଅସ୍ମିତା ଏବଂ ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରତିପାଦନ କରିବା ପାଇଁ ଏହିଦିନ ସଭାସମିତି, ଆଲୋଚନା ଚକ୍ର ଆୟୋଜନ ହୁଏ।

## ବୟସ ସାଜିନି ବାଧକ
### ୮୫ ବର୍ଷରେ ସ୍ନାତକ

ବୟସ ମାତ୍ର ଏକ ସଂଖ୍ୟା ଅଟେ। କିଛି କରିବାର ଇଚ୍ଛା ଥିଲେ କୌଣସି ଘାତ ପ୍ରତିଘାତ ରୋକିପାରେ ନାହିଁ। ଏହି ଉକ୍ତିକୁ ସତ ପ୍ରମାଣିତ କରିଛନ୍ତି ଦକ୍ଷିଣ କୋରିଆର ୮୫ ବର୍ଷୀୟା ବୃଦ୍ଧା କିମ୍ ଜୋଙ୍ଗ ଜା। ନିକଟରେ କିମ୍ ସୁକମ୍ୟୁଙ୍ଗ ମହିଳା ବିଶ୍ୱବିଦ୍ୟାଳୟରୁ ସୋସିଆଲ ୱେଲଫେୟାରରେ ଆସୋସିଏଟ୍ ଡିଗ୍ରୀ ହାସଲ କରିଛନ୍ତି। ତେବେ ଏହି ବୃଦ୍ଧାଙ୍କ ସମ୍ପର୍କରେ ଖାସ୍ କଥାଟି ହେଉଛି, ୭୮ ବର୍ଷ ଯାଏଁ ସେ ନିରକ୍ଷର ଥିଲେ। ଯୁଦ୍ଧ ସ୍ଥିତି ଓ ଗରିବୀ ଯୋଗୁଁ ପିଲାଦିନେ ସେ ସ୍କୁଲ ଯାଇ ଶିକ୍ଷାଗ୍ରହଣ କରିପାରି ନ ଥିଲେ। ହେଲେ ପରିଣତ ବୟସରେ କିନ୍ତୁ ସେ ସାକ୍ଷର ହେବାକୁ ନିଷ୍ପତ୍ତି ନେଇଥିଲେ। ୭୮ ବର୍ଷ ବୟସରେ ସେ ପ୍ରଥମେ ହଙ୍ଗୁଲ (କୋରିଆ ଲିପି) ଶିଖିବା ଆରମ୍ଭ କଲେ। ପ୍ରାରମ୍ଭରେ ଯଦିଓ ତାଙ୍କୁ ଏଥିପାଇଁ ଲାଜ ଲାଗୁଥିଲା କିନ୍ତୁ ପାଠ ପଢ଼ିବା ନିଶା ଯୋଗୁଁ ସେ ଏଥିରୁ ନିବୃତ୍ତ ହେଲେ ନାହିଁ। ମାତ୍ର କେତେ ମାସ ମଧ୍ୟରେ ସେ ଲେଖାପଢ଼ା ଜାଣିଗଲେ। ପୌଢ଼ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ସେ ମାଧ୍ୟମିକ ଓ ହାଇସ୍କୁଲ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଲେ। ୨୦୨୪ ମସିହାରେ କଲେଜ ପ୍ରବେଶିକା ପରୀକ୍ଷା (ସିଏସ୍‌ଏଟି) ଦେବାରେ କୋରିଆର ସବୁଠୁ ବୟସ୍କା ଛାତ୍ରୀ ହେବାର ରେକର୍ଡ କଲେ। ଏହାପରେ ତାଙ୍କୁ ସୁକମ୍ୟୁଙ୍ଗ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଅନୁମତି ମିଳିଥିଲା। ଏଠାରେ ସେ ସୋସିଆଲ ୱେଲ୍‌ଫେୟାର୍ କୋର୍ସ କରିଥିଲେ। ଗ୍ରାଜୁଏସନ୍ ସେରିମନିରେ ଯେତେବେଳେ ସେ ଡିଗ୍ରୀ ଆଣିବାକୁ ପହଞ୍ଚିଥିଲେ ପୂରା ଅଡିଟୋରିୟମ୍ କରତାଳିରେ ଫାଟି ଉଠିଥିଲା। କିମ୍ କୁହନ୍ତି, ସେ କମ୍ପ୍ୟୁଟର ଚଳାଇବା ଜାଣି ନଥିବାରୁ ଆସାଇନ୍‌ମେଣ୍ଟଗୁଡ଼ିକ ହାତରେ ଲେଖୁଥିଲେ। ଏଥିପାଇଁ ପୂରା ଦିନ ଲାଗି ଯାଉଥିଲା। ତାଙ୍କୁ ପ୍ରଫେସର ଏଥିପାଇଁ ଅଧିକ ସମୟ ଦେଉଥିଲେ। ବୟସାଧିକ୍ୟ ଯୋଗୁଁ ସେ ପାଠଗୁଡ଼ିକୁ ଭୁଲି ଯାଉଥିଲେ। ହେଲେ ସେ ପାଠ ପଢ଼ା ଛାଡ଼ି ନଥିଲେ।' କିମ୍‌ଙ୍କ କାହାଣୀ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।



## ସମ୍ଭାବନା



## ସ୍ମାର୍ଟ ୱାର୍କରୁ ସଫଳତା

**ଅଫିସ୍‌ରେ ଅଧିକ କାମ କରିବା, ଲଗାତାର ମିଟିଂ ଯୋଗୁଁ କାମ କରିବା ଅନେକ ସମୟରେ କଷ୍ଟକର ହୋଇଥାଏ। ହେଲେ କିଛି ସ୍ମାର୍ଟ ଉପାୟକୁ ଆପଣାଇଲେ କାର୍ଯ୍ୟରେ ସଫଳତା ସହଜରେ ମିଳିପାରିବ।**

- ଅଫିସ୍‌ରେ ସମୟ ବହୁତ ଶୀଘ୍ର ଅତିବାହିତ ହୋଇଥାଏ। ଫଳରେ କାମ ଅଧୁରା ରହେ। ତେଣୁ ସ୍ମାର୍ଟ ୱାର୍କ ଏବଂ ଅଧିକ ପରିଶ୍ରମରେ ଏହାର ସମାଧାନ କରାଯାଇପାରିବ।
- ଯୋଜନା ମୁତାବକ କାମ କରିବା ଖୁବ୍ ଜରୁରି। ଦିନର ଆରମ୍ଭରୁ ଜାଣିବା ଦରକାର, କେଉଁ କାମ କେତେବେଳେ କରିବା ଦରକାର। ଗୁରୁତ୍ୱ ରଖୁଥିବା କାମକୁ ପ୍ରଥମେ କରିବା ଉଚିତ।
- ପ୍ରତି ୪୦ ମିନିଟ୍ ବ୍ୟବଧାନରେ ଛୋଟ ବ୍ରେକ୍ ନିଅନ୍ତୁ। ମସ୍ତିଷ୍କ ଶାନ୍ତ ରହିବା ସହ ସତେଜ ଲାଗେ। ଫଳରେ କାମ କରିବାରେ ଆଗ୍ରହ ଆସେ।
- ଗୋଟିଏ ସମୟରେ ଗୋଟିଏ କାମ କରିବା ଉପରେ ଗୁରୁତ୍ୱ ଦିଅନ୍ତୁ। ମଲଟିଟାସ୍କିଂ ଦ୍ୱାରା କାମର ଗୁଣବତ୍ତା ଖରାପ ହୋଇଥାଏ।
- ବ୍ୟବସ୍ଥିତ ଡେସ୍କ୍‌ରେ କାମ କରିବା ଦ୍ୱାରା କାମ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ।
- ସ୍ମାର୍ଟ ୱାର୍କ ଏବଂ ଠିକ୍ ମ୍ୟାନେଜମେଣ୍ଟ ଦ୍ୱାରା ଅଫିସ୍ ଜୀବନ ଚିନ୍ତାମୁକ୍ତ ରହେ। ଫଳରେ କାର୍ଯ୍ୟର ଉତ୍ପାଦନ କ୍ଷମତା ବୃଦ୍ଧି ପାଏ।

## କ୍ୟାରିୟରରେ ଉନ୍ନତି ଚାହୁଁଥିଲେ...



**କ୍ୟାରିୟର୍‌ରେ ସଫଳତା ହାସଲ କରିବା ସମସ୍ତଙ୍କ ସ୍ୱପ୍ନ ହୋଇଥାଏ। ତେବେ ଲୋକମାନେ ଅଜାଣତରେ ଏମିତି କିଛି ଭୁଲ କରି ବସନ୍ତି, ଯାହାକି ସେମାନଙ୍କ ପ୍ରଫେସନାଲ ଉନ୍ନତିରେ ବାଧା ସୃଷ୍ଟି କରିଥାଏ।**

- ଭଲ ଲୋକଙ୍କ ସହ ଜଡ଼ିତ ହେଲେ କ୍ୟାରିୟରର ଦିଗ ବଦଳି ଥାଏ। ସାଙ୍ଗ, ସହକର୍ମୀ ଏବଂ ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ସହ କ୍ରମାଗତ ଯୋଗାଯୋଗ ରକ୍ଷା କରିବା ଦରକାର। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ୱାର୍କ ଇଭେଣ୍ଟକୁ ଉପଯୋଗ କରି ନିଜ ପାଇଁ ନୂଆ ସୁଯୋଗ ସନ୍ଧାନ କରିପାରିବେ।
- ଠିକ୍ ସମୟରେ କାମ ନ କରିବା ଅଭ୍ୟାସ ମଧ୍ୟ ଜଣକୁ କ୍ୟାରିୟରରେ ପଛକୁ ନେଇଥାଏ। କାମକୁ ବିଳମ୍ବରେ କରିବା ଅଭ୍ୟାସ ମଧ୍ୟ ବରିଷ୍ଠ ଲୋକଙ୍କ ପାଖରେ ଖରାପ ଛବି ସୃଷ୍ଟି କରିଥାଏ।
- କାମ କରିବା ବେଳେ କେବଳ ଦରମା ଉପରେ ଦୃଷ୍ଟି ଦେବା କ୍ୟାରିୟର ଉନ୍ନତିରେ ବାଧା ଦେଇ ଥାଏ। ଚାକିରିରେ ଦରମା ବ୍ୟତୀତ ଅଭିଜ୍ଞତା, ଦକ୍ଷତା ମଧ୍ୟ ଗୁରୁତ୍ୱ ବହନ କରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଛୋଟ ସୁଯୋଗ ମଧ୍ୟ ବଡ଼ ଲାଭ ଦେଇ ଥାଏ।
- ନିଜକୁ ସମୟ ସହିତ ଓ ଟ୍ରେଣ୍ଡ ଅନୁସାରେ ଅପଡେଟ୍ ରଖିବା ମଧ୍ୟ ଖୁବ୍ ଜରୁରି। ନୂଆ ଟେକ୍ନିକ୍ ଏବଂ କୌଶଳ ସହିତ ଆଗକୁ ବଢ଼ିବା ଉଚିତ। ବିଶେଷକରି ଏବର ଏଆଇ ଯୁଗରେ ଏ ସମ୍ବନ୍ଧିତ ଜ୍ଞାନକୌଶଳ ଶିକ୍ଷା ଲାଭ କରିବା ଉଚିତ।
- ପ୍ରଫେସନାଲ ଜୀବନରେ ଭରସା ସବୁଠୁ ବଡ଼ ପୁଞ୍ଜି। ବାରମ୍ବାର କାମ ଅଧୁରା ଛାଡ଼ିବା ଦ୍ୱାରା ଲୋକଙ୍କ ମଧ୍ୟରେ ଦୂରତ୍ୱ ବଢ଼ିଥାଏ। ଭରସା ବଜାୟ ରଖିବା ପାଇଁ କାମକୁ ସମୟ ଅନୁସାରେ ପୂରା କରିବା ଦରକାର।

## ବଢ଼ୁଛି କର୍ପୋରେଟ୍ ଇନଫ୍ଲୁଏନ୍‌ସର ଟ୍ରେଣ୍ଡ

**ସୋସିଆଲ ମିଡିଆରେ କର୍ପୋରେଟ୍ କର୍ମଚାରୀଙ୍କ ଜୀବନଶୈଳୀ ଏବେ ମନୋରଞ୍ଜନ ତଥା ଆୟର ନୂଆ ମାଧ୍ୟମ ପାଲଟିଛି। କିଏ ବ୍ୟାଙ୍କର ଦିନଚର୍ଯ୍ୟା ଦେଖାଉଛନ୍ତି ତ କିଏ ମାର୍କେଟିଂ ପ୍ରଫେସନାଲର। ସେହିପରି କିଏ ୨୦ ଘଣ୍ଟାର କାମ ତ ଆଉ କିଏ ୯ଟାରୁ ୫ଟା ପର୍ଯ୍ୟନ୍ତର ଅଫିସ୍ ଜୀବନ ଓ ତାହାର ପ୍ରସ୍ତୁତି ଦେଖାଉଛନ୍ତି। ତେବେ ଯେଉଁମାନେ ଏସବୁ ପ୍ରଦର୍ଶନ କରୁଛନ୍ତି, ସେମାନଙ୍କୁ କର୍ପୋରେଟ୍ ଇନଫ୍ଲୁଏନ୍‌ସର ବୋଲି କୁହାଯାଉଛି। ଏହାସହିତ ଏହି ଟ୍ରେଣ୍ଡର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି।**

ବିଶେଷଜ୍ଞ ଅନୁସାରେ, କର୍ପୋରେଟ୍ ଇନଫ୍ଲୁଏନ୍‌ସରଙ୍କ ବିଭିନ୍ନ ପ୍ରକାର ଭିଡିଓ ଟିମ୍ ଭାବନା ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏହାଦ୍ୱାରା ଅଫିସ୍ ପରିବେଶ ହାଲୁକା ଲାଗେ। ବର୍ତ୍ତମାନ ଏମିତି ହେଉଛି ଯେ, ଲୋକେ ଇନଫ୍ଲୁଏନ୍‌ସରଙ୍କ ଉପରେ ବ୍ରାଣ୍ଡଠାରୁ ଅଧିକ ଭରସା କରୁଛନ୍ତି। କାରଣ ସେମାନେ ନିତିଦିନର ଜୀବନକୁ ଅସଲ ଶୈଳୀରେ ଦେଖାଉଛନ୍ତି।

କର୍ପୋରେଟ୍ ଇନଫ୍ଲୁଏନ୍‌ସର ଅଫିସ୍ ଚ୍ୟାଲେଞ୍ଜ, ଚାପ, ମଜାକ ଆଦିକୁ ସାମ୍ନାକୁ ଆଣୁଛନ୍ତି। ଏହା ଦ୍ୱାରା ଲୋକେ ନିଜକୁ ସେହି ଘଟଣା ସହିତ ଜଡ଼ିତ କରୁଛନ୍ତି। କହିବାକୁ ଗଲେ, ସେମାନେ ଅଫିସ୍‌ର ବାସ୍ତବିକତାକୁ ପ୍ରତିଫଳିତ କରାଇଥାନ୍ତି। କମ୍ପାନିମାନେ ବି ସେମାନଙ୍କ ଗୁରୁତ୍ୱକୁ ବୁଝିଲେଣି। ସେଥିପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କରୁଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଗ୍ରାହକ ଏବଂ କର୍ମଚାରୀଙ୍କ ସହିତ ଜଡ଼ିତ ହେବା।

ସେହିପରି ଭାରତରେ କର୍ପୋରେଟ୍ ଇନଫ୍ଲୁଏନ୍‌ସର ସୋସିଆଲ ମିଡିଆରେ କଣ୍ଟେଣ୍ଟ ତିଆରି କରୁଥିବା ଲୋକଙ୍କ ମଧ୍ୟରେ ନାହାନ୍ତି। ସେମାନେ ବିଜନେସ ଲିଡର, ବ୍ରାଣ୍ଡ ଲିଡର, ପ୍ରେରକ ବ୍ୟକ୍ତିତ୍ୱ ହୋଇଗଲେଣି। ସେମାନଙ୍କ ବଢ଼ୁଥିବା ସଂଖ୍ୟା ଏହା ଦର୍ଶାଉଛି ଯେ, ଭବିଷ୍ୟତରେ କର୍ପୋରେଟ୍ କଲଚର ଏବଂ ମାର୍କେଟିଂ ରଣନୀତି ଇନଫ୍ଲୁଏନ୍‌ସରଙ୍କ ଭୂମିକାକୁ ଆହୁରି ଅଧିକ ମଜଭୁତ କରିବ।



## ଯୁକ୍ତ ଦୁଇ ପରୀକ୍ଷା ପ୍ରସ୍ତୁତି

**ଆରମ୍ଭ ହୋଇଛି ଯୁକ୍ତ ଦୁଇ ପରୀକ୍ଷା। ବିଦ୍ୟାର୍ଥୀମାନେ ପରୀକ୍ଷା ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏହି ପରୀକ୍ଷା ପ୍ରସ୍ତୁତି କିଭଳି ରହିବା ଦରକାର, ସେ ସମ୍ପର୍କରେ ଜାଣିବା।**



- ପଢ଼ା ସମୟରେ ନିଜ ପାଠକୁ ବୁଝି, ସେହି ଅନୁସାରେ ନିଜର ଏକ ନୋଟ୍ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ବିଷୟକୁ ମନେ ରଖିବା ଓ ରିଭିଜନ୍ କରିବା ସହଜ ହୁଏ।
- ଯୋଜନା ପ୍ରସ୍ତୁତ କରିବା ବେଳେ ଯେଭଳି ଗୋଟିଏ ବିଷୟ ଉପରେ ଅଧିକ ଧ୍ୟାନ ନ ଦେବେ, ସେଭଳି ପ୍ରସ୍ତୁତ କରିବା ଭଲ। କାରଣ ଗୋଟିଏ ବିଷୟ ଉପରେ ଅଧିକ ସମୟ ଦେବା ଆଦୌ ଠିକ୍ ନୁହେଁ।
- ପରୀକ୍ଷା ପାଇଁ କେତେ ସମୟ ଅଛି, ତାହାକୁ ଦୃଷ୍ଟିରେ ରଖି ନିଜ ପଢ଼ା ଯୋଜନା ପ୍ରସ୍ତୁତ କରିବା ଦରକାର।
- ପରୀକ୍ଷା ପୂର୍ବରୁ ପୂର୍ବ ବର୍ଷ ପରୀକ୍ଷା ପ୍ରଶ୍ନ ସହ ପରିଚିତ ହେବା ଜରୁରି। ଏହାଦ୍ୱାରା ପଢ଼ା ଯୋଜନା ଏବଂ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ ମିଳେ।
- ରାତିରେ ପଢ଼ିବା ବେଳେ ମଝିରେ ମଝିରେ ପାଣି, ଚା' କିମ୍ବା କଫି ପିଅନ୍ତୁ; ନିଦ ଲାଗିବ ନାହିଁ।